


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୨ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 02 FEBRUARY 2021

Vol.No. 31 ■ No. 31 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚଳିତ ବଜେଟରୁ ସିଂହଭାଗ ଲାଭ ପାଇବ ଓଡିଶା : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୧।୦୨ (ନି.ପ୍ର): ସଂସଦରେ ସୋମବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଆତ୍ମନିର୍ଭର ଭାରତର ୬ଟି ସ୍ତମ୍ଭ ଯଥା ସ୍ୱାସ୍ଥ୍ୟ କଲ୍ୟାଣ, ଭୌତିକ ଓ ଆର୍ଥିକ ପୁଞ୍ଜି ଏବଂ ଭିତିଭୂମି, ଆକାଂକ୍ଷା ଭାରତ ପାଇଁ ସମାବେଶୀ ବିକାଶ, ମାନବ ପୁଞ୍ଜିରେ ନୂଆ ଉନ୍ମାଦନା ସୃଷ୍ଟି କରିବା ସହ ନବଉନ୍ମେଷ ଓ ଗବେଷଣା ବିକାଶ, ନ୍ୟୁନତମ ସରକାର ଏବଂ ସର୍ବତୋମ ଶାସନ ଉପରେ ଆଧାରିତ ୨୦୨୧-୨୨ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ଚଳିତ ବଜେଟର ବିଭିନ୍ନ କ୍ଷେତ୍ରରୁ ଓଡିଶା ସିଂହଭାଗ ଲାଭ ପାଇବ ସହ ରାଜ୍ୟର ସବୁ ବର୍ଗର ଲୋକମାନେ ବିଶେଷଭାବରେ ଉପକୃତ ହୋଇପାରିବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ୨୦୨୧-୨୨ ଆର୍ଥିକ ବର୍ଷର ସାଧାରଣ ବଜେଟକୁ ଯୁଗାନ୍ତକାରୀ ବଜେଟ୍ କହିବା ସହ ବଜେଟରେ କ୍ରୟ ଏବଂ ଖର୍ଚ୍ଚର ପୁନଃଉଦ୍ଧାର ସହ ପୁଞ୍ଜିନିବେଶ, ନିର୍ମାଣକୁ ଗତିଦେବା, ଭିତିଭୂମିକୁ ସୁଦୃଢ କରିବା, ଏମଏସଏମଇକୁ ଆଗ୍ରାଧିକାର ଦେବା, ନୂଆ ସୁଯୋଗ ▶▶ପୃଷ୍ଠା ୭

# କରୋନା ବେଳର ବଜେଟରେ ଚାଷୀ, ସ୍ୱାସ୍ଥ୍ୟ ସେବା ଓ ଭିତିଭୂମି ଉପରେ ଫୋକସ



ନୂଆଦିଲ୍ଲୀ,୦୧।୦୨ : କରୋନା ସଙ୍କଟ ଭିତରେ ଆତ୍ମନିର୍ଭର ଭାରତ ଉପରେ ଜୋର ଦେଇ ମୋଦି ସରକାର ଆଜି ସାଧାରଣ ବଜେଟ ଉପସ୍ଥାପନ କରିଛନ୍ତି। ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ପ୍ରସ୍ତୁତ ପାଇଁ ପ୍ରୋତ୍ସାହନ ବଢାଇ ଥିବା ବେଳେ ଆୟକର ସ୍ଲାବରେ କୌଣସି ପରିବର୍ତନ କରିନାହାନ୍ତି। ସେହିପରି ବିଦେଶ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ ବୀମାକ୍ଷେତ୍ରରେ ଏଫଡିଆଇକୁ ୪୯ ପ୍ରତିଶତରୁ ୭୪ ପ୍ରତିଶତକୁ ବଢାଇଛନ୍ତି ସରକାର। ସଂକଟ ସମୟରେ ଚାକିରିଆଠୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ଆଶ୍ୱସ୍ତ କଲା ଭଳି ଘୋଷଣା ହେବ ବୋଲି ଯେଉଁ ଆଶା କରାଯାଉଥିଲା, ବଜେଟରେ ସେଭଳି ଦେଖିବାକୁ ମିଳିଲା ନାହିଁ। ଆସନ୍ତୁ ଜାଣିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟରେ କଣ ବଡ ଘୋଷଣା କରିଛନ୍ତି। ଚଳିତ ଆର୍ଥିକ ବର୍ଷ ପାଇଁ ଆୟକର ଛାଡ ସୀମାରେ କୌଣସି ପରିବର୍ତନ କରିନାହାନ୍ତି ସରକାର, ପେନସନଭୋଗୀ ଏବଂ ସୁଧ ଏକମାତ୍ର ଆୟର ଉତ୍ସ ହୋଇଥିବା ୭୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ ଆୟକର ରିଟର୍ଣ୍ଣ ଦାଖଲ କରିବାକୁ ପଡିବ ନାହିଁ, କରୋନା ପାଇଁ ସ୍ୱାସ୍ଥ୍ୟ ବଜେଟକୁ ୧୩୭ ପ୍ରତିଶତ ବଢାଇ ଚଳିତ ବଜେଟରେ ୨ ଲକ୍ଷ ୨୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଦେଶବାସୀ ମହାମାରି ସହ ଲଢୁଥିବା ବେଳେ କୋଭିଡ୍ ଭ୍ୟାକସିନ୍ ପାଇଁ ୩୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ ଏଫଡିଆଇକୁ ୪୯ ପ୍ରତିଶତରୁ ୭୪ ପ୍ରତିଶତକୁ ବୃଦ୍ଧି କରାଯାଇଛି, ମୋଟ ଆତ୍ମନିର୍ଭର ▶▶ପୃଷ୍ଠା ୭

| ଶସ୍ତା ହେବ | ମହଙ୍ଗା ହେବ |
|---|---|
| ■ ଚମଡ଼ା ତିଆରି ସାମଗ୍ରୀ | ■ ମୋବାଇଲ, ମୋବାଇଲ ଉପକରଣ |
| ■ ଜୋତା | ■ ବିଦେଶରୁ ଆସୁଥିବା କପଡ଼ା |
| ■ ଡ୍ରାଏ କ୍ଲିନିଂ | ■ ମଦ |
| ■ ଲୁହାରୁ ପ୍ରସ୍ତୁତ ଦ୍ରବ୍ୟ | ■ ଲ୍ୟାମ୍ପ୍ |
| ■ ଷ୍ଟିଲ ବାସନ | ■ ସୋଲାର ଇନଭର୍ଟର |
| ■ ସୁନା, ରୂପା | ■ ବିଦେଶୀ ଖାଇବା ତେଲ |
| ■ ତମ୍ବାରୁ ନିର୍ମିତ ସାମଗ୍ରୀ | ■ ବିଦେଶୀ ଅଟୋ ପାର୍ଟସ |
| ■ ରଙ୍ଗ | ■ ବିଦ୍ୟୁତ୍ ଉପକରଣ |
| ■ ବିଜୁଳି | |
| ■ ପଲିଷ୍ଟର ଓ | |
| ■ କୃଷି ଉପକରଣ ଶସ୍ତା ହେବ | |

## କଟକର ଘରୋଇ ହସ୍ପିଟାଲ୍‌ରେ ଭୟଙ୍କର ନିଆଁ



କଟକ,୦୧।୦୨ (ନି.ପ୍ର): କଟକ ତୁଳସୀପୁର ସ୍ଥିତ 'ସନ୍ ହସ୍ପଟାଲ୍‌ରେ ନିଆଁ ଲାଗି ଯାଇଛି। ନିଆଁ ଲାଗିଥିବା ହସ୍ପିଟାଲରୁ ପ୍ରବଳ ଧୂଆଁ ନିର୍ଗତ ହେଉଛି। ହସ୍‌ପିଟାଲ୍‌ର ପୂରା ଉପର ମହଲାରେ ନିଆଁ ଲାଗିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନି। ନିଆଁ ଲିଭାଇବାକୁ ଘଟଣା ସ୍ଥଳରେ ୫ଟି ଅଗ୍ନିଶମ ଗାଡ଼ି ଉଦ୍ୟମ କରୁଛି। ହସ୍‌ପିଟାଲ୍‌ରେ ଥିବା ଗୁରୁତର ରୋଗୀମାନଙ୍କୁ ଅନ୍ୟ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଘଟଣାସ୍ଥଳରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, କମିଶନର, ଡିସିପି, ବିଧାୟକ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ଏନେଇ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ନିଆଁ ଲିଭା ସରିଥିବା ବେଳେ ସ୍ଥିତି ନିୟନ୍ତ୍ରଣାଧୀନ ଅଛି। ୧୧ ରୋଗୀଙ୍କୁ ଏସ୍‌ସିବି ସମେତ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିଶମ ବାହିନୀ ତଦନ୍ତ କରି ରିପୋର୍ଟ ଦେବା ପରେ ପଦକ୍ଷେପ ନିଆଯିବ। ଏନେଇ କଟକ ବିଧାୟକ ମହମ୍ମଦ ମୁକିମ କହିଛନ୍ତି, ସନ୍ ନର୍ସିଂହୋମ କଟକର ବହୁ ପୁରୁଣା ନର୍ସିଂହୋମ। ▶▶ପୃଷ୍ଠା ୭

# ବଜେଟ୍ ଉପସ୍ଥାପନ ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

## ଭାରତର ଆତ୍ମବିଶ୍ୱାସ ବଢାଇବା ଭଳି ବଜେଟ୍, ବଜେଟ୍ ହୃଦୟରେ ଦେଶର ଚାଷୀ



ନୂଆଦିଲ୍ଲୀ,୦୧।୦୨ : ବଜେଟ୍ ଉପସ୍ଥାପନ ପରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଲେ, କରୋନା ଭଳି କଠିନ ସ୍ଥିତିରେ ବଜେଟ୍ ଆସିଛି। ଲୋକଙ୍କ ଜୀବନରେ ବଜେଟ୍, ଅନେକ ପରିବର୍ତ୍ତନ ଆଣିବ। ବଜେଟରେ ସ୍ୱାସ୍ଥ୍ୟ ଯୋଜନାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସବୁ ରାଜ୍ୟରେ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିବା ଉଦବୋଧନ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ୍ ହୃଦୟରେ ଦେଶର ଚାଷୀ ରହିଛନ୍ତି। ବଜେଟ୍, କୋଷ୍ଟାଲ ରାଜ୍ୟକୁ ବିଜନେସ୍ ପାୱାର ହାଉସ କରିବ। ଭାରତ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ମଜବୁତ ପାଦ ବଢ଼ାଇବ। କୃଷି ଓ କୃଷକଙ୍କ ଆୟ ବଢ଼ାଇବା ପାଇଁ ଏହି ବଜେଟରେ ନିଷ୍ପତ୍ତି ନିଆଯାଇଛି। ବଜେଟ ହୃଦୟରେ ବିଶେଷ କରି କୃଷକମାନଙ୍କୁ ରଖାଯାଇଛି। ନିଯୁକ୍ତି ପାଇଁ ବଜେଟରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାରତର ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ବଜେଟରେ ଗୁରୁତ୍ୱାରୋପ କରାଯାଇଛି। ୨୦୨୧ ବର୍ଷରେ ଭାରତର ବିକାଶ ପାଇଁ ଏହି ବଜେଟ୍ ସହାୟକ ହେବ।

## ୮ରୁ ଆରମ୍ଭ ହେବ ନବମ ଓ ଏକାଦଶ ଶ୍ରେଣୀର ପାଠପଢା



ଭୁବନେଶ୍ୱର,୦୧।୦୨ (ନି.ପ୍ର): ଆସନ୍ତା ଫେବୃଆରୀ ୮ ତାରିଖରୁ ନବମ ଓ ଏକାଦଶ ଶ୍ରେଣୀର ପିଲା ସ୍କୁଲ ଯିବେ। କୋଭିଡ୍ କଟକଣା ଭିତରେ ପିଲାମାନେ ସ୍କୁଲ ଆସି ପାଠ ପଢିବେ। ୯ମ ଏବଂ ୧୧ଶ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଠପଢା ଏପ୍ରିଲ୍ ୩୦ ତାରିଖ ପର୍ଯ୍ୟନ୍ତ କ୍ଲାସ୍ ଚାଲିବ। ସୋମବାର ଦିନ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ୯ମ ଏବଂ ୧୧ଶ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଠପଢା ସୋମବାର ଠାରୁ ଶନିବାର ସକାଳ ୮.୩୦ରୁ ୧୦.୩୦ ପର୍ଯ୍ୟନ୍ତ ହେବ ଏବଂ ରବିବାର ବନ୍ଦ ରହିବ। ତେବେ ସ୍ଥାନୀୟ ପାଣିପାଗକୁ ଦୃଷ୍ଟିରେ ରଖି ସମୟ ପରିବର୍ତନ କରାଯାଇପାରିବ। ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ନବମ ଓ ଏକାଦଶ ▶▶ପୃଷ୍ଠା ୭

# ୧୮ରୁ ବିଧାନସଭା ଅଧିବେଶନ

## ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ଅଧିବେଶନ, ୨୨ରେ ବଜେଟ୍, ୨ ଟି ପର୍ଯ୍ୟାୟରେ ୩୧ ଦିନ ବସିବ ଗୃହ

ଭୁବନେଶ୍ୱର,୦୧।୦୨ (ନି.ପ୍ର): ଆସନ୍ତା ଫେବୃଆରୀ ୧୮ ତାରିଖ ଠାରୁ ୧୬ତମ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ବଜେଟ୍ ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଅଭିଭାଷଣ ରଖିବେ ଏବଂ ଫେବୃଆରୀ ୨୨ ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ମାର୍ଚ୍ଚ ୩୧ ତାରିଖରେ ବିନିଯୋଗ ବିଲ୍ ଉପସ୍ଥାପନ କରାଯିବ। ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ଅଧିବେଶନରେ ମୋଟ ୩୧ଟି କାର୍ଯ୍ୟ ଦିବସ ରହିଛି। ଏପ୍ରିଲ୍ ୯ ତାରିଖରେ ଅବଧିବେଶନ ଶେଷ ହେବ। ଏସମ୍ପର୍କରେ ସୋମବାର ଦିନ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ୨ ଟି ପର୍ଯ୍ୟାୟରେ ଅଧିବେଶନ ବସିବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୮ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଠକ ମାର୍ଚ୍ଚ ୧୨ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ୍ ୯ ତାରିଖରେ ଶେଷ ହେବ। ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ୍ ଅଧିବେଶନ ଆରମ୍ଭ ହେବ। ▶▶ପୃଷ୍ଠା ୭

## ପ୍ୟାକ୍ସ ସଂପାଦକମାନଙ୍କୁ ସଂପତ୍ତି ତାଲିକା ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର,୦୧।୦୨ (ନି.ପ୍ର): ରାଜ୍ୟର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକମାନଙ୍କୁ ସରକାରଙ୍କ ନିକଟରେ ସଂପତି ତାଲିକା ଦାଖଲ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଂପାଦକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ସଂପତି ତାଲିକାର ସଦ୍ୟତମ ସ୍ଥିତି ସଂପର୍କରେ ଏକ ରିପୋର୍ଟ ପଠାଇବା ପାଇଁ ସମସ୍ତ ଡିଭିଜନ୍‌ର ଡିଆରସିଏସ୍ ଏବଂ ସମସ୍ତ ସର୍କଲର ଏଆରସିଏସ୍‌ମାନଙ୍କୁ କୁହାଯାଇଛି। ନିବନ୍ଧକ, ସମବାୟ ସମିତି ସମୂହଙ୍କ ପକ୍ଷରୁ ଏହି ମର୍ମରେ ଡିଭିଜନାଲ ଡେପୁଟି ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି ଏବଂ ସର୍କଲର ଆସିଷ୍ଟାଂଟ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟିଙ୍କୁ ପତ୍ର ଲେଖାଯାଇଛି। ଯେଉଁମାନେ ସଂପତି ବିବରଣୀ ଦେଇଛନ୍ତି ଏବଂ ଯେଉଁମାନେ ଅଦ୍ୟାବଧି ଦେଇ ନାହାନ୍ତି, ତା'ର ତାଲିକା ନିର୍ଦ୍ଦିଷ୍ଟ ଫରମାଟ୍‌ରେ ପ୍ରସ୍ତୁତ କରି ତୁରନ୍ତ ବିଭାଗକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

# ବଜେଟ୍ ଉପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା



ଭୁବନେଶ୍ୱର,୦୧।୦୨ (ନି.ପ୍ର): କୋଭିଡ୍ ପରବର୍ତ୍ତୀ ଦୃଶ୍ୟରେ ଏହା ହେଉଛି ପ୍ରଥମ ବଜେଟ୍ ଏବଂ ସେଠାରେ ଅନେକ ନୂତନ ଚ୍ୟାଲେଞ୍ଜ ଅଛି, ଯାହା ଏହି ବଜେଟ୍ ସମାଧାନ କରିବ ବୋଲି ଆଶା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ବଜେଟ ଉପସ୍ଥାପନ କରିବା ପରେ ମୁଖ୍ୟମନ୍ତ୍ରୀ ଏହା ଉପରେ ପ୍ରତିକ୍ରିୟା ରଖି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କ୍ୟାପିଟାଲ ଇନଭେଷ୍ଟମେଂଟ, କରୋନା ଟିକା ପାଇଁ ବ୍ୟୟବରାଦ ଓ ଆତ୍ମନିର୍ଭର ଭାରତ ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିବା ବେଳେ ପଂଚଦଶ ଅର୍ଥ କମିସନରେ ରାଜ୍ୟ ଭାଗ ଟିକସ କମୁଛି ବୋଲି କହିଛନ୍ତି। ଶିଳ୍ପ ଏବଂ କ୍ଷେତ୍ର ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ଯଦି ଆବଂଟନ ସହିତ ମେଳ ହୁଏ ତେବେ ଏହା ଆଶା ପ୍ରଦାନ କରିବ। ଚଳିତ ବର୍ଷ ପାଇଁ ▶▶ପୃଷ୍ଠା ୭

# ରୋଗୀ ମୃତ୍ୟୁରୁ ସଦର ହସପିଟାଲରେ ଭଙ୍ଗାରୁଜା : ଉତ୍ତେଜିତ ଲୋକଙ୍କ ରାସ୍ତାରୋକ



ବାଲେଶ୍ୱର,୦୧।୦୨ (ନି.ପ୍ର): ରୋଗୀ ମୃତ୍ୟୁକୁ ନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଉତ୍ତେଜନା ପ୍ରକାଶ ସହ ଦୀର୍ଘସମୟ ଧରି ରାସ୍ତାରୋକ କରାଯାଇଥିଲା। ସଦରଥାନା ଅନ୍ତର୍ଗତ ତୁଟାପାଳ ଅଞ୍ଚଳର ଗଜେନ୍ଦ୍ର ମାଝୀଙ୍କ ପୁତ୍ର ଦେବରାଜ ମାଝୀ (୨୪) କ୍ରିକେଟ ମ୍ୟାଚ ପରେ ଅସୁସ୍ଥ ହୋଇ ଅପରାହ୍ନରେ ଡାକ୍ତରଖାନାକୁ ଦେଖାଇବାକୁ ଆସିଥିଲେ। ଆଉଟଡୋରରେ ଡାକ୍ତରଙ୍କୁ ଦେଖାଇ ନିରାମୟ କାଉଣ୍ଟରରୁ ଔଷଧ ନେଇ ବାହାରେ ଖାଇ ଆହୁରି ଅସୁସ୍ଥ ହୋଇ ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ନେଇ ଆସିଥିବା ବେଳେ ଡାକ୍ତର ଏଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଉଟଡୋର ଡାକ୍ତରଙ୍କ ଦ୍ୱାରା ପ୍ରେସକ୍ରିପ୍ସନ କରାଯାଇଥିବା ଔଷଧ ଖାଇ ଦେବରାଜଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତୋଟାପାଳ ଅଞ୍ଚଳବାସୀ ଡାକ୍ତରଖାନାରେ ଭଙ୍ଗାରୁଜା ସହ ରାସ୍ତାରୋକ କରିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀଙ୍କ ସମେତ ସଦର ବିଧାୟକ ରାସ୍ତାରୋକ ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ରାତି ୯ ଟା ପର୍ଯ୍ୟନ୍ତ ରାସ୍ତାରୋକ ଉଠିନଥିଲା।

# ୫ ଯାଏଁ ଶୀତରେ ଥରିବ ଓଡିଶା : ୭ ଜିଲ୍ଲାକୁ ଅରେଂଜ , ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୦୧।୦୨ (ନି.ପ୍ର): ଉତରପଶ୍ଚିମ ତଥା ଉତର ଦିଗରୁ ଆସୁଥିବା ଥଣ୍ଡା ଏବଂ ଶୁଷ୍କ ବାୟୁର ପ୍ରଭାବରେ ଓଡ଼ିଶାର କେତେକ ଜିଲ୍ଲାରେ ଶୀତ ଲହରୀ ଏବଂ ତୀବ୍ର ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି। ଆଗାମୀ ୩ ରୁ୪ ଦିନ ଯାଏଁ ଏଭଳି ସ୍ଥିତି ଲାଗି ରହିବ। ଅନ୍ୟପକ୍ଷରେ ଶୀତ ଲହରୀ ୱାର୍ଣ୍ଣିଂ ଦିଆଯାଇଥିବା ଜିଲ୍ଲାର ଜିଲ୍ଲାପାଳ ଓ ମ୍ୟୁନିପାଲଟି କମିଶନରମାନଙ୍କୁ ସତର୍କତାମୂଳକ ପଦକ୍ଷେପ ନେବାକୁ ଚିଠି ଲେଖିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ବା ଏସଆରସି। ତେବେ ଆଗାମୀ ୫ ଦିନ ପାଇଁ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଫେବୃଆରୀ ୧ ତାରିଖ ସକାଳ ଠାରୁ ୨ ତାରିଖ ସକାଳ ମଧ୍ୟରେ ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ବଲାଙ୍ଗୀର , ଦେବଗଡ ଏବଂ କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ତୀବ୍ର ଶୀତ ଲହରୀ ଅନୁଭୂତ ବହିବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାରେ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ସେହିପରି ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, ନୟାଗଡ଼, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, ▶▶ପୃଷ୍ଠା ୭

# ଜଳେଶ୍ୱର ବେସ୍ ଲିଆଫିର ବାର୍ଷିକ ଅଧିବେସନ




ଜଳେଶ୍ୱର,୧।୨ (ନି.ପ୍ର): ଲାଇଫ ଇନ୍ସୁରାନ୍ସ ଏଜେଣ୍ଟ ଫେଡ୍ରେସନ ଅଫ ଇଣ୍ଡିଆର ଜଳେଶ୍ୱର ବେସ୍ ପକ୍ଷରୁ ଆଜି ବାର୍ଷିକ ଅଧିବେସନ ଅଫିସ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭାସ୍କର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ କଟକ ଡିଭିଜନର କାଉନ୍ସିଲ ସଭାପତି ସପନ କୁମାର ମହାନ୍ତି ଯୋଗ ଦେଇ ଏଲ୍ଆଇସିର ଅତିତ ଓ ଭବିଷ୍ୟତ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ଶାଖା ପରିଚାଳକ ଅଶ୍ୱନୀ କୁମାର ଦାସ, ସହ ଶାଖା ପରିଚାଳକ ସହସ୍ରାଂଶୁ ପୋରହିତ, ସାଧାରଣ ସଂପାଦକ ପୁନିଲ କୁମାର ପରିଡା, କୋଷାଧ୍ୟକ୍ଷ ହେରମ୍ବ ପ୍ରସାଦ ନନ୍ଦ, ସଭାପତି ଗୋପାଳ କୃଷ୍ଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ସାଂଗଠନିକ ସଂପାଦକ ମନୋରଂଜନ ଦାସ ମଂଚ ଆହ୍ୱାନ ଓ ନିତାଇଲାଲ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷଲାଗି ନୂତନ କାର୍ଯ୍ୟକର୍ତ୍ତାଭାବେ ଅନାଦିଚରଣ ଗିରି ସଭାପତି, ମନୋରଂଜନ ଦାସ ସାଧାରଣ ସଂପାଦକ, ସଂଜିବ କୁମାର ଘୋଷ କୋଧ୍ୟକ୍ଷଭାବେ ମନୋନୀତ ହୋଇଥିବା ଜଣାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ଜେନା, ସନ୍ତୋଷ କୁମାର ଜେନା, ସୁବାଶିଷ ଚା. ତପନ କୁମାର ପରିଡା, ରାଜୀବ ଲୋଚନ ରାଉଳ, ମୃତ୍ୟୁଞ୍ଜୟ ବେହେରା, ପ୍ରତାପ ଚନ୍ଦ୍ର ମହାନ୍ତି, ଅରୁଣ କୁମାର ଜେନା, ସୁଜୟ କୁମାର କର, କନକଲତା ଦାସ, କିରଣ କୁମାର ଦାସ, ବ୍ରଜମୋହନ ଦାସ, ପ୍ରିୟବ୍ରତ ଜେନା, ଦେବାଶିଷ ସାହୁ, ଆଦିତ୍ୟ ଚକ୍ରବର୍ତ୍ତୀ, ଅନାଦି ଗିରି, ବିଷ୍ଣୁପ୍ରିୟା ବୁଗୁଡି, ଗୌରାବାଳା ଭୂୟାଁ, ଅରୁଣ ରାଉତ, ଅରୁଣ ଦାସ, ରାଜେନ୍ଦ୍ର ସାହୁ, ଦିଲ୍ଲିପ ମହାନ୍ତି, ଅନନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ଡିଗ୍ରୀ ଇଞ୍ଜିନିୟର୍ସ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧।୨ (ନି.ପ୍ର): ଓଡ଼ିଶା ଡିଗ୍ରୀ ଇଞ୍ଜିନିୟର୍ସ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଇଂ ପାର୍ଥସାରଥୀ ମୁଦୁଲି କହିଲେ ଯେ,ଏକ ସମୃଦ୍ଧ ରାଜ୍ୟ ଗଠନରେ ଇଞ୍ଜିନିୟରମାନଙ୍କର ପ୍ରମୁଖ ଭୂମିକା ଥାଏ। ଯନ୍ତ୍ରୀ ହୋଇ ସେମାନେ ଗଢିଦିଅନ୍ତି କେତେ କେତେ କଳ କାରଖାନା, ନୂଆ ଯନ୍ତ୍ରପାତି, ରାସ୍ତା, ପୋଲ, ଘର ଓ ଆକାଶରେ ଉଡ଼ିବାର କୌଶଳ। ସେଇଟା ଅଧିକ ସଂକଳ୍ପବଦ୍ଧ ହୋଇଯାଏ ଯେତେବେଳେ ରାଷ୍ଟ୍ରକୁ ମିଳେ ସମର୍ଥନ ଓ ସହଯୋଗ। ଇଞ୍ଜିନିୟରିଂ କଳା କୌଶଳ ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମ ରାଜ୍ୟକୁ ଅଗ୍ରଣୀ ଓ ସର୍ବଭାରତୀୟସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ଏଥିପାଇଁ ଓଡ଼ିଶାରେ ଆଜି ଇଞ୍ଜିନିୟରମାନେ ବିଶ୍ୱ ବନ୍ଦନୀୟ। ଏହି ଅବସରରେ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକରେ ସଭାପତି ଭାବେ ସୌମ୍ୟରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଗିରିଜା ଶଙ୍କର ବିଶ୍ୱାଳଙ୍କୁ ମୁଖ୍ୟଅତିଥି ଇଂ ମୁଦୁଲି ମନୋନୀତ କରିଥିଲେ। ନୂତନ ଦାୟିତ୍ୱ ନେଲା ପରେ ସୌମ୍ୟରଞ୍ଜନ ଓ ଗିରିଜା ଶଙ୍କର ଆସୋସିଏସନର କାର୍ଯ୍ୟଧାରାକୁ ଆହୁରି ଶକ୍ତ ଓ ସୁଦୃଢ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ଓଡ଼ିଶା ଡ଼ିଗ୍ରୀ ଇନିଞ୍ଜିୟର୍ସ ଆସୋସିଏସର ଉପଦେଷ୍ଟା ଇଂ ବିମଳ କୁମାର ସାହୁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଇଂ ଶକ୍ତି ପ୍ରସାଦ ରଥ, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଇଂ ଜଗମୋହନ ବଳିୟାରସିଂ, ସମ୍ପାଦକ ଇଂ ସଂସଦ କୁମାର ନାୟକ, ଇଂ ଲିଙ୍ଗରାଜ ମହାନ୍ତିପ୍ରମୁଖ ଉପସ୍ଥିତ ଥିଲେ।

## ହସ୍ତତନ୍ତ ମେଳାରେ ଭିଡ଼ ଜମୁଛି

ଭୁବନେଶ୍ୱର,୧।୨ (ନି.ପ୍ର): ଜାତୀୟ ହସ୍ତତନ୍ତ ମେଳାର ଦ୍ୱାଦଶ ଦିବସରେ ଦିନକୁ ଦିନ ଗ୍ରାହକଙ୍କ ଭିଡ଼ ଜମିବାରେ ଲାଗିଛି। ଜାନୁଆରୀ ୨୦ ତାରିଖଠାରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଏହି ମେଳାରେ ପ୍ରାୟ ତିନିକୋଟି ଟଙ୍କାର ବ୍ୟବସାୟ ହୋଇଛି। କେବଳ 'ବୟନିକା' ଷ୍ଟଲରେ ୫୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ ହୋଇଛି । 'ବୟନିକା' ବ୍ୟତୀତ ଆନ୍ଧ୍ରପ୍ରଦେଶର 'ଆପ୍କୋ' ତାମିଲନାଡୁର 'କୋପ୍‌ଟେକ୍ସ', ମଧ୍ୟପ୍ରଦେଶର 'ମୃଗନୟନୀ', ଜାମ୍ମୁ-କାଶ୍ମୀରର 'କାସ୍‌ଫାବ୍', ପଶ୍ଚିମବଙ୍ଗ, ଦିଲ୍ଲୀ ଓ ହରିୟାନାର ହସ୍ତତନ୍ତ ସମିତି ଓ ଅନୁଷ୍ଠାନଗୁଡ଼ିକ ଭଲ ବ୍ୟବସାୟ କରିଥିବାରୁ ସେମାନେ ଅତ୍ୟନ୍ତ ଖୁସି ଜାହିର କରିଥିଲେ। ଫେବୃଆରୀ ଅର୍ଥାତ୍ ମାଘ ମାସ ବିବାହ ଋତୁ ଥିବାରୁ ଆଗାମୀ ୧୭ ଦିନରେ ମେଳାରେ ଭଲ ବିକ୍ରି ହେବ ବୋଲି ସମସ୍ତ ଅଂଶଗ୍ରହ ଣକାରୀ ସଂସ୍ଥା ବହୁ ଆଶାବାଦୀ । ହସ୍ତତନ୍ତ ଗ୍ରାହକଙ୍କ ମଧ୍ୟରେ ଜାତୀୟ ହସ୍ତତନ୍ତ ମେଳା ପ୍ରତି ସ୍ୱତନ୍ତ୍ର ଆଗ୍ରହ ରହିଛି। ଏହି ଜାତୀୟ ସ୍ତରୀୟ ମେଳାରେ ୧୬ଟି ରାଜ୍ୟର ସମସ୍ତ ପ୍ରକାରର ବସ୍ତ୍ର ଉପଲବ୍ଧ । ଆଗାମୀ ୧୭ ଦିନରେ ମେଳାରେ ଆହୁରି ଭଲ ବ୍ୟବସାୟ ହେବ ଓ ଅଂଶଗ୍ରହଣକାରୀ ସଂସ୍ଥାମାନେ ନିଜର ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

## ସଂସଦରେ ମହିଳା ଆରକ୍ଷଣ ବିଧେୟକ ପାରିତ କରିବା ସ୍ୱାଗତଯୋଗ୍ୟ : ବନ୍ଦିତା ପରିଡ଼ା

ଭୁବନେଶ୍ୱର,୧।୨ (ନି.ପ୍ର): ସଂସଦରେ ସର୍ବପ୍ରଥମେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ମହିଳା ଆରକ୍ଷଣ ବିଧେୟକ ରାଜ୍ୟ ସଭାରେ କଂଗ୍ରେସ ଦଳ ପାରିତ କରିଥିବା ବେଳେ ଲୋଭସଭାରେ ସଂଖ୍ୟା ଗରିଷ୍ଠତାର ଅଭାବ ଯୋଗୁଁ ଏହା ପାରିତ ହୋଇପାରିନଥିଲା। ମାତ୍ର ବିଜେପି ନେତୃତ୍ୱ ମୋଦୀ ପ୍ରଧାନମନ୍ତ୍ରୀ ୨ଥର ନିର୍ବାଚିତ ହେଲା ପରେ ମଧ୍ୟ ଏଯାବତ ବିଧେୟକ ପାରିତ ନହେବା ଅତ୍ୟନ୍ତ କ୍ଷୋଭର ବିଷୟ ଅଟେ। ବିଜୁ ଜନତା ଦଳର ସଂସଦୀୟ ନେତା ଭାବରେ ପୁରୀ ସାଂସଦ ପିନାକୀ ମିଶ୍ର ବିଳମ୍ବରେ ହେଲେ ବି ମହିଳା ଆରକ୍ଷଣ ବିଧେୟକ ପାରିତ କରିବା ପାଇଁ ବିଜେପିକୁ ନିଶାନ କରିବାର ଆନ୍ତରିକତା କେତେ ଏହା ସମୟ କହିବ ବୋଲି ପ୍ରଦେଶ ମହିଳା କଂଗ୍ରେସ କମିଟିର ସଭାପତି ବନ୍ଦିତା ପରିଡ଼ା ମତବ୍ୟକ୍ତ କରିଛନ୍ତି। ଯଦି ନବୀନ ବାବୁଙ୍କର ଆନ୍ତରିକତା ଥାଏ ଚଳିତ ସଂସଦ ଅଧିବେଶନରେ ନିଜର କଡ଼ା ଆଭିମୁଖ୍ୟକୁ ପ୍ରକାଶ କରିବାକୁ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଶ୍ରୀମତୀ ପରିଡ଼ା ଦାବୀ କରିଛନ୍ତି।

# ଜନଜାତି ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ସ୍ୱୟଂ ସହାୟକ ଗୋଷ୍ଠୀ

ଭୁବନେଶ୍ୱର,୧।୨ (ନି.ପ୍ର): ରାଜ୍ୟର ସହରରୁ ପଲ୍ଲୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟକ୍ରମ ଜନଜାତି ବର୍ଗର ଜୀବନ ଯାତ୍ରାରେ ଆଣିଛି ବଡ଼ ପରିବର୍ତ୍ତନ । ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଏହି ଗୋଷ୍ଠୀ କିପରି ସହାୟକ ହୋଇଛନ୍ତି, ତାହାର ନିଖୁଣ ଚିତ୍ର ପ୍ରତିଫଳିତ ହୋଇଛି ରାଜଧାନୀର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଚଳିତ ବର୍ଷର ଆଦିବାସୀ ମେଳାରେ । ଏହି ମେଳାରେ ଯେତେ ଯେଉଁଠି ବେପାର ଓ ବାଣିଜ୍ୟର ପସରା ମେଲିଛି, ସବୁଠି ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ସଂଶ୍ଲିଷ୍ଟ ଆଦିବାସୀ ମହିଳାମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବାର ଦେଖା ଯାଉଛି । ମେଳାର ବିଭିନ୍ନ ମଣ୍ଡପରେ ଆଦିବାସୀ ମହିଳାମାନେ ନିଜ ନିଜ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଘରକରଣା ସାମଗ୍ରୀ କେବଳ ପ୍ରଦର୍ଶନ କରୁନାହାନ୍ତି, ସେ ସବୁର ଉପଯୋଗିତା ସମ୍ପର୍କରେ ଦର୍ଶକ ମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଦେଉଛନ୍ତି । କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, କେନ୍ଦୁଝର ଓ ମୟୁରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକରୁ ଆସିଥିବା ବହୁ ପ୍ରକାର ସାମଗ୍ରୀ ମେଳାରେ ଉପଲବ୍ଧ ହେଉଛି । ପୂର୍ବ ବର୍ଷ ଗୁଡିକରେ ଆଦିବାସୀ ମେଳାରେ ଜନଜାତି ବର୍ଗଙ୍କ ଦ୍ୱାରା ଉତ୍ପାଦିତ ଜଙ୍ଗଲଜାତ ସାମଗ୍ରୀ ବିଶେଷ କରି ବିଶୁଦ୍ଧ ମହୁ, ହରିଡ଼ା, ବାହାଡ଼ା, ଝୁଣା, ମାଣ୍ଡିଆ, ସୋରିଷ, ଡାଲି, ବିରି, କୋଳଥ ଆଦିର ବହୁଳ ବିକ୍ରିବଟା ଚାଲିଥିଲା । କିନ୍ତୁ ଏବେ ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଘଟିଛି ଏବଂ ଗାଁ ଗାଁରେ ଗଢ଼ି ଉଠିଛି ସ୍ୱୟଂ ସହାୟକ ଗୋଷ୍ଠୀ । ଏହା ଦ୍ୱାରା ଆଦିବାସୀ ମହିଳାମାନେ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବୀ ହେବାକୁ ଚଳାଇ ରଖିଛନ୍ତି ଅବିରତ ସଂଗ୍ରାମ । ଅନ୍ୟାନ୍ୟ ପାରମ୍ପରିକ ସାମଗ୍ରୀର ଉତ୍ପାଦନ ସହ ତାଳ ଦେଇ ଆଜି ସେମାନେ ମନ ବଳାଇଛନ୍ତି ପିତଳ ଗହଣା, ଧୂପକାଠି, ବେତ ତିଆରି ଜିନିଷପତ୍ର, ଆଚାର, ବଡ଼ି ଆଦି ସାମଗ୍ରୀ ଗୁଡିକର ପ୍ରସ୍ତୁତି ଆଡକୁ । ସେହି ସବୁ ସାମଗ୍ରୀ ଗୁଡିକୁ ସାଙ୍ଗରେ ନେଇ ସୁଦୂର ଗ୍ରାମ ଅଂଚଳରୁ ସେମାନେ ଧାଇଁ ଆସିଛନ୍ତି ଆଦିବାସୀ ପ୍ରଦର୍ଶନୀ ପଡ଼ିଆକୁ । ପଶ୍ଚିମ ଓଡ଼ିଶାର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ମହିଳା ଏକାଠି ହୋଇ ଧାନକୁ ସିଝାଇ ଢ଼ିଙ୍କିରେ କୁଟି ପ୍ରସ୍ତୁତ କରିଛନ୍ତି ଚାଉଳ, ଯାହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପାଦେୟ । କୋଳଥ, ମୁଗ, ବିରି ଆଦିକୁ ଭାଜି ଡାଲି ତିଆରି କରନ୍ତି । ପ୍ରସ୍ତୁତ ହୋଇଥିବା ଚାଉଳ ଓ ଡାଲିକୁ ପ୍ୟାକେଟ୍‌ରେ ଭର୍ତ୍ତି କରି ବଜାରରେ ବିକ୍ରି କରନ୍ତି । ସେମାନଙ୍କର ମାସିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୋଇଥାଏ । ବର୍ତ୍ତମାନ ଚାଲିଥିବା ଆଦିବାସୀ ମେଳାକୁ ସେମାନେ ପ୍ରାୟ ଦେଢ଼ଲକ୍ଷ ଟଙ୍କାର ଜିନିଷପତ୍ର ଆଣିଛନ୍ତି । ଆଦିବାସୀ ମେଳା ଜନଜାତି ମହିଳାଙ୍କୁ ଆର୍ଥିକ ଦିଗରୁ ସ୍ୱାବଲମ୍ବୀ କରିବାକୁ ଏକ ବଳିଷ୍ଠ ମାଧ୍ୟମ ବୋଲି ସେମାନେ ମତ ଦିଅନ୍ତି । ଆଦିବାସୀ ମେଳାର ଆଜି ଷଷ୍ଠ ଦିବସରେ ଅପେକ୍ଷାକୃତ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା । ରବିବାର ଥିବାରୁ ପୂର୍ବାହ୍ନରୁ ସଂଧ୍ୟା ପର୍ଯ୍ୟନ୍ତ ବହୁ ସଂଖ୍ୟକ ନରନାରୀ ସେମାନଙ୍କର ନାମ ପଂଜିକରଣ କରିବା ସହିତ ମେଳା ପରିସରକୁ ଆସି ସେମାନଙ୍କର ମନମୁତାବକ ସାମଗ୍ରୀ କିଣି ଚାଲିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

# ସ୍ୱଚ୍ଛ ସହରର ପ୍ରମୁଖ ସାରଥୀ : ବର୍ଜ୍ୟ ସଂଗ୍ରହକାରୀଙ୍କୁ ନୂଆ ପରିଚୟ ଦେଇଛି ପୌର ପ୍ରଶାସନ

ଭୁବନେଶ୍ୱର,୧।୨ (ନି.ପ୍ର): ଦିନେ ଜରି ଗୋଟାଉଥିଲେ ପେଟ ପୋଷିବା ପାଇଁ । ହେଲେ ଏହା ଏବେ ତାଙ୍କୁ ଦେଇଛି ନୂଆ ପରିଚୟ । ବର୍ଜ୍ୟବସ୍ତୁ ସଂଗ୍ରହ କରୁଥିବା ମହିଳାମାନେ ଏବେ ସହରାଂଚଳ ପ୍ରଶାସନ ସହିତ ଯୋଡିହୋଇ ଆତ୍ମନିର୍ଭରଶୀଳ ହେବା ସହିତ ଓଡିଶାକୁ ପୁରସ୍କୃତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଲେ ଭୁବନେଶ୍ୱରର ୩୫ବର୍ଷ ବୟସ୍କା ଶୁଭଲକ୍ଷ୍ମୀ । ଦିନେ ଜରି ଗୋଟାଉଥିବା ଶୁଭଲକ୍ଷ୍ମୀ ଏବେ ବ୍ୟାଟେରୀଚାଳିତ ଗାଡିରେ ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସହିତ ମିଳୁଥିବା ପାଉଣାରେ ତାଙ୍କ ପରିବାର ଚଳାଇଛନ୍ତି । ପିଲାଙ୍କୁ ପାଠ ପଢାଇବାପାଇଁ ଘରୁ ଗୋଡ କାଢିଥିବା ଶୁଭଲକ୍ଷ୍ମୀ ଏବେ ନିଜର ଦ୍ୱାଦଶ ଓ ଷଷ୍ଠ ଶ୍ରେଣୀରେ ଥିବା ଦୁଇ ପୁଅଙ୍କ ସମେତ ସ୍କୁଲ ଯିବାପାଇଁ ପ୍ରସ୍ତୁତ ହେଉଥିବା ଛୋଟ ଝିଅଙ୍କୁ ଠିକଣା ଭାବେ ପଢାଇପାରିବେ ବୋଲି କହିଛନ୍ତି । ଦିନକୁ ମାତ୍ର ୪ଘଂଟା କାମ କରି ଶୁଭଲକ୍ଷ୍ମୀ ଏବେ ମାସକୁ ୭୦୦୦ ଟଙ୍କା ବେତନ ପାଉଛନ୍ତି । ତାଙ୍କ ସହିତ ଅଛନ୍ତି ୩୨ବର୍ଷିଆ ଲିଲା ରାଓ ଏବଂ ୨୯ବର୍ଷିୟା ଝିଲି ମୁଲି । ଏହିଭଳି ୨୧୧୮ ଜଣଙ୍କୁ ଚିହ୍ନଟ କରାଯାଇ ବର୍ଜ୍ୟ ସଂଗ୍ରହ, ଏହାର ପୃଥକୀକରଣ, ଖତ ପ୍ରସ୍ତୁତି ଆଦି କାର୍ଯ୍ୟରେ ନିୟୋଜିତ କରାଯାଉଛି । ରାଜ୍ୟର ୫୫ଟି ସ୍ୱୟଂ ସହାୟିକା ଗୋଷ୍ଠି ଏହି କାର୍ଯ୍ୟରେ ଯୋଡିହୋଇ ଯାଇଥିବାବେଳେ ୬୮୮ଜଣ ସଦସ୍ୟ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁର ମହାନଗର ନିଗମରେ କାର୍ଯ୍ୟ କରୁଛନ୍ତି । ରାଜଧାନୀରେ ବର୍ଜ୍ୟବସ୍ତୁରୁ ଖତ ପ୍ରସ୍ତୁତି କାର୍ଯ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟମାନଙ୍କୁ ମୁତୟନ କରାଯାଇଛି । ବର୍ଜ୍ୟବସ୍ତୁ ପୃଥକୀକରଣ ଓ ଖତ ପ୍ରସ୍ତୁତ ସମୟରେ ସମସ୍ତ ସର୍ତ୍ତକତା ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଦେଖିବାକୁ ମିଳିଛି । ରାଜ୍ୟର ଛୋଟ ଛୋଟ ସହରାଂଚଳରେ ଅନୁରୂପ ଛୋଟ ଛୋଟ ଗୋଷ୍ଠି ଗଠନ କରାଯାଇ ପୌର ପ୍ରଶାସନ ସହିତ ଯୋଡାଯାଉଛି । ଜରି ଗୋଟାଳିଙ୍କ ବ୍ୟତିତ କିନ୍ନର ଓ ବସ୍ତିବାସିନ୍ଦାମାନେ ଏବେ ପୌର ପ୍ରଶାସନ ସହିତ ଯୋଡିହେବା ଯୋଗୁଁ ରାଜ୍ୟ ସରକାର ଜାତୀୟ ସ୍ତରର ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି । ଜାଗାମିଶନ ପାଇଁ ଓଡିଶା ବିଶ୍ୱ ବାସସ୍ଥାନ ପୁରସ୍କାର – ୨୦୧୯ ରେ ବ୍ରୋଂଚ ପଦକ ପାଇପାରିଥିଲା । ଏହି ସଫଳତାକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନ ଏବେ ସମସ୍ତ ପୌରାଂଚଳ ପାଇଁ ବର୍ଜ୍ୟବସ୍ତୁ ସଂଗ୍ରହକାରୀ ଚିହ୍ନଟ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିଛନ୍ତି । ଏମାନଙ୍କୁ ଚିହ୍ନଟ ସହିତ ସହରରେ ବର୍ଜ୍ୟବସ୍ତୁ ସଂଗ୍ରହ ଓ ଏହାର ବିଘଟନରେ ବିନିଯୋଗ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ବର୍ଜ୍ୟବସ୍ତୁ ସଂଗ୍ରହକାରୀମାନଙ୍କୁ ଚିହ୍ନଟ ସହିତ ସହରର ପରିଚ୍ଛନ୍ନତାରେ ସେମାନଙ୍କୁ ସାମିଲ କରିବା ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ସହର ପୁରସ୍କାର ଯୋଜନାର ଏକ ମାନଦଣ୍ଡ ଯାହାକି ଗତ ଡିସେମ୍ବରରେ ଘୋଷଣା କରାଯାଇଛି । କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ଅନୁରୂପ ଏହି ପୁରସ୍କାର ବୋଲି ପ୍ରମୁଖ ସଚିବ କହିଛନ୍ତି । ଉତମ ପ୍ରଦର୍ଶନ ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ପୁରସ୍କାର ରାଶି ଘୋଷଣା କରିବେ । ତେବେ ଆଗାମୀ ୩ମାସ ଲାଗି ଏ ସଂକ୍ରାନ୍ତରେ ଟେଲିଫୋନ ମାଧମରେ ମତାମତ ସଂଗ୍ରହ ଓ ଅନୁଧାନ କରାଯିବ ବୋଲି ସେ କହିଛନ୍ତି । ଜାଗା ମିଶନ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ ପରେ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ପ୍ରଶାସନର ସହଯୋଗୀ ଭାବେ ଗ୍ରହଣ କରାଯିବାକୁ କାର୍ଯ୍ୟ ଆରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ୬୦ହଜାର ବସ୍ତିବାସିନ୍ଦାଙ୍କୁ ଜାଗା ମିଶନରେ ପଟ୍ଟା ବଂଟନ ହୋଇଥିବାବେଳେ ଖୁବଶୀଘ୍ର ଆଉ ୨୦ହଜାରଙ୍କୁ ଏହି ପଟ୍ଟା ମିଳିବ । ଜମି ଯୋଗାଇବା ସହିତ ବସ୍ତିକୁ ଆଦର୍ଶ କଲୋନୀରେ ପରିଣତ କରିବାପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ସକାଶେ ସରକାର ସେମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି । ବର୍ଷକ ମଧ୍ୟରେ ଅତି କମରେ ହଜାରେ ଆଦର୍ଶ କଲୋନି ପ୍ରସ୍ତୁତ ହେବବୋଲି ପ୍ରମୁଖ ସଚିବ ଶ୍ରୀ ମାଥିଭାଥନନ କହିଛନ୍ତି । ଅନୁରୂପ ଭାବେ ଭୁବନେଶ୍ୱର ସମେତ କେତେକ ସହରାଂଚଳରେ କିନ୍ନରମାନଙ୍କୁ ହୋଲଡିଂ ଟିକସ ଓ ପାର୍କିଂ ଫି ଆଦାୟରେ ନିୟୋଜିତ କରାଯାଇଛି । କିନ୍ନରମାନଙ୍କୁ ଅଳ୍ପ କେତେକ ପରାମର୍ଶରେ ଏଭଳି କେତେକ କାର୍ଯ୍ୟରେ ନିୟୋଜିତ କରାଯାଇଛି ଯେଉଁଠାରେ ବୈଷୟିକ କର୍ମଚାରୀଙ୍କର ଆବଶ୍ୟକତା ନାହିଁ । ଏମାନଙ୍କ ବ୍ୟତିତ ସ୍ୱୟଂସହାୟକ ଗୋଷ୍ଠିଙ୍କୁ ମଧ୍ୟ ସହରାଂଚଳରେ ଅନ୍ୟ କେତେକ କାର୍ଯ୍ୟରେ ମୁତୟନ କରାଯାଇଛି ।

# ଜନବିରୋଧୀ ବଜେଟ୍ : ସିଆଇଟିୟୁ

ଭୁବନେଶ୍ୱର,୧।୨ (ନି.ପ୍ର): ଆଜି ଅର୍ଥମନ୍ତ୍ରୀ ସୀତାରମଣ ୨୦୨୧ର କେନ୍ଦ୍ର ବଜେଟ୍ ପସ୍ଥାପନ କରିଛନ୍ତି । ଏହି ବଜେଟରେ ରୋଜଗାର ହରାଇଥିବା ଶ୍ରମିକ, ଶ୍ରମଜୀବି, ସାଧାରର ଜନଗଣଙ୍କ ପାଇଁ କୌଣସି ବ୍ୟୟ ବରାଦ କରାଯାଇନାହିଁ । ଦେଶୀ ଓ ବିଦେଶୀ ପୁଂଜିପତିଙ୍କ ପାଇଁ ଦେଶର ବୀମା ସାଧାରଣ ବୀମାକୁ ଉନ୍ମୁକ୍ତ କରାଯାଇଛି । ବୀମା ଶିଳ୍ପରେ ୭୪% ବିଦେଶୀ ପୁଂଜି ବିନିଯୋଗ ହେବ ବୋଲି ଦର୍ଶାଯାଇଛି । ତା ହେଲେ ଦେଶ ଆତ୍ମନିର୍ଭରଶୀଳ ହେବ କିପରି । କୋଭିଡ଼ ପ୍ରତିଷେଧକ ପାଇଁ ଦେଶର ୧୩୫ କୋଟି ଲୋକଙ୍କ ପାଇଁ ୩୫ ହଜାର କୋଟି ଟଙ୍କା ବ୍ୟୟ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି । ତାହେଲେ ମୁଣ୍ଡପିଛା ୨୫୦ ଟଙ୍କା ଖର୍ଚ୍ଚ ହେବ ।

ରାଜ୍ୟ ସରକାରମାନେ ସରକାରୀ ଜମି ବିକ୍ରି କରିବାକୁ ବଜେଟରେ କୁହାଯାଇଛି । ବନ୍ଦର ନିର୍ମାଣ ପାଇଁ ଘରୋଇ ପୁଂଜି ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ରେଳବାଇ, ବିମାନ ଚଳାଚଳକୁ ଘରୋଇକରଣ କରି ଏଥିରେ ବିଦେଶୀ ପୁଂଜି ବିନିଯୋଗ ପାଇଁ ପ୍ରସ୍ତାବ ଦିଆଯାଇଛି । ପାଂଚ ଲକ୍ଷ କୋଟି ଡଲାର ଅର୍ଥନୀତି ଗଢ଼ିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ଯେଉଁ କଥା କହିଛନ୍ତି, ତାହା କେବଳ ମହାକାଳ ଫଳ ସଦୃଶ ମାତ୍ର ଏହି ନୀତି ଭାରତର ଦୁର୍ବଳ ଅର୍ଥନୀତିକୁ ଏହା ରକ୍ଷା କରିପାରିବ ନାହିଁ । ଦେଶର କୋଟି କୋଟି ବେକାର ମାନଙ୍କୁ କିପରି ନିଯୁକ୍ତି ବା ରୋଜଗାର ମିଳିବ, ତାହା କୌଣସି ବ୍ୟବସ୍ଥା ଏ ବଜେଟରେ ନାହିଁ । ସୁତରାଂ ଏଭଳି ଜନବିରୋଧି ବଜେଟକୁ ସିଆଇଟିୟୁ ରାଜ୍ୟ କମିଟି ତରଫରୁ ସଭାପତି ଜନାର୍ଦ୍ଦନ ପତି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

# ସପ୍ତମ ଦିନରେ ଆଦିବାସୀ ମେଳା

ଭୁବନେଶ୍ୱର,୧।୨ (ନି.ପ୍ର): ଗତ ସାଧାରଣତନ୍ତ୍ର ଦିବସରୁ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା ରାଜଧାନୀବାସୀଙ୍କର ଅତି ପରିଚିତ ଆଦିବାସୀ ମେଳା ଆଜି ସପ୍ତମ ଦିନରେ ପହଁଚିଛି । ମହାମାରୀ କରୋନାକୁ ଦୃଷ୍ଟିରେ ରଖି କିଛିଟା କଡ଼ା କଟକଣା ମଧ୍ୟରେ ଏ ବର୍ଷର ମେଳା ଆୟୋଜିତ ହୋଇଥିଲେ ହେଁ ତାହା ଦର୍ଶକଙ୍କ ଆଗ୍ରହକୁ କୌଣସି ପ୍ରକାରେ କମାଇ ପାରି ନାହିଁ। ପ୍ରତିଦିନ ଆବାଳ-ବୃଦ୍ଧ-ବନିତାଙ୍କ ସୁଅ ଛୁଟି ଚାଲିଛି ମେଳା ପରିସରରେ ଖୋଲିଥିବା ମଣ୍ଡପ ଆଡ଼କୁ । ଗତ ସାତ ଦିନର କାରବାରକୁ ସମୀକ୍ଷା କଲେ ଦିନକୁ ଦିନ ଦର୍ଶକଙ୍କ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀମାନଙ୍କ ଦ୍ୱାରା ସଂଗୃହୀତ ତଥା ପ୍ରସ୍ତୁତ ସାମଗ୍ରୀର ମୌଳିକ ଗୁଣବତ୍ତା ଯୋଗୁଁ ତାହାକୁ କିଣିବା ଲାଗି ଗୃହିଣୀଙ୍କ ମଧ୍ୟରେ ଅଧିକ ଆଗ୍ରହ ଦେଖବାକୁ ମିଳୁଛି । ମେଳା ବୁଲିବାକୁ ଆସିଥିବା ଜଣେ ଗୃହିଣୀ ତାଙ୍କର ଭାବନା ପ୍ରକାଶ କରି କହିଲେ – 'ବିନା କୌଣସି ଅପମିଶ୍ରଣରେ ବିଭିନ୍ନ ସାମଗ୍ରୀ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହେଉଛି । ତେଣୁ ଏହାର ମାନ ବଜାରରେ ମିଳୁଥିବା ଅପମିଶ୍ରିତ ସାମଗ୍ରୀ ଠାରୁ ବହୁତ ଉନ୍ନତ ରହୁଛି । ଜିନିଷ ଗୁଡିକର ମୂଲ୍ୟ ମଧ୍ୟ କମ୍ ରହୁଛି । ଏହାଛଡ଼ା ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଏକ ସ୍ୱତନ୍ତ୍ର ସ୍ୱାଦ ରହିଛି । ସେଥିପାଇଁ ପ୍ରତିବର୍ଷ ଏହି ମେଳାରୁ ଆମେ ହଳଦୀ, ସୋରିଷ, ବଡ଼ି, ଆଚାର ଆଦି କିଣିଥାଉ । ବିଭିନ୍ନ ଗହଣା ସାମଗ୍ରୀ, ଟସର ଖୋସାରୁ ପ୍ରସ୍ତୁତ ମଠାଶାଢ଼ୀ, କାଠରେ ଅଙ୍କିତ ବିଭିନ୍ନ କଳାକୃତି, ବାଉଁଶ ଓ ପଥର ତିଆରି ସାମଗ୍ରୀ, ଲୌହ ଶିଳ୍ପକଳା ଓ ଟେରାକୋଟା ସାମଗ୍ରୀକୁ ଦର୍ଶକ ପସନ୍ଦ କରୁଛନ୍ତି । ଭିନ୍ନ ଭିନ୍ନ ଜନଜାତିଙ୍କ ଜୀବନ ଶୈଳୀ ମେଳାର ଷ୍ଟଲ ଗୁଡିକରେ ପ୍ରତିଫଳିତ ହୋଇଥିବା ବେଳେ ସେମାନଙ୍କ କଳା ପ୍ରାଣତାର ପରିଚୟ ମଧ୍ୟ ମିଳିପାରୁଛି । କରୋନା କଟକଣା ଯୋଗୁଁ ଚଳିତ ବର୍ଷର ଆଦିବାସୀ ମେଳାରେ ଖାଦ୍ୟ ପ୍ରାଙ୍ଗଣ ଖୋଲି ନଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ବନ୍ଦ ରଖାଯାଇଛି ।

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ୨୫,୨୫,୨୨୫ ଟଙ୍କାର ନିଧି ଦେଲେ ସ୍ୱାମୀ ଶଙ୍କରାନନ୍ଦ ଗିରି

ଭୁବନେଶ୍ୱର,୧।୨ (ନି.ପ୍ର): କ୍ରିୟାଯୋଗ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ତଥା ଅଖିଳ ଭାରତୀୟ ସନ୍ଥ ସମିତି,ଓଡିଶା ଶାଖାର ସଭାପତି ପୂଜ୍ୟ ସ୍ୱାମୀ ଶଙ୍କରାନନ୍ଦ ଗିରି ଅଯୋଧାରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ୨୫,୨୫,୨୨୫ଟଙ୍କା ନିଧି ସମର୍ପଣ କରିଛନ୍ତି । ଏଥି ସହିତ ଟ୍ରଷ୍ଟର ସମ୍ପାଦିକା ଡକ୍ଟର ବିଣାପାଣୀ ରଥ ୫୧,୦୦୦ଟଙ୍କା ଏବଂ ଟ୍ରଷ୍ଟି ଶ୍ରୀମତୀ ବିଣା ମହାପାତ୍ର ୫୧,୦୦୦ଟଙ୍କା ନିଧି ସମର୍ପଣ କରିଛନ୍ତି । ସେହିପରି ପ୍ରଭୁଜୀ ଇଂରେଜୀ ମାଧ୍ୟମ ବିଦ୍ୟାଳୟର କର୍ମଚାରୀ ବୃନ୍ଦ ୧୫ ହଜାର ଟଙ୍କା ଏହି ମହତ୍ ଉଦ୍ଦେଶ୍ୟ ପାଇଁ ନିଧି ସମର୍ପଣ କରିବା ସହିତ ଆହୁରି ଅଧିକ ନିଧି ସମର୍ପଣ ପାଇଁ ଯୋଗାଡ କରୁଛନ୍ତି । ବିଶ୍ୱହିନ୍ଦୁ ପରିଷଦ,ଓଡିଶାର ସଂଗଠନ ସଂପାଦକ ଶ୍ରୀ ଆନନ୍ଦ କୁମାର କ୍ରିୟାଯୋଗ ଫାଉଣ୍ଡେସନ ଟ୍ରଷ୍ଟକୁ ସଂପର୍କ ଅଭିଯାନରେ ଯାଇ ଏହି ନିଧି ଗ୍ରହଣ କରିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ପ୍ରାନ୍ତ ସଂଘଚାଳକ ଶ୍ରୀ ଅଶୋକ କୁମାର ଦାସ ୫୧,୧୦୧ଟଙ୍କା,ବିଶିଷ୍ଟ ବ୍ୟବସାୟୀ ଏସ୍ ବି ଦେବଦତ ଏବଂ ଦେବବ୍ରତ ସାହୁ ୫୦,୫୦୫ଟଙ୍କା,ଚନ୍ଦ୍ରଶେଖରପୁର ପ୍ରଭାତ ଶାଖାର କାର୍ଯ୍ୟବାହ ଶ୍ରୀ ପ୍ରଫୁଲ କୁମାର ସିଂ,୧୦୦୦୦୧ଟଙ୍କା, କେଦାରଗୌରୀ ନଗରର ଗଙ୍ଗା ଯମୁନା ଆପାର୍ଟମେଂଟ ନିବାସୀ ଶ୍ରୀ ସଂଜୟ ବେହୁରାଙ୍କ ଧର୍ମପତ୍ନୀ ଶ୍ରୀମତୀ ରୋଜାଲିନ ବେହୁରା ୩୩,୩୩୩ଟଙ୍କା ନିଧି ସମର୍ପଣ କରିଛନ୍ତି । ନିଧି ସମର୍ପଣ ଓ ସଂପର୍କ ଅଭିଯାନରେ ସାମିଲ ହୋଇଛନ୍ତି ଜୟଦେବ ବିହାର ଭେଣ୍ଡିଂ ଜୋନରେ ଥିବା ୨୫ଜଣ ଦୋକାନୀ । ସେମାନେ ମଧ ନିଧି ସମର୍ପଣ କରିଛନ୍ତି ।

# କେନ୍ଦ୍ର ସରକାରଙ୍କ ବଜେଟ୍ ସଂପୂର୍ଣ୍ଣ ନୈରାଶ୍ୟଜନକ : ରାମଚନ୍ଦ୍ର ଖୁଂଟିଆ

ଭୁବନେଶ୍ୱର,୧।୨ (ନି.ପ୍ର): ଲୋକ ସଭାରେ ୨୦୨୧-୨୨ ପାଇଁ ଉପସ୍ଥାପିତ ଚଳିତ ଜାତୀୟ ବଜେଟ ସଂପୂର୍ଣ୍ଣ ନୈରାଶଜନକ। ଏହି ବଜେଟ୍‌ରେ କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷିରେ ରୋଜଗାର ହରାଇଥିବା ଯୁବକ, ଯୁବତୀ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କର୍ମଚାରୀ, ଦାଦନ ଶ୍ରମିକ ଓ ପ୍ରବାସି ଶ୍ରମିକ ଙ୍କୁ କିଛି ଆର୍ଥିକ ସହାୟତା ମିଳିବ ବୋଲି ଆଶା କରୁଥିଲେ ହେଁ ଏହି ବଜେଟ୍‌ରେ ସେଭଳି କିଛି ବ୍ୟବସ୍ଥା ନାହିଁ। ପେଟ୍ରୋଲ, ଡ଼ିଜେଲରେ ସେସ୍‌କୁ ଅନ୍ତର୍ଭୁକ୍ତ କରିବା ଏବଂ ବିତିୟ ନିଅଂଟ ୬.୮% ହୋଇଥିବାରୁ ଏହା ସାଧାରଣ ଲୋକଙ୍କ ଉପରେ ପ୍ରଭାବିତ ହେବ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ସଭାପତି, ଜାତୀୟ ଉପସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ।

ପ୍ରାକ୍ ବଜେଟ୍ ଆଲୋଚନାରେ ସମସ୍ତେ ଆଶା କରୁଥିଲେ ଇନ୍‌କମ୍ ଟ୍ୟାକ୍ସର ସ୍ଲାବ ଓ ଷ୍ଟାଣ୍ଡାଡ୍ ଡ଼ିନକ୍‌ସନର କିଛି ପରିବର୍ତ୍ତନ ହେବ କିନ୍ତୁ କୌଣସି ପରିବର୍ତ୍ତନ କରାଯାଇନାହିଁ। ଅନ୍ୟ ପକ୍ଷରେ ଭବିଷ୍ୟନିଧିର ସୁଧ ପରିମାଣ ଦୁଇ ଲକ୍ଷ ୫୦ ହଜାର ଟଙ୍କାରୁ ବର୍ଦ୍ଧିତ ହେଲେ ତାହା ଟ୍ୟାକ୍ସ ଅନ୍ତର୍ଭୁକ୍ତ ହେବ ଯାହା ଚାକିରିଆ ମାନଙ୍କୁ ନିରାଶ କରିଛି। ଅନ୍ୟପକ୍ଷରେ ବୀମା କ୍ଷେତ୍ରରେ ବିଦେଶି ପୁଞ୍ଜି ନିବେଶକୁ ୪୯% ରୁ ୭୪% କୁ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ବର୍ତ୍ତମାନ ବୀମା କ୍ଷେତ୍ରର ମାଲିକାନା ସରକାରଙ୍କ ଠାରୁ ଘରୋଇ ମାଲିକ ମାନଙ୍କୁ ହସ୍ତାନ୍ତର କରାଗଲା। ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ରେସନ କାର୍ଡ଼, ଅସଂଗଠିତ ଶ୍ରମିକ ମାନଙ୍କ ପାଇଁ ସାମାଜିକ ସୁରକ୍ଷା ଓ ନିର୍ମାଣ ଶ୍ରମିକ ମାନଙ୍କୁ ପାଇଁ ଇ.ଏସ୍. ଆଇରେ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ପୂର୍ବରୁ ଘୋଷଣା କରାଯାଇଥିଲା ଏବଂ ଚଳିତ ବଜେଟ୍‌ରେ କୌଣସି ଅର୍ଥ ବ୍ୟବସ୍ଥା ନ କରି ପୁନଃର୍ବାର ଘୋଷଣା କରିବାର କିଛି ମୂଲ୍ୟ ନାହିଁ। ଏଣୁ ଚଳିତ ବଜେଟ ଅଟକଳରେ ଶ୍ରମିକ କର୍ମଚାରୀ, କୃଷକ ତଥା କୋଭିଡ୍ -୧୯ ସଂକ୍ରମଣ ପରିପ୍ରେକ୍ଷିରେ ରୋଜଗାର ହରାଇଥିବା ଯୁବକ, ଯୁବତୀ, କ୍ଷୁଦ୍ର, ମଧ୍ୟମ ଶିଳ୍ପ କର୍ମଚାରୀ, ଦାଦନ ଶ୍ରମିକ ଏବଂ ପ୍ରବାସୀ ଶ୍ରମିକଙ୍କୁ କୌଣସି ଆର୍ଥିକ ସହାୟତା ମିଳିନାହିଁ।

# ଗଣଧର୍ଷଣ ଘଟଣାରେ ଅଭିଯୁକ୍ତ ନିର୍ଦ୍ଦୋଷ ବୋଲି ପତ୍ନୀଙ୍କ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର,୧।୨ (ନି.ପ୍ର): ବହୁଚର୍ଚ୍ଚିତ ପୁରୀ ଗଣଧର୍ଷଣ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ବାଲେଶ୍ୱର ଜିଲା ସିଂଲାଥାନା ଗିଲାଯୋଡି ଗ୍ରାମର ଧରଣୀ ଧର ଜେନାଙ୍କ ପତ୍ନୀ ସୁମିତା ଜେନା ତାଙ୍କ ସ୍ୱାମୀ ନିର୍ଦ୍ଦୋଶ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଘଟଣାରକୁ ପୁନଃ ତଦନ୍ତ ଲାଗି ସେ ଏସ୍‌ପି ଓ ଡିଜିଙ୍କୁ ନିବେଦନ କରିଥିବାର କହିଥିଲେ । ବାଲେଶ୍ୱର ଏସ୍‌ପି ସୁଧାଂଶୁ ସେଖର ମିଶ୍ର ବସ୍ତା ଏସ୍‌ଡିପିଓଙ୍କୁ ପୁନଃ ତଦନ୍ତ କରିବାଲାଗି ନିର୍ଦ୍ଦେଶ ଦେଇଥିବା ସେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଗଣଧର୍ଷଣର ଶୀକାର ହୋଇଥିବା ଜଳେଶ୍ୱର ଥାନା ଅଲାଲପୁର ଗ୍ରାମର ଗୀତାଞ୍ଜଳି ଜେନା ତାଙ୍କ ସ୍ୱାମୀଙ୍କୁ ପ୍ରେମଜାଲରେ ଫସାଇବା ସହିତ ବ୍ଲାକମେଲିଂ କରି ଅର୍ଥ ଶୋଷଣ କରିଥିବା ସେ ଅଭିଯୋଗ କରିଛନ୍ତି । ତାଙ୍କ ସ୍ୱାମୀଙ୍କ ଠାରୁ ବାରମ୍ବାର ଅର୍ଥ ଶୋଷଣ କରିବାବେଳେ ସେଥିରେ ଅସଫଳ ହୋଇ ଅଭିଯୋଗକାରିଣୀ ଥାନାରେ ମିଥ୍ୟା କେସ୍ କରି ସହିତ ହଇରାଣ କରିବାଲାଗି ଏହା ଏକ ସୁକଳ୍ପିତ ଷଡଯନ୍ତ୍ର ବୋଲି ପ୍ରକାଶ କରିଛନ୍ତି । ଏପରିକି ପିଡିତା ତାଙ୍କ ସ୍ୱାମୀଙ୍କୁ ୨ୟ ବିବାହ କରିବାଲାଗି ତାଙ୍କ ନିକଟରେ ନିବେଦନ କରିବାର ଅଡିଓ କ୍ଲିପ ତାଙ୍କ ପାଖରେ ଥିବା କଥା ପ୍ରକାଶ କରିଥିଲେ । ପିଡିତା ପୁରୀକୁ ନିଜ ଇଚ୍ଛାରେ ଯାଇଥିବା ଏବଂ ସେଠାରେ ସହମତିରେ ଉଠାଇଥିବା ଫଟୋଚିତ୍ର ପ୍ରଦର୍ଶନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସୁମିତ୍ରା ଜେନାଙ୍କ ସହିତ ତାଙ୍କ ଶ୍ୱଶୁର ଲମ୍ବୋଦର ଜେନା, ପିତା ରବିନ୍ଦ୍ର ମହାଳିକ, କକା ମାଧବଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାର ଅନୁପମ ବୌଦ୍ଧ ପର୍ଯ୍ୟଟନ



ଏବେ ପର୍ଯ୍ୟଟନ ଋତୁ । କୋଭିଡ୍ କଟକଣା ପାଇଁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ, ଐତିହ୍ୟପୀଠ ଓ କୀର୍ତ୍ତିସ୍ଥଳରେ ରହିଥିବା କଟକଟାଗୁଡ଼ିକୁ ହଟାଇ ନେବା ପରେ ଏହା ପର୍ଯ୍ୟଟକମାନଙ୍କ ପାଇଁ ଖୋଲି ଦିଆଯାଇଛି । ରାଜ୍ୟର ପ୍ରମୁଖ ଐତିହ୍ୟପୀଠ ତଥା ଦେଶ ବିଦେଶରେ ଖ୍ୟାଦି ଅର୍ଜନ କରିଥିବା ହୀରକ ତ୍ରିଭୁଜ ବଳୟ ଅନ୍ତର୍ଗତ ବୌଦ୍ଧ ପର୍ଯ୍ୟଟନକ୍ଷେତ୍ର ମଧ୍ୟରୁ ଯାଜପୁର ଜିଲ୍ଲାର ରତ୍ନଗିରି ଓ ଉଦୟଗିରି ଏବଂ କଟକ ଜିଲ୍ଲାର ଲଳିତଗିରିର ରହିଛି ବିଶେଷ ପରିଚିତି । ତେବେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତବର୍ଷରେ ଥିବା ବୌଦ୍ଧପୀଠ ମଧ୍ୟରୁ ଏହି ବୌଦ୍ଧପୀଠଗୁଡ଼ିକର ରହିଛି ବିଶେଷ ସ୍ୱତନ୍ତ୍ରତା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକ ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକ, ଗବେଷକ, ଐତିହାସିକ ଏବଂ ସାଧାରଣ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ଅତୀତରେ ରାଜ୍ୟ ସରକାର ବୌଦ୍ଧପୀଠ ଉଦୟଗୁରିଠାରେ ଆନ୍ତର୍ଜାତିକ ବୌଦ୍ଧଧର୍ମ ପର୍ଯ୍ୟଟନ ସମାରୋହ କରି ଏହାର ଗୁରୁତ୍ୱ ବୃଦ୍ଧି କରିଥିଲାବେଳେ କେଇବର୍ଷ ହେଲା ଏହା ବନ୍ଦ ହୋଇଯାଇଛି । ଭାରତବର୍ଷର ବୋଧଗୟା, ସାରନାଥ, ନାଳନ୍ଦାଠାରୁ କୌଣସି ଗୁଣରେ କମ୍ ନଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକର ଉପଯୁକ୍ତ ବିକାଶ କରାଇଲେ । ଏହା ରାଜ୍ୟ ପର୍ଯ୍ୟଟନ ବିଭବକୁ ଅଧିକ ଋଦ୍ଧିମନ୍ତ କରାଇପାରନ୍ତା ।

## ॥ ରତ୍ନଗିରି ॥



ରାଜ୍ୟର ଏକ ସୁବିଖ୍ୟାତ ବୌଦ୍ଧପୀଠର ମାନ୍ୟତା ଲାଭ କରିଥିବା ରତ୍ନଗିରି ବୌଦ୍ଧ ମହାବିହାରର କଳାକୀର୍ତ୍ତି ଓ ଐତିହ୍ୟ ଏକ ବୌଦ୍ଧସ୍ମରଣୀୟ କୃତି । ବରି ବ୍ଲକ ଅନ୍ତର୍ଗତ ଏହି ରତ୍ନଗିରିଠାରେ ରହିଛି ଏକ ପ୍ରାଚୀନ ବୌଦ୍ଧଯୁଗୀୟ ବିଶ୍ୱବିଦ୍ୟାଳୟ, ବହୁ ପୁରାତନ ବୌଦ୍ଧମହାବିହାର, ଇଟା ନିର୍ମିତ ଏକ ବିଶାଳ ମହାସ୍ତୁପ, ମହାକାଳଙ୍କ ପବିତ୍ର ମନ୍ଦିର । ରତ୍ନଗିରି ଏକଦା ବୌଦ୍ଧ କାଳଚକ୍ରଯାନ ଓ ଯୋଗାଚାର ବିଜ୍ଞାନବାଦର ଏକ ମହିମାମଣ୍ଡିତ ପୀଠ ଭାବରେ ମଧ୍ୟଯୁଗୀୟ ସମୟରେ ସୁପରିଚିତ ଥିଲା । ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ରତ୍ନଗିରି ବୌଦ୍ଧମହାବିହାର ଥିଲା ପୁରାତନ ଭାରତବର୍ଷର ଏକ ପ୍ରାଚୀନତମ ବୌଦ୍ଧ ଶିକ୍ଷାକେନ୍ଦ୍ର । ଗୁପ୍ତ ସମ୍ରାଟ ନରସିଂହ ଗୁପ୍ତ ବାଳାଦିତ୍ୟ ଏହି ବିଖ୍ୟାତ ବୌଦ୍ଧପୀଠରେ ବୌଦ୍ଧଶ୍ରମଣ ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସୁବିଶାଳ ବୌଦ୍ଧ ମହାବିହାର ଓ ସଂଘାରାମ ନିର୍ମାଣ କରିଥିଲେ ।



୧୯୦୩ ମସିହାରେ ଯାଜପୁରର ତତ୍କାଳୀନ ଏସ୍.ଡି.ଓ. ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ରତ୍ନଗିରି ବୌଦ୍ଧପୀଠର ପ୍ରାରମ୍ଭିକ ସର୍ବେକ୍ଷଣ କରାଯାଇଥିଲା ଓ ୧୯୫୮ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ଏହାର ପ୍ରଥମ ଉତ୍ଖନନ ଆରମ୍ଭ କରିଥିଲେ ଡକ୍ଟର ଦେବଳା ମିତ୍ର ନାମକ ଜଣେ ମହିଳା ପ୍ରତ୍ନତତ୍ତ୍ୱବିତ୍ । ରତ୍ନଗିରି ପ୍ରତ୍ନ ଉତ୍ଖନନରୁ ବିପୁଳ ପରିମାଣର ପ୍ରାଚୀନ ବୌଦ୍ଧକୀର୍ତ୍ତିରାଜି ସମେତ ବିଭିନ୍ନ ମୁଦ୍ରାରେ ଆସୀନ ମନୋଜ୍ଞ ବୌଦ୍ଧବିଗ୍ରହ ବୋଧିସତ୍ତ୍ୱ, ତାରା, ହାରିତି, ବସୁଧାରା, ପ୍ରଜ୍ଞାପାରମିତା, ମଂଜୁଶ୍ରୀ, ମହାକାଳ, ହେରୁକ, ପଦ୍ମପାଣି ବୁଦ୍ଧ ଓ ଅପରାଜିତାଙ୍କ ଶହ ଶହ ପ୍ରତିମା ଆବିଷ୍କୃତ ହୋଇଛି । ରତ୍ନଗିରିଠାରେ ଥିବା ମନୋରମ ସଂଗ୍ରହାଳୟରେ ଏହି କଳାଭାସ୍କର୍ଯ୍ୟଗୁଡ଼ିକ ସ୍ଥାନ ପାଇଛି ।








## ॥ ଉଦୟଗିରି ॥

ବିରୂପା-କେଲୁଅ ନଦୀ ଉପତ୍ୟକା ଉପକଣ୍ଠରେ ଗଢ଼ି ଉଠିଥିବା ଏହି ବିଶିଷ୍ଟ ବୌଦ୍ଧବିହାର ବଡ଼ଚଣା ବ୍ଲକର ଉଦୟଗିରିଠାରେ ଅବସ୍ଥିତ । ବଅଢ଼ିହ-ଷୋଳପିଅମା'-ଉଦୟଗିରି ପାହାଡ଼ର ପରିବେଷ୍ଟନୀ ଭିତରେ ଏବଂ ଅପୂର୍ବ ପ୍ରାକୃତିକ ପରିବେଶରେ ଗଢ଼ି ଉଠିଥିବା ଏହି ସୁମହାନ ବୌଦ୍ଧପୀଠ ଭାରତବର୍ଷର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ମଧ ପରିଚିତ । ଉଦୟଗିରିଠାରେ ରହିଛି ବୌଦ୍ଧ ବଜ୍ରଯାନ ଯୁଗର ପ୍ରାଚୀନ ଦ୍ୱିତଳ ବୌଦ୍ଧବିହାର, ଯାହାକି ପଞ୍ଚରଥ ଶୈଳୀରେ ନିର୍ମିତ । ଉଦୟଗିରିର ଉତ୍ଖନନରୁ ଆବିଷ୍କୃତ ହୋଇଛି ପ୍ରାଚୀନ ମାଧବପୁର ବୌଦ୍ଧମହାବିହାର ଓ ଏକ ବିଶାଳ ମହାସ୍ତୁପ । ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀରେ ନିର୍ମିତ ଏହି ବିହାରଠାରୁ ଅଳ୍ପ ଦୂରରେ ଏକ ବିରଳତମ ଚୈତ୍ୟଗୃହ କମ୍ପ୍ଲେକ୍ସ ଓ ଦ୍ୱିତଳ ସିଂହପ୍ରସ୍ଥ ମହାବିହାର ମଧ ମାଟିତଳୁ ବାହାରିଛି । ଉଦୟଗିରିଠାରେ ବୌଦ୍ଧମହାବିହାର ସମେତ ଏକ ପ୍ରସ୍ତରକଟା ବିଶାଳ କୂପ, ମହାକାଳ ମନ୍ଦିର, ବୃହତ ରୋଷଶାଳା (କିଚେନ୍ କଂପ୍ଲେକ୍ସ) ସମେତ ଶତାଧିକ ବୌଦ୍ଧ ବିଗ୍ରହ ଆବିଷ୍କୃତ ହୋଇଛି । ଉଦୟଗିରିରୁ ଜଟାମୁକୁଟ ଲୋକେଶ୍ୱର, ଅମିତାଭ, ଆକ୍ସୌଭ୍ୟ, ମଂଜୁଶ୍ରୀ, ରତ୍ନସମ୍ଭବ, ପଦ୍ମପାଣି, ଅବଲୋକିତେଶ୍ୱର, ଜମ୍ଭାଳ, ଅପରାଜିତା, ହାରିତି ଇତ୍ୟାଦି ବୌଦ୍ଧମୂର୍ତ୍ତି ଉତ୍ମୂର୍ତ୍ତି ଉତ୍ଖତିତ ହୋଇଛି । ସେହିଭଳି ଏଠାରୁ ଖନନ ସମୟରେ ବହୁ ପ୍ରାଚୀନ ଶିଳାଲେଖ, ଅଳଙ୍କୃତ ସ୍ତମ୍ଭ, ଭୋଟିପ୍ (ଅର୍ଘ୍ୟ) ସ୍ତୁପ, ଚତୁର୍ଭୁଜାକାର ବିହାର, ସ୍ଥାପତ୍ୟ ଓ କଳା ଖୋଦିତ ବିଗ୍ରହ, ସିଲମୋହର, ସୁରେଇ, ଚିଲମ, ମାଟିନଳୀ, ପୋଡ଼ାମାଟିର ନଳୀ, ବିଭିନ୍ନ ପ୍ରକାର କୁଟକାମଯୁକ୍ତ ଟାପୁଆ ଇଟା ଆବିଷ୍କୃତ ହୋଇଛି ।



## ॥ ଲଳିତଗିରି ॥

କଟକ ଜିଲ୍ଲାରେ ବିରୂପା-ଚିତ୍ରୋପୂଳା ନଦୀ ଉପତ୍ୟକାର ପୂର୍ବଘାଟ ପର୍ବତମାଳାର ଅସିହା ପର୍ବତଶ୍ରେଣୀର ନଣ୍ଡାପାହାଡ଼, ପାରାଭାଡ଼ି ଓ ଓଳାଶୁଣି ପାହାଡ଼ ମଧ୍ୟରେ ଲଳିତଗିରିର ଅବସ୍ଥିତି ସ୍ୱତନ୍ତ୍ର । ଲଳିତଗିରିର ପୁରାତାତ୍ତ୍ୱିକ ଅବଶେଷକୁ ୧୮୬୯ ମସିହାରେ ପ୍ରଥମେ ଲୋକଲୋଚନକୁ ଆଣିଥିଲେ ଚନ୍ଦ୍ରଶେଖର ବାନାର୍ଜୀ । ୧୯୨୭-୨୮ରେ ରାମପ୍ରସାଦ ଚାନ୍ଦ ଏହି ବୌଦ୍ଧପୀଠର ପ୍ରଲେଖିକରଣ କରାଇଥିଲେ । ଏହି ପ୍ରମୁଖ ପୀଠର ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱ ଥିବା ଯୋଗୁଁ ୧୯୩୭ ମସିହାରେ ଏହାକୁ ରାଷ୍ଟ୍ରୀୟ ମହତ୍ତ୍ୱପୂର୍ଣ୍ଣ ସ୍ମାରକ ଭାବେ ଘୋଷଣା କରାଯାଇଥିଲା । ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ତତ୍କାଳୀନ ଲଳିତଗିରିର ପ୍ରଥମ ପ୍ରାରମ୍ଭିକ ଖନନ କରାଯାଇଥିଲେ ମଧ ୧୯୮୫ ମସିହାରୁ ୧୯୯୧ ମସିହାଯାଏ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ (ଏ.ଏସ୍.ଆଇ.)ର ଭୁବନେଶ୍ୱର ମଣ୍ଡଳ ଏହି ପୀଠର ବ୍ୟାପକ ଓ ପୂର୍ଣ୍ଣାଙ୍ଗ ପ୍ରତ୍ନଖନନ କରିଥିଲେ । ଏହି ଉତ୍ଖନନରୁ ଏକ ବିଶାଳସ୍ତୁପର ଅବଶେଷ ମିଳିଥିଲା । ଏହି ସ୍ତୁପ ମଧ୍ୟରେ ଖଣ୍ଡୋଲାଇଟ ପଥରରେ ନିର୍ମିତ ତିନୋଟି ଅସ୍ଥି ଅବଶେଷର ଫରୁଆ (ରେଲିକ୍ସ କାସକେଟ୍) ମିଳିଥିଲା । ତିନୋଟି ଫରୁଆ ମଧ୍ୟରୁ ଗୋଟିଏ ଖାଲି ଥିଲାବେଳେ ଦୁଇଟି ଭିତରେ ଖଡ଼ିପଥର, ତା' ଭିତରେ ରୂପା ଓ ତା' ମଧ୍ୟରେ ସ୍ୱର୍ଣ୍ଣ ଲଘୁ ଫରୁଆର ସେଟ୍ ମିଳିଥିଲା ।ଉଭୟ ସ୍ୱର୍ଣ୍ଣ ଫରୁଆ ଭିତରେ ଦଗ୍ଧ ଅସ୍ଥି ଖଣ୍ଡରୂପରେ ଧାତୁ ଅଥବା ପୁରାବଶେଷ ମିଳିଥିଲା । ଲଳିତଗିରି ପୀଠ ଖନନରୁ ଚାରୋଟି ବୌଦ୍ଧବିହାରର ଅବଶେଷ ଆବିଷ୍କୃତ ହୋଇଛି । ଲଳିତଗିରିରେ 'ଶ୍ରୀ ଚନ୍ଦ୍ରାଦିତ୍ୟ ବିହାର ସମଗ୍ର ଆର୍ଯ୍ୟ ଭିକ୍ଷୁ ସଂଘ' ଲେଖା ହୋଇଥିବା ଏକ ମୃଣ୍ମୟ ମୁଦ୍ରାଛାପ (ସିଲ୍‌ମୋହର) ମିଳିଥିଲା, ଯାହାକି ଖ୍ରୀଷ୍ଟାବ୍ଦ ୯ମ-୧୦ମ ଶତାବ୍ଦୀର ବୋଲି ପ୍ରମାଣ ମିଳୁଛି । ଲଳିତଗିରିଠାରେ ୧୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି ।



# କ୍ୱିନୋଆ ପଲାଓ



**ସାମଗ୍ରୀ:**

ଏକ କପ୍ କ୍ୱିନୋଆ, ୨ ଚାମଚ ଘିଅ ବା ତେଲ, ୧ ଚାମଚ କଟା ପିଆଜ, ଏକ ଚାମଚ କଟା କଞ୍ଚା ଲଙ୍କା, ଅଧା ଚାମଚ ଅଦା-ରସୁଣ ପେଷ୍ଟ, ୧/୪ କପ୍ କା ଗାଜର, ୧/୪ ସବୁଜ ମଟର, ୨/୩ଟି କଟା ବିନ୍ସ, ଗୋଟିଏ ଛୋଟ କଟା ଟମାଟୋ, ୧୦/୧୨ଟି ପୋଦିନା ପତ୍ର, ୩/୪ ଚାମଚ ଗରମ ମସଲା, ୧/୪ ଚାମଚ ଲାଲ୍ ଲଙ୍କା ଗୁଣ୍ଡ ଓ ୨ କପ୍ ପାଣି ।

**ପ୍ରଣାଳୀ:**

- ପ୍ରଥମେ କ୍ୱିନୋଆକୁ ଏକ ପାତ୍ରରେ ନେଇ ୩/୪ କପ୍ ପାଣି ଦେଇ ଭଲ ଭାବେ ଧୋଇ ଦିଅନ୍ତୁ ।
- ପରେ ଏଥିରେ ଥିବା ସମସ୍ତ ପାଣିକୁ ନିଗାଡ଼ି ନିଅନ୍ତୁ ।
- ଏବେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ କଟା ପିଆଜକୁ ପକାଇ ସୁନେଲୀ ହେବା ଯାଏ ଭାଜନ୍ତୁ ।
- ଭଜା ପିଆଜରେ ଅଦା-ରସୁଣ ପେଷ୍ଟ ପକାଇ ହଳଦୀ ଗୁଣ୍ଡ, ଲାଲ୍ ଲଙ୍କା ଗୁଣ୍ଡ ଓ ଗରମ ମସଲା ପକାନ୍ତୁ ।
- ଏବେ କଟା ହୋଇଥିବା ପରିବାକୁ ଭଜା ମସଲାରେ ପକାନ୍ତୁ । ଭଲ ଭାବେ ମିଶାଇ ୨ ମିନିଟ୍ ପାଇଁ ଢାଙ୍କୁଣୀ ଢାଙ୍କି ଦିଅନ୍ତୁ । ଗ୍ୟାସ୍‌କୁ ସାମାନ୍ୟ ସିମ୍ କରି ଦିଅନ୍ତୁ ।
- ସାମାନ୍ୟ ଫୁଟିବା ପରେ ସେଥିରେ କ୍ୱିନୋଆକୁ ପକାଇ ଢାଙ୍କି ଦିଅନ୍ତୁ । ସେଥିରେ ଥିବା ପାଣି ଭଲରେ ଶୁଖିବା ଯାଏ ଛାଡ଼ି ଦିଅନ୍ତୁ ।
- ପାଣି ଭଲ ଭାବେ ଶୁଖିବା ପରେ କ୍ୱିନୋଆଗୁଡ଼ିକ ଫୁଲି ଫୁଲି ଯିବ । ଏବେ ଏହାକୁ ପରିବେଷଣ କରିବା ସମୟରେ ଲେମ୍ବୁ ରସ ପକାଇବାକୁ ଭୁଲନ୍ତୁ ନାହିଁ ।

# ଯୁବପିଢ଼ିଙ୍କ ପସନ୍ଦ ଷ୍ଟାଇଲିସ୍ ସ୍ଲିଙ୍ଗ୍ ବ୍ୟାଗ୍

**ମେସେଞ୍ଜର ବ୍ୟାଗ୍:** ମେସେଞ୍ଜର ବ୍ୟାଗ୍‌ଟି ସ୍ଲିଙ୍ଗ୍ ବ୍ୟାଗ ତୁଳନାରେ ଟିକେ ବଡ଼ ରହୁଛି । ଏଥିରେ ସ୍ଲିଙ୍ଗ୍ ବ୍ୟାଗରେ ନିଆଯାଇ ପାରୁଥିବା ଦରକାରୀ ସାମଗ୍ରୀ ସମେତ ଆଉ କିଛି ଅଧିକ ଏବଂ ବଡ଼ ଆକୃତିର ଜିନିଷପତ୍ର ନେବାଆଣିବା କରିହେଉଛି । ଯଥା ସରକାରୀ କାଗଜପତ୍ର, ମିନି ଲାପଟପ୍ ଏବଂ ଆଇପ୍ୟାଡ୍ ଆଦି ନିଆଯାଇ ପାରୁଛି ।

**ଭଳିକି ଭଳି ଡିଜାଇନ୍:** ସ୍ଲିଙ୍ଗ୍ ବ୍ୟାଗଗୁଡ଼ିକ ବିଭିନ୍ନ ଡିଜାଇନରେ ପ୍ରସ୍ତୁତ ହୋଇଛି । ପୁରୁଷମାନେ ଗାଡ଼ି ଚଳାଇବା କିମ୍ବା ଯିବାଆସିବା ସମୟରେ ହାତରେ ଧରି ପାରୁଛନ୍ତି କିମ୍ବା କାନ୍ଧରେ ପକାଇ ପାରୁଛନ୍ତି । କାନ୍ଧରେ ପକାଇବା ପରେ ବ୍ୟାଗ୍‌ଟି ସାଧାରଣତଃ ଅଣ୍ଟା ପାଖରେ ଝୁଲି ରହୁଛି । ଫଳରେ ଏଥିରେ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ନେବା ସହଜ ହେଉଛି । ବିଭିନ୍ନ ରଙ୍ଗରେ ଏହି ବ୍ୟାଗ୍‌ଗୁଡ଼ିକ ଆସୁଛି । ଯୁବକମାନେ ହାଲୁକା ରଙ୍ଗର ସ୍ଲିଙ୍ଗ୍ ବ୍ୟାଗ ପସନ୍ଦ କରୁଥିବାବେଳେ ମହିଳାମାନେ ଟିକେ ରଙ୍ଗିନ ବ୍ୟାଗ୍ ନେବାକୁ ପସନ୍ଦ କରୁଛନ୍ତି ବୋଲି ରାଜଧାନୀର ଗୋଟିଏ ପ୍ରମୁଖ ସୋରୁମ୍‌ର ସ୍ୱତ୍ୱାଧିକାରୀ କହିଛନ୍ତି ।

ସେହିଭଳି ବିଭିନ୍ନ ମ୍ୟାଟେରିଆଲ୍‌ରେ ଏହି ବ୍ୟାଗଗୁଡ଼ିକ ଆସୁଛି । କରୋନା ପାଇଁ ଏହି ବ୍ୟବସାୟୀ କିଛିଟା ପ୍ରଭାବିତ ହୋଇଛି । ସ୍କୁଲ କଲେଜ ଦୀର୍ଘଦିନ ଧରି ବନ୍ଦ ରହିବା ସହିତ କମ୍‌ସଂଖ୍ୟକ କର୍ମଚାରୀଙ୍କୁ ନେଇ ଅଫିସ ଚାଲିବା ଯୋଗୁ ଏହାର ଚାହିଦା କମିଯାଇଥିଲା ।

**ଦାମ୍ ଓ ବ୍ରାଣ୍ଡ:** ବ୍ରାଣ୍ଡେଡ୍ କମ୍ପାନୀ ଗୁଡ଼ିକ ଏକ୍ଷେତ୍ରରେ ପ୍ରବେଶ କରିଛନ୍ତି । ସେମାନଙ୍କ ମଧ୍ୟରେ ୱାଇଲ୍‌ଡକ୍ରାଫ୍ଟ, ଫାଷ୍ଟ୍ରାକ୍, ଲାଭି, ଭିଆଇପି, ଆମେରିକାନ୍ ଟୁରିଷ୍ଟର, ସାମସୋନାଇଟ ଏବଂ ସଫାରି ଆଦି କମ୍ପାନି ରହିଛନ୍ତି । ଏକ୍ସକ୍ଲୁସିଭ ସୋ' ରୁମ୍ ସମେତ ମଲ୍ଟି ବ୍ରାଣ୍ଡ ସୋରୁମ୍‌ରେ ଏହି ବ୍ୟାଗ୍ ଉପଲବ୍ଧ ହେଉଛି । ୱାଇଲ୍ଡକ୍ରାଫ୍ଟ ସୋରୁମ୍‌ରେ ଏହି ଦୁଇ ପ୍ରକାର ବ୍ୟାଗ୍ ମଧ୍ୟରୁ ସ୍ଲିଙ୍ଗ୍ ବ୍ୟାଗର ଦାମ୍ ୪୦୦ ଟଙ୍କାରୁ ଆରମ୍ଭ ହୋଇ ୧୦୯୯ ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିଭଳି ମେସେଞ୍ଜର ବ୍ୟାଗ୍‌ଗୁଡ଼ିକର ଦାମ୍ ୮୫୦ ଟଙ୍କାରୁ ଆରମ୍ଭ ହୋଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।






ଯୁବବର୍ଗର ଲୋକମାନେ ଆଜିକାଲି ଅଧିକାଂଶ ସମୟରେ ବାହାରକୁ ବିଭିନ୍ନ କାର୍ଯ୍ୟରେ ଯାଉଛନ୍ତି । ଅଫିସକୁ ଯିବା ସହିତ ବାହାରକୁ ଯାତ୍ରା କରୁଛନ୍ତି । ଏଥିପାଇଁ ସାଥୀରେ ଅନେକ କିଛି ଆବଶ୍ୟକ କାଗଜପତ୍ର, ମୋବାଇଲ ଫୋନ, ଟଙ୍କା ପଇସା ଆଦି ନେବାକୁ ପଡୁଛି । ମହିଳାମାନଙ୍କୁ ମଧ୍ୟ ଏସବୁ ଆବଶ୍ୟକ ସାମଗ୍ରୀ ସହିତ ପ୍ରସାଧାନ ସାମଗ୍ରୀ ବାହାରକୁ ଯିବା ସମୟରେ ନେବାକୁ ହେଉଛି । ଏହାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ପ୍ରକାର ବ୍ୟାଗ୍ ଆସିଯାଇଛି । ବିଶେଷକରି ଟ୍ରାଭେଲ୍ ସାମଗ୍ରୀ ପ୍ରଦାନ କରୁଥିବା କମ୍ପାନୀ ଗୁଡ଼ିକ ଏସବୁ ବ୍ୟାଗ୍ ବଜାରରେ ବିକ୍ରି କରୁଛନ୍ତି । ଏହି ବ୍ୟାଗ୍‌ଗୁଡ଼ିକୁ ମୁଖ୍ୟତଃ ସ୍ଲିଙ୍ଗ୍ ବ୍ୟାଗ୍ କୁହାଯାଉଛି । ବିଶେଷକରି ଆଇଟି କ୍ଷେତ୍ରରେ ଏବଂ ଭଲ ଭଲ କର୍ପୋରେଟ୍ କାର୍ଯ୍ୟାଳୟରେ ଚାକିରି କରୁଥିବା ଯୁବକ ଓ ଯୁବତୀମାନେ ଏହି ବ୍ୟାଗ୍ ଅଧିକ ମାତ୍ରାରେ କିଣୁଛନ୍ତି । କେବଳ ଆବଶ୍ୟକତା ପୂରଣ ନୁହେଁ, ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ଜଣାଇବା ପାଇଁ ଗ୍ରାହକମାନେ ଏହି ଷ୍ଟାଇଲିସ୍ ବ୍ୟାଗ୍ କିଣୁଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨ ଫେବୃୟାରୀ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନ୍ୟାୟ ...

ଏବେ କରୋନା ସଂକ୍ରମଣ ବିରୋଧରେ ସଂଗ୍ରମ ଅନ୍ତିମ ଚରଣରେ ପହଂଚିସାରିଛି । କୋଭିଡ-୧୯ କବଳରେ ବିଶ୍ୱର ଅର୍ଥନୀତି, ସାମାଜିକ ବ୍ୟବସ୍ଥା କିଭଳି ପ୍ରଭାବିତ ହୋଇଛି, ତାହା ସର୍ବଜନବିଦିତ । ଏଭଳି କୌଣସି ଦେଶ ନାହିଁ, ଯାହାର ସ୍ଥିତି ଯଥା ପୂର୍ବ ରହିଛି ବୋଲି କୁହାଯାଇପାରିବ । ୨୦୨୦ ଅତିକ୍ରାନ୍ତ ହୋଇଯିବା ପରେ ନୂତନ ଅଧ୍ୟାୟ ପ୍ରାୟତଃ ଆରମ୍ଭ ହୋଇଥିବା ଭଳି ମନେ ହେଉଛି । ବ୍ୟାପକ ପ୍ରତିଷେଧକ ଟିକାକରଣ ଜନଗଣଙ୍କ ଭିତରେ କେତେ ପ୍ରତିରୋଧ କ୍ଷମତା ସୃଷ୍ଟି କରିବାରେ ସକ୍ଷମ ହୋଇଛି, ତାହା ଯେତେ ବଡ଼ କଥା ନୁହେଁ; ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସମସ୍ତଙ୍କ ଭିତରେ ଆସ୍ଥା ଓ ବିଶ୍ୱାସ ଜନ୍ମାଇବାରେ ତାହାର ଯୋଗଦାନ । ବିଭିନ୍ନ ଉପଚାର ଭିତରେ ମୁଖା ପରିଧାନ ଓ ସାମାଜିକ ଦୂରତ୍ୱ ରକ୍ଷା ଓ ହସ୍ତ ପ୍ରକ୍ଷାଳୟନ ଭଳି ବ୍ୟବସ୍ଥାରେ ପରିବର୍ତ୍ତନ ପୂର୍ବଦିନର କଠୋରତା କୋହଳ ହେଉଥିବା ଦେଖାଗଲାଣି । ନିମ୍ନତମ କଟକଣା ଭିତରେ ଆରମ୍ଭ ହେଲାଣି ସଂସଦ ଓ ବିଧାନସଭାର ଅଧିବେଶନ । ବିଭିନ୍ନ ରାଜନୈତିକ ଦଳ ସେମାନଙ୍କର କଥିତ ତରିକା ପ୍ରସ୍ତୁତ କରି ପ୍ରତିନିଧି ସଭାରେ ଭୂମିକା ନେଇ ତରିକା ସ୍ଥିର କରିଛନ୍ତି । ସମ୍ପ୍ରତି ଦେଶବ୍ୟାପୀ ବହୁଚର୍ଚ୍ଚିତ ଚାଷୀ ଆନ୍ଦୋଳନ ନେଇ ରାଜଧାନୀ ଦିଲ୍ଲୀ ଓ ଉପକଣ୍ଠରେ ପୁଲିସ-ଚାଷୀ ସଂଘର୍ଷ ଦେଶବାସୀଙ୍କୁ ମନକୁ ଆନ୍ଦୋଳିତ କରିଥିବାବେଳେ ସ୍ୱୟଂ ପ୍ରଧାନମନ୍ତ୍ରୀ ଚାଷୀମାନଙ୍କୁ ଦିଆଯାଉଥିବା ସୁବିଧା ଫେରାଇ ନିଆଯିବ ନାହିଁ ବୋଲି ଯେଉଁ ଘୋଷଣା କରିଛନ୍ତି, ତାହା ହେଉଛି ବାସ୍ତବରେ ତାଙ୍କ ମନର କଥା । ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ଦିନ ୧୯ଟି ଦଳ ରାଷ୍ଟ୍ରପତିଙ୍କ ଅଭିଭାଷଣ ବର୍ଜନ କରି ସେମାନଙ୍କର କୃଷି ବିଲ୍ ନେଇ ତିକ୍ତ ପ୍ରତିକ୍ରିୟା ଜଣାଇଥିଲେ ହେଁ ବିଜୁ ଜନତା ଦଳ, ୱାଇଏସ୍ଆର୍, କଂଗ୍ରେସ ଓ ଟିଆରଏସ୍ ଭଳି ଆଂଚଳିକ ବକ୍ତବ୍ୟ ଜାଣିବାକୁ ଚାହିଁବାରେ କୁହାଯାଇଛି, ଦଳ କୌଣସି କଥାକୁ ଅନ୍ଧଭାବରେ ସମର୍ଥନ କି' ବିରୋଧ କରେନାହିଁ । ପ୍ରସଙ୍ଗଭିତ୍ତିକ ସମର୍ଥନ ଓ ବିରୋଧ ଦଳର ନେତାଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶକ୍ରମେ କରାଯାଇଥାଏ ବୋଲି ସୂଚିତ ହୋଇଛି । କୃଷକମାନଙ୍କୁ ମାସ ମାସ ବ୍ୟାପୀ ଆନ୍ଦୋଳନ-ଅନଶନ ନେଇ ଯଦିଓ ବିଜେଡ଼ି ଏକାଧିକ ବାର ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିଥିଲା, ଠିକଣା ବେଳକୁ ଦଳକୁ ଯାହା ଦିଶିଲା ତାହା କରାଗଲା ବୋଲି ସମାଲୋଚକ ମହଲ ମତ ଦେଉଛନ୍ତି । ରେଳ ବିଭାଗ ଓଡ଼ିଶାରୁ ବିପୁଳ ପରିମାଣ ରାଜସ୍ୱ ପାଉଥିବା ସମୟରେ ରାଜ୍ୟକୁ କିଭଳି ନ୍ୟାୟ ପ୍ରାପ୍ୟରୁ ବଂଚିତ ରଖିଛି, ତାହା ସମସ୍ତେ ଜାଣନ୍ତି । ଖଣିଜ ରୟାଲିଟି ବାବଦ କୋଟି କୋଟି ଟଙ୍କାର ପ୍ରାପ୍ୟରୁ ଓଡ଼ିଶାକୁ ନିର୍ବିଶେଷରେ ବଂଚିତ କରାଯାଇଆସୁଛି । ଶୋଇଲା ପୁଅର ଭାଗ ନାହିଁ ନ୍ୟାୟରେ ଓଡ଼ିଶାକୁ ତାହାର ନ୍ୟାଯ୍ୟ ପ୍ରାପ୍ୟରୁ ବଂଚିତ କରାଯାଉଛି । ଏହି ବିପୁଳ ଧନରାଶି ଯଦି ଓଡ଼ିଶାକୁ ମିଳିପାରନ୍ତା, ତେବେ ବିକାଶମୂଳକ କାର୍ଯ୍ୟରେ ତାହାର ବିନିଯୋଗ ହୋଇପାରନ୍ତା । ସେହି ପ୍ରସଙ୍ଗକୁ ଆଧାର କରି ବିଜେଡ଼ି ବହୁ ଦଶନ୍ଧି ଧରି ରାଜନୀତି କରି ଯେତିକି ଫସଲ କାଟିଛି, ସେହିଭଳି ପ୍ରତିପକ୍ଷ ଦଳମାନେ ଯଥାସମ୍ଭବ ଫାଇଦା ପାଇଛନ୍ତି । ଏହା କୁହାଯିବା ସମୟରେ କାହାରି ସଂକୋଚଭାବେ ରହିବା ଉଚିତ୍ ନୁହେଁ । ବିଭିନ୍ନ କ୍ଷେତ୍ରରେ ରାଜ୍ୟବାସୀ ଉପଯୁକ୍ତ ପ୍ରତିନିଧିତ୍ୱ ଓ ଭାଗିଦାରିତା ପାଇପାରିନାହାନ୍ତି । ଉଦାହରଣ ଖୋଜିଲେ ବହୁତ ମିଳିବ । ଦେଶର ସର୍ବୋଚ୍ଚ ନ୍ୟାୟପାଳିକାରେ ପୂର୍ବଦିନମାନଙ୍କରେ ଯେମିତି ଓ ଯେତିକି ପ୍ରତିନିଧିତ୍ୱ ମିଳୁଥିଲା, ଏବେ ହୁଏତ କୌଣସି କାରଣବଶତଃ ତାହା ନାହିଁ । ସୁପ୍ରିମକୋର୍ଟର ପ୍ରଧାନ ନ୍ୟାୟାଧୀଶ ରୂପେ ଜଷ୍ଟିସ୍ ଦୀପକ ମିଶ୍ରଙ୍କ କାର୍ଯ୍ୟକାଳ ପୂରିଯିବା ପରେ ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ରାଜ୍ୟର ପ୍ରତିନିଧିତ୍ୱ ନାହିଁ । ସୁପ୍ରିମକୋର୍ଟରେ ଜଣେ ହେଲେ ଓଡ଼ିଶାର ବିଚାରପତି ନଥିବା କିଛି କାକତାଳୀୟ ନ୍ୟାୟ ହୋଇନଥାଇପାରେ । ଦେଶର ସମସ୍ତ କ୍ଷେତ୍ରର ପ୍ରତିନିଧିତ୍ୱ ନେଇ ଅଲିଖିତ ପ୍ରଥା ଗଡ଼ିଆସିଛି । ଯେହେତୁ ଆବେଦନକାରୀଙ୍କ ଦରଖାସ୍ତ ଯେକୌଣସି ଭାଷାରେ ହୋଇପାରିବ ବୋଲି ସାମ୍ବିଧାନିକ ବିଧି ବ୍ୟବସ୍ଥା ରହିଛି, ତେଣୁ ଆଂଚଳିକ ଭାଷା ନେଇ ମୌଳିକ ଜ୍ଞାନସମ୍ପନ୍ନ ନ୍ୟାୟମୂର୍ତ୍ତି ରହିବା କେବଳ ଆଶା କରାଯାଉନାହିଁ; ଅପରିହାର୍ଯ୍ୟତା ମାଗୁଛି । ଏହା ପ୍ରତି ନାଗରିକଙ୍କର ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର । ଏହା ଯଦି ବାସ୍ତବ, ସୁପ୍ରିମକୋର୍ଟ ଜଜ୍ ପାନେଲରେ ଜଣେ ହେଲେ ଓଡ଼ିଶାର ପ୍ରତିନିଧି ନଥିବା କିଭଳି ନ୍ୟାୟରେ ଯିବ ? କେବଳ ରାଜନୈତିକ ଦଳ ନୁହେଁ, ସାମାଜିକ କର୍ମୀ ଓ ସଂଗଠନସମୂହ ଏ ନେଇ ଉପଯୁକ୍ତ ଫୋରମରେ କର୍ତ୍ତୃପକ୍ଷ ଶୁଣିପାରିଲା ଭଳି ସ୍ୱର ଉଠାଇବା କଥା ।



# ବିବାହ ଏକ ବିଧାନ

**ଉମେଶ ଚନ୍ଦ୍ର ପାତ୍ର**

ଶାସ୍ତ୍ର କହେ ନାରୀ ଓ ପୁରୁଷ ପୃଥକ ଭାବେ ଅସଂପୂର୍ଣ୍ଣ । ମାତ୍ର ସଂଯୁକ୍ତ ଭାବେ ସଂପୂର୍ଣ୍ଣ । ତେଣୁ ଜୀବନର ପୂର୍ଣ୍ଣତା ପ୍ରାପ୍ତି ପାଇଁ ଉଭୟଙ୍କ ମଧ୍ୟରେ ବନ୍ଧନ ଲୋଡ଼ା । ସେହି ପବିତ୍ର ବନ୍ଧନ ପାଇଁ ଅନୁସୃତ ବିଧାନକୁ କୁହାଯାଏ ବିବାହ । ପାଶ୍ଚାତ୍ୟ ଚଳଣିରେ ବିବାହାର ଅର୍ଥ ଦାମ୍ପତ୍ୟ ବୁଝାମଣା । ମାତ୍ର ଭାରତୀୟ ସଂସ୍କୃତି କହେ, ବିବାହ ହେଉଛି ଏକ ଧାର୍ମିକ ବିଧାନ । ହିନ୍ଦୁ ବିବାହ ଶାସ୍ତ୍ର (ମନୁସ୍ମୃତି)ରେ ବ୍ରାହ୍ମ, ଦୈବ, ଆର୍ଷ, ପ୍ରଜାପତ୍ୟ, ଆସୁର, ଗାନ୍ଧର୍ବ, ରାକ୍ଷସ ଓ ପୈଶାଚ ଆଦି ଆଠ ପ୍ରକାର ବିବାହ ବିଷୟରେ ଉଲ୍ଲେଖ ଅଛି । ତନ୍ମଧ୍ୟରୁ ପ୍ରଜାପତ୍ୟ ବିବାହକୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି । ବୈଦିକମନ୍ତ୍ର ଉଚ୍ଚାରଣରେ ବିବାହ ବେଦୀରେ ସଂପାଦିତ ହୁଏ ବିବାହ କାର୍ଯ୍ୟ । ଆମେ ଏବେ ବେଦବିହିତ ବିବାହ ବିଧାନରୁ ମୁହଁ ଫେରାଇନେଇ ଧାଇଁଛୁ ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ । ଏବେ ମାଟ୍ରିମୋନିଆଲ ଓ ୱେବ୍‌ସାଇଟ ଯୋଗେ ଚୟନ ହେଉଛି ବର-କନ୍ୟା । ଦରକାର ହେଉନି ଜାତକ ମେଳକ । ଖୋଜାଯାଉନି ଜାତି, ଗୋତ୍ର, ବୟସ ଓ ବଂଶ ପରିଚିତି । ଏଥିପାଇଁ ନଷ୍ଟ ହେଉଛି ବଂଶଧାରାର ନିର୍ମଳତା । ଏକ ଆଦର୍ଶ ସଂକଟ ମଧ୍ୟରେ ବଢ଼ିଚାଲିଛି ପାରିବାରିକ ଅସହିଷ୍ଣୁତା । ଯେଉଁଠି ହଜାରେ ମତାନ୍ତର ସତ୍ତ୍ୱେ ବି ଛାଡ଼ପତ୍ରର ଚିନ୍ତାକଳ୍ପ ନଥିଲା, ସେଠାରେ ସାମାଜିକ ବିଧାନରେ ପରିଣତ ହୋଇସାରିଲାଣି ବିବାହ ବିଚ୍ଛେଦ । ବୈଦିକ ବିବାହ ପରମ୍ପରାରୁ ଛିଟିକି ଆସିଥିବା ଦାମ୍ପତ୍ୟ ସଂପର୍କ ଏବେ ପ୍ରେମ ବିବାହ, ରେଜିଷ୍ଟ୍ରି ବିବାହ, କଣ୍ଟ୍ରାକ୍ଟ ବିବାହ ଆଦି ବିଭିନ୍ନ ସ୍ତର ଦେଇ ପହଞ୍ଚିଲାଣି ଲିଭ୍ ଇନ୍ ରିଲେସନ୍ ପାଖରେ । ବଢ଼ିଚାଲିଛି ଭ୍ରୂଣହତ୍ୟା । ଏଭଳି ଦୁଃସ୍ଥିତିରୁ ମୁକୁଳିବା ପାଇଁ ଆଜି ବିଶ୍ୱ ବିବାହ ଦିବସ ଅବସରରେ ଏ ନେଇ ବିଚାର କରିବା ଦରକାର ।

ବିବାହର ବ୍ୟାଖ୍ୟା ଦେବାକୁ ଯାଇ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ବିଶିଷ୍ଟ ଭାବରେ ବହନ କରିବା । ନାରୀର ପୁରୁଷକୁ ସମ୍ବର୍ଦ୍ଧନ କରିବାର ପ୍ରବୃତ୍ତି ଓ ପୁରୁଷର ସମ୍ବର୍ଦ୍ଧିତ ହେବାର ପ୍ରବୃତ୍ତି ଭିତର ଦେଇ ବିବାହର ସୃଷ୍ଟି । ଉନ୍ନୟନ ଓ ସୁପ୍ରଜନନ ହିଁ ବିବାହର ମୂଳ ଉଦ୍ଦେଶ୍ୟ । ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ନାରୀ ଚାହେଁ ପୁରୁଷକୁ ଉଦ୍‌ବର୍ଦ୍ଧନ କରିବାକୁ ଓ ପୁରୁଷ ଚାହେଁ ନାରୀକୁ ସର୍ବତୋ ଭାବରେ ବହନକରି ନିଜର ଜୀବନକୁ ବିସ୍ତାରରେ ପରିପ୍ଳୁତ କରିବାକୁ - ତାହା ହିଁ ବିବାହ । ବିବାହ ଏପରି ଭାବରେ ଦେବାକୁ ହେବ ଯେପରି ଦାମ୍ପତ୍ୟ ପ୍ରଣୟ ଫଳରେ ସ୍ୱାମୀ-ସ୍ତ୍ରୀ ଉଭୟେ ଶରୀର, ମନ ଓ ଚରିତ୍ରରେ ଉତ୍କର୍ଷ ଲାଭ କରନ୍ତି ଏବଂ ସନ୍ତାନ-ସନ୍ତତି ମଧ୍ୟ ଉନ୍ନତତର ହୁଅନ୍ତି । ବଂଶ ପରମ୍ପରାରେ ମଣିଷ ଯଦି ବଢ଼ି ନଚାଲେ, ବାପାଙ୍କ ଠାରୁ ପୁତ୍ର ଯଦି ଆହୁରି ବଡ଼ ନହୁଏ, ଆହୁରି ଭଲ ନହୁଏ ତେବେ ହେଲା କ'ଣ ? ପାତ୍ର ଓ ପାତ୍ରୀର ବଂଶ, ବିଦ୍ୟା, ସ୍ୱାସ୍ଥ୍ୟ, ଚରିତ୍ର, ଆୟୁଷ, ଇଷ୍ଟପ୍ରାଣତା, ଦକ୍ଷତା, ଗୁଣ, ବୟସ, ପ୍ରକୃତି ଇତ୍ୟାଦି ଦିଗ ଦେଇ ସମ୍ୟକ୍ ସଙ୍ଗତି ଅଛି କି ନା - ଭଲ ଭାବେ ଦେଖିବା ଦରକାର । ସ୍ତ୍ରୀ ଯଦି ସ୍ୱାମୀକୁ ଶ୍ରଦ୍ଧା କରେ ଓ ସ୍ୱାମୀ ପାଇଁ କଷ୍ଟ ସହି ମଧ ନିଜକୁ ସୁଖୀ ଓ ସାର୍ଥକ ମନେକରେ ତେବେ ସେ ବିବାହ ସଫଳ ହୁଏ । ଆୟୁର ଗୋଟିଏ ବଂଶଗତ ଧାରା ଅଛି । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଯେଉଁଠି ଗଭୀର ଓ ପବିତ୍ର ପ୍ରଣୟ ଅଛି, ସ୍ତ୍ରୀ ଯେଉଁଠି ସ୍ୱାମୀକୁ ନିଜର ସତ୍ତାଜ୍ଞାନରେ ଭଲପାଏ, ସ୍ୱାମୀ ଯେଉଁଠି ସ୍ତ୍ରୀକୁ ନିବିଡ଼ ସ୍ନେହ ଚକ୍ଷୁରେ ଦେଖେ ସେଠାରେ ସନ୍ତାନର ସ୍ୱାସ୍ଥ୍ୟ, ବୁଦ୍ଧି ଓ ଆୟୁଷ ଇତ୍ୟାଦିର ଉତ୍କର୍ଷ ହେବା ଅତି ନିଶ୍ଚିତ । ଅବଶ୍ୟ ସ୍ୱାମୀ ଗୁରୁମୁଖୀ ବା ଇଷ୍ଟମୁଖୀ ହେବା ଏକାନ୍ତ ଆବଶ୍ୟକ । ସ୍ୱାମୀ ଯଦି ସ୍ତ୍ରୀ ମୁଖୀ ହୁଏ ସେଠାରେ ସ୍ତ୍ରୀ ତା ସ୍ୱାମୀକୁ ବେଶୀ ଦିନ ଶ୍ରଦ୍ଧା ଆଖିରେ ଦେଖିପାରେ ନାହିଁ ଓ ଉଭୟେ ପ୍ରବୃତ୍ତିମୁଖୀ ହୋଇପଡ଼ନ୍ତି । ବିବାହ ସମୟରେ ବିଶେଷଭାବରେ ପୁରୁଷର ବୀଜବୈଭବ ବିଚାର କରିବାକୁ ହେବ । ପୁରୁଷ ବୀଜ ବୈଭବ ଯଦି ନାରୀ ଠାରୁ ସମୃଦ୍ଧତର ନହୁଏ ତାହାହେଲେ ପ୍ରଜନନ କ୍ଷେତ୍ରରେ ବିପର୍ଯ୍ୟୟ ଦେଖାଦିଏ । ଏହା ସମ୍ପୂର୍ଣ୍ଣ ବୈଜ୍ଞାନିକ ତଥ୍ୟ । ବିବାହ କେବଳ ଏକ ସାମାଜିକ ବା ପାରିବାରିକ ବନ୍ଧନ ନୁହେଁ । ଦୁଇଟି ମନର ମିଳନ ଦ୍ୱାରା ଗଢ଼ି ଉଠିଥାଏ ଆଗାମୀ ଭବିଷ୍ୟତ ପାଇଁ ଏକ ସୁନ୍ଦର ସ୍ୱପ୍ନର ବାସ୍ତବତା । କେହି କେହି ବିବାହକୁ ଏକ ବାଧ୍ୟବାଧକତା ବୋଲି କହିଥାନ୍ତି କିନ୍ତୁ ବିବାହ ନ କରି ଏକା ଏକା ଜୀବନ ନୌକାକୁ ବାହି ଚାଲୁଥିବା ଅନେକ ଉଦାହରଣ ବି ରହିଛନ୍ତି । ବିବାହ ଯେତେବେଳେ ସମସ୍ୟା ଓ ଦୁଃଖର କାରଣ ହୋଇଥାଏ ତାହା ଆମ ସମାମଜରେ ଦୁଃଖଦ ଭୁଲବୁଝାମଣାର କ୍ଷେତ୍ର ସୃଷ୍ଟି କରିଥାଏ । ଦୁହିତା ଦୁଇ କୂଳକୁ ହିତା କେବେହେଲେ ଦୁଇ କୂଳକୁ ପିତା ବୋଲି କୁହାଯାଇପାରିବ ନାହିଁ । ଝିଅଟି ବିବାହ ବନ୍ଧନରେ ସଂସାର ଜୀବନରେ ପାଦ ଦେଲାପରେ ସେ ସମସ୍ତଙ୍କୁ ଆପଣାଇ ଦୁଇ କୂଳ ପାଇଁ ଏକ ବନ୍ଧନର ସେତୁ ନିର୍ମାଣ କରିଥାଏ । ଯାହାଦ୍ୱାରା ଦୁଇଟି ପରିବାର ଏକ ବିଶ୍ୱାସର ବନ୍ଧନୀରେ ନିଜକୁ ଏକତ୍ର କରି ସୁଖଦୁଃଖ ବାଣ୍ଟିବାର ବୁଝାମଣାକୁ ଗୁରୁତ୍ୱ ଦେଇଥାନ୍ତି । ଆଜିକାଲି ଅନେକ ବିବାହ ଯେତେବେଳେ ଦୁଃଖଦ ଭାବନାରେ ଶେଷ ଡୋରୀ ବାନ୍ଧି ଥାଏ ତାହା ସମସ୍ତଙ୍କୁ ବ୍ୟଥିତ କରିଥାଏ । ତେଣୁ ବିଶ୍ୱ ବିବାହ ଦିବସ ଅବସରରେ ବିବାହର ବା ସମ୍ପର୍କର ଭାବନାକୁ ଯଥାର୍ଥ ବିଚାର କରି ସଂସାର ଓ ସମାଜକୁ ବୁଝିପାରିଲେ ତାହା ଏହି ଦିବସକୁ ସାର୍ଥକ କରିପାରନ୍ତା । ଆଜିକାଲି ଅନେକ ଆଧ୍ୟାତ୍ମିକ ଓ ସେବାଭିମୁଖୀ ସଂଗଠନରେ ଅନେକ କର୍ମୀମାନେ ନିଜ ବିବାହ ସଂସାର ଠାରୁ ସମାଜ ଓ ଏ ବିଶ୍ୱର ସମର୍ପିତ ସେବାକୁ ନିଜ ସଂସାର ଭାବେ ଭାବି ତଥାକଥିତ ସାମାଜିକ ବନ୍ଧନର ବିବାହ ଠାରୁ ଆଧ୍ୟାତ୍ମିକ ସେତୁର ସମ୍ପର୍କକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ବିବାହ ଏକ ସାମାଜିକ ଓ ଆଧ୍ୟାତ୍ମିକ ବିଧାନ ସତ । ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ମା'ମାନଙ୍କର ବୈଶିଷ୍ଟ୍ୟରେ ଅଛି - ନିଷ୍ଠା, ଧର୍ମ, ଶୁଶ୍ରୂଷା, ସେବା, ସାହାଯ୍ୟ, ସଂରକ୍ଷଣ, ପ୍ରେରଣା ଓ ପ୍ରଜନନ । ମାତୃଜାତିକୁ ଆହ୍ୱାନ ଦେଇ ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମା'ମୋର, ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା ପୁରୁଷ ଜନସାଧାରଣଙ୍କ ଭିତରେ ଯେଭଳି ଏଭଳି ଏକ ଭାବର ସୃଷ୍ଟି କରେ ଯାହାଫଳରେ ସେମାନେ ଅବନତ ମସ୍ତକରେ ନତଜାନୁ ହୋଇ ସସମ୍ଭ୍ରମେ ଭକ୍ତି ଗଦଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି, ତାହାହେଲେ ତୁମେ ମାଆ ତେବେ ହିଁ ତୁମେ ସତୀ । ପୁରୁଷ ଓ ନାରୀର ଏହି ଗଭୀର ପ୍ରଣୟ ନବୁଝି ଉପଭୋଗର ଉପକରଣ ମନେକଲେ ସମାଜର ଗତି ନିମ୍ନଗାମୀ ଓ ବାଧାପ୍ରାପ୍ତ ହୁଏ । ପ୍ରକୃତ ଦାମ୍ପତ୍ୟ ମିଳନ ଓ ପ୍ରଣୟ ଯେଉଁଠି ସେଠାରେ ଶିବ-ଦୁର୍ଗାର ଆର୍ବିଭାବ ହୁଏ ।


ସହ-ପ୍ରତିରତ୍ୱିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,

ଦୂରଭାଷ : ୯୪୩୭୦୫୧୯୫୭


# ବାଇଡେନଙ୍କ ପାଇଁ ବଡପ୍ରଶ୍ନ

**ସୌମେନ୍ଦ୍ର ଜେନା**

ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ନବନିର୍ବାଚିତ ଜୋ ବାଇଡେନ୍ ଜାନୁଆରୀ ୨୦ତାରିଖ ଦିନ ପରମ୍ପରାନୁସାରେ ଶପଥ ଗ୍ରହଣ କରିଛନ୍ତି । ପ୍ରଥମଥର ପାଇଁ ତାଙ୍କ ଶପଥ ଗ୍ରହଣ ଉତ୍ସବ ଦୁର୍ଗପ୍ରାୟ ପରିବେଶରେ ସଂପନ୍ନ ହୋଇଥିଲା । ଟ୍ରମ୍ପଙ୍କ ସମର୍ଥକମାନେ ଆମେରିକାର ସଂସଦରେ ପ୍ରବେଶ କରି ହଙ୍ଗାମା କରିବା ସହ ଯେଉଁ ହିଂସାକାଣ୍ଡ ସୃଷ୍ଟି କରିଥିଲେ ତାକୁ ପ୍ରତିହତ କରିବାଲାଗି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ପ୍ରଥମ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଆମେରିକାର ନାଗରିକଙ୍କ ଭୟରେ ସୁରକ୍ଷିତ ରହିବାକୁ ଗ୍ରହିଁଲେ । ଯଦିଓ ବାଇଡେନ ନିଜର ବ୍ୟକ୍ତିଗତ ସୁରକ୍ଷା ପାଇଁ ଚିନ୍ତିତ ନୁହଁନ୍ତି ବୋଲି ପୂର୍ବରୁ କହିଥିଲେ । ସେଥିପାଇଁ ୧୦,୦୦୦ ନେସ୍‌ନାଲ ଗାର୍ଡଙ୍କୁ ସୁରକ୍ଷା ପାଇଁ ମୁତୟନ କରାଯାଇଥିଲା । କ୍ୟାପିଟଲର ପୁଲିସ ମୁଖ୍ୟା ଯୋଗନନ୍ଦାଙ୍କ କହିବାନୁସାରେ ସଂଗଠିତ ଓ ସଂଯୋଜିତ ସୁରକ୍ଷା ପାଇଁ ଟିକେଟର ବ୍ୟବସ୍ଥା ମଧ ହୋଇଥିଲା । ସମର୍ଥକମାନେ ଘରେ ରହି ଏହି ଉତ୍ସବକୁ ଉପଭୋଗ କରିବାକୁ ବାଇଡେନ କହିଥିଲେ । ଉପ ରାଷ୍ଟ୍ରପତି କମଳା ହାରିସ ଆର୍ଲିଙ୍ଗଟନ ରାଷ୍ଟ୍ରୀୟ ସ୍ମାରକୀଠାରେ ଆମେରିକାର ସହିଦ ସେନାଙ୍କ ଉଦ୍ଦେଶ୍ୟରେ ପୁଷ୍ପମାଲ୍ୟ ଅର୍ପଣକରି ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ଜର୍ଜ ଡବ୍ଲ୍ୟୁ ବୁଶ୍ ଏବଂ ବିଲ କ୍ଲିଣ୍ଟନଙ୍କ ସହ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ନ ରହିବା ଲାଗି ଟ୍ରମ୍ପ ପୂର୍ବରୁ ଘୋଷଣା କରିଥିଲେ । କିନ୍ତୁ ଉପରାଷ୍ଟ୍ରପତି ମାଇକ ପେନ୍ସ ଏବଂ ତାଙ୍କ ପତ୍ନୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ବାଇଡେନଙ୍କୁ କ୍ୟାପିଟଲର ହିଂସା ମାନସିକ ସ୍ତରରେ ଦୋହଲାଇ ଦେଇଥିବାରୁ ସେ ଚିନ୍ତିତ ବୋଲି କହିଲେ ମଧ ଟ୍ରମ୍ପଙ୍କ ପାଇଁ ଯେଉଁ ହିଂସାର ପ୍ରୋତ୍ସାହନ ଦେଇ ସେ ନିର୍ବାଚନ ଲଢି ବିଜୟୀ ହୋଇଥିଲେ ଏବେ ସମାନ ଢଙ୍ଗରେ ତାଙ୍କୁ ସେହିପରି ହିଂସାର ସମ୍ମୁଖୀନ ହେବାକୁ ପଡିଲା । ବ୍ଲାକ୍ ଲାଇଭ ମ୍ୟାଟର୍ସ ଗୋଷ୍ଠୀର ଦେଶ ବ୍ୟାପି ହିଂସାକାଣ୍ଡକୁ ବାଇଡେନ ନିନ୍ଦା କରିନଥିଲେ କିମ୍ବା ତାହା ଆମେରିକା ପରମ୍ପରାର ବିରୋଧୀ ବୋଲି ମଧ ନ କହିବାରୁ ତାଙ୍କ ସମର୍ଥକମାନେ ହିଂସାକାରୀ ଗୋଷ୍ଠୀମାନଙ୍କ ସହ ମିଶି ଅନେକ କ୍ଷତି କରିଥିଲେ ଯାହାର ଅପବାଦ ଟ୍ରମ୍ପଙ୍କ ମୁଣ୍ଡରେ ବୋଳିବାକୁ ସହଜ ହୋଇଥିଲା । ବାଇଡେନ୍ ଖ୍ରୀଷ୍ଟଧର୍ମ ଗ୍ରନ୍ଥ ବାଇବେଲ ଉପରେ ହାତରଖି ଶପଥ ନେଇଥିଲେ । ଭାରତରେ ଗୀତାକୁ ସାଂପ୍ରଦାୟିକ କହୁଥିବା ଲୋକେ ଆମେରିକାପରି ରାଷ୍ଟ୍ରଠାରୁ ମାନବତା ଶିକ୍ଷା କରିବା ଆବଶ୍ୟକ । ଗଣତନ୍ତ୍ର କଥା କହୁଥିବା ଲୋକେ ସେଠାକାର ଲୋକଙ୍କଠାରୁ ଧାର୍ମିକ ଆଗ୍ରହକୁ ଅନୁସରଣ କରିବା ଶିକ୍ଷା କରନ୍ତୁ କେବଳ ସମ୍ବିଧାନ ବା ଆଇନକୁ ନେଇ ନୁହେଁ ।

ରାଷ୍ଟ୍ରପତି ଶପଥ ନେବା ପରେ ଦାୟିତ୍ୱ ନେଇ ବାଇଡେନ କୋରୋନା, ଅର୍ଥନୀତି ଏବଂ ଜଳବାୟୁ ପରିବର୍ତ୍ତନ ବିଷୟ ପ୍ରତି ଅଧିକ ଗୁରତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି । ଟ୍ରମ୍ପଙ୍କ ଶାସନ ସମୟର ଅନେକ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ବାଇଡେନ କହିସାରିଛନ୍ତି । ତନ୍ମଧ୍ୟରୁ ମୁସଲିମ ରାଷ୍ଟ୍ରର ଲୋକଙ୍କୁ ଆମେରିକାରେ ପ୍ରବେଶ ଉପରେ କଟକଣା ହଟାଇବା ଏବଂ ବିଦେଶୀ ଗ୍ରକିରୀ ଅନ୍ୱେଷଣକାରୀଙ୍କୁ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ ନେଇ ନିଷ୍ପତ୍ତି କାଳକୁ ବିଢାଇବାକୁ ସେ କହିଛନ୍ତି । ପର୍ଯ୍ୟାୟକ୍ରମେ ଭିନ୍ନ ଭିନ୍ନ ରାଷ୍ଟ୍ରର ଗ୍ରକିରୀ ଅନ୍ୱେଷଣକାରୀ ପ୍ରଶିକ୍ଷିତ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ସଂଖ୍ୟାରେ ପ୍ରବେଶ ଅନୁମତି ମିଳିବ ବୋଲି ଜଣାଯାଇଛି । ଏଥିରୁ ଭାରତୀୟମାନଙ୍କୁ ଅଧିକ ସୁବିଧା ମିଳିବ ବୋଲି ଶୁଣାଯାଉଛି । ଆଗାମୀ ଦିନରେ ପାଞ୍ଚଲକ୍ଷ ଭାରତୀୟ ଆମେରିକାରେ ଗ୍ରକିରୀ ସୁଯୋଗ ପାଇବେ ବୋଲି ଆଶା କରାଯାଉଛି । ତେବେ ଏହିକ୍ରମରେ ଶିକ୍ଷିତ ଗ୍ରକିରୀ ଅନ୍ୱେଷଣକାରୀଙ୍କୁ ଲାଭ ମିଳିବ ନିଶ୍ଚୟ । କାରଣ ଆଜି ଆମେରିକାର ବଡ ବଡ କମ୍ପାନୀଗୁଡିକୁ ଭାରତୀୟ ସିଇଓମାନେ ଚଳାଉଛନ୍ତି । ଏଥିରୁ ଭାରତୀୟଙ୍କୁ ଲାଭ ମିଳିପାରେ । କିନ୍ତୁ ଭାରତକୁ ଅଧିକ ଲାଭ ମିଳିବ ନାହିଁ । ତାର କାରଣ ହେଲା ଭାରତୀୟମାନେ ଆମେରିକାରେ ଗ୍ରକିରୀ କରିବା ପରେ ପାକିସ୍ଥାନୀ ଏବଂ ଆଫ୍ରିକୀୟ ଲୋକଙ୍କ ପରି ନାଗରିକତା ପାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଫଳରେ ମଧ ଏସିଆରୁ ଯେପରି ଭାରତୀୟ ଅଧିକ ରୋଜଗାର ଅର୍ଥ ଭାରତକୁ ପଠାଇଥାନ୍ତି ଆମେରିକାରେ ସେପରି ହୁଏନାହିଁ ।

ଟ୍ରମ୍ପଙ୍କ ଅନେକ ନିଷ୍ପତ୍ତି ଏବଂ ନୀତିସବୁ ଆଗାମୀ ଦିନଗୁଡିକରେ ବଦଳିବ ନିଶ୍ଚୟ । ବାଇଡେନ୍ ୧୦୦ଦିନ ପାଇଁ କୋରୋନା ନିୟନ୍ତ୍ରଣ ନେଇ ମାସ୍କ ବ୍ୟବହାର କାର୍ଯ୍ୟାଳୟଗୁଡିକରେ ଅନିବାର୍ଯ୍ୟ କରିଛନ୍ତି । ୨୦୧୫ ପ୍ୟାରିସ ବୁଝାମଣାରେ ପୁନର୍ବାର ଯୋଗଦାନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଆମେରିକାର ପୁନଃ ପ୍ରବେଶ ଆଦି ଏହି ନିର୍ଦ୍ଦେଶାବଳୀରେ ରହିଛି । ସେହିପରି ମେକ୍ସିକୋ -ଆମେରିକା ସୀମାରେ ନିର୍ମିତ ହେଉଥିବା ପ୍ରାଚୀର କାର୍ଯ୍ୟକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଆମେରିକା ନାଗରିକତା ଆଇନ-୨୦୨୧କୁ କଂଗ୍ରେସ ନିକଟକୁ ପଠାଇ ଏହାର ନବୀକରଣ ପ୍ରସ୍ତାବ ଦେବାଲାଗି କୁହାଯାଇଛି । ଜନଗଣନା ଏବଂ କଂଗ୍ରେସର ପ୍ରତିନିଧି ନିଯୁକ୍ତିରେ ଅଣନାଗରିକଙ୍କୁ ବାହାରେ ରଖିବା ଲାଗି ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତିକୁ ଅକାମୀ କରାଯିବ । କୋରୋନାର ମୁକାବିଲା ପାଇଁ ୧.୯ ଟ୍ରିଲିଅନ ଡଲାର ଯୋଜନାକୁ ବାଇଡେନ ଘୋଷଣା କରିଛନ୍ତି । ଏହି ଯୋଜନାରେ ବାଇଡେନ ଆଗାମୀ ୧୦୦ଦିନ ମଧ୍ୟରେ ଦେଶର ଏକ କୋଟି ଲୋକଙ୍କୁ ଟିକାଦେବାର ଲକ୍ଷ୍ୟ ରଖିଛନ୍ତି । ଏହା ଛଡା ଘଣ୍ଟାପିଛା ୧୫ଡଲାର ନ୍ୟୁନତମ ମଜୁରୀ ପ୍ରଦାନ କରାଯିବ ବୋଲି କୁହାଯାଇଛି । ଶ୍ରମିକମାନଙ୍କ ପାଇଁ ସବେତନ ଛୁଟି ପ୍ରଦାନ ଯୋଗୁ ଅଧିକ ଅର୍ଥ ବଜାରକୁ ଆସିବ ବୋଲି ଯୁକ୍ତି ଦର୍ଶାଯାଇଛି । କୋରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଆମେରିକା ବ୍ୟବସ୍ଥାର ବିଫଳତା ସବୁଠି ଦେଖାଦେଇଛି । ପୃଥିବୀର ମାତ୍ର ୪ ପ୍ରତିଶତ ଲୋକେ ୨୫ ପ୍ରତିଶତ ସଂପଦକୁ ଉପଭୋଗ କରୁଥିଲେ ହେଁ ଅନେକ ଡାକ୍ତରଖାନାରେ ଚିକିତ୍ସା ସୁବିଧାର ଅଭାବ ଦେଖାଦେଇଛି । ଦୈନିକ ୪୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେବାରେ ଲାଗିଛି । ଦୈନିକ ୧ଲକ୍ଷ ୮୦ ହଜାର ନୂଆ ମାମଲା ଆସୁଛି । ୨୯ ଜାନୁଆରୀ ସୁଦ୍ଧା ଆମେରିକାରେ ୨୬,୩୫୯,୨୪୪ଲୋକ ରୋଗରେ ସଂକ୍ରମିତ ହୋଇସାରିଥିଲା ବେଳେ ୪୪୪,୧୭୭ ଲୋକଙ୍କ ମୃତ୍ୟୁ ହୋଇଛି । ଅନେକ ଡାକ୍ତରଖାନାରେ ଅକ୍ସିଜେନ ଯୋଗାଣର ଅଭାବ ପରିଲକ୍ଷିତ ହୋଇଛି । ସମୃଦ୍ଧିର ଶୀର୍ଷରେ ଥାଇ ମଧ ଆଜି ଆମେରିକା ବିପତ୍ତିର ଗର୍ଭରେ ପଡିଛି । ନିର୍ବାଚନ ପୂର୍ବରୁ ଯେଉଁ ବାଇଡେନ ଗତ ଅକ୍ଟୋବର ମାସରେ ଟ୍ରମ୍ପ କିଛି କରୁନଥିବା ଅଭିଯୋଗ କରିଥିଲେ ହେଁ ଏବେ ସେ ଅଧିକ କିଛି କରିପାରିବେ ନାହିଁ ବୋଲି କହିଛନ୍ତି ।

ଜୋ ବାଇଡେନ ଆମେରିକାର ରାଷ୍ଟ୍ରପତି ହେବାପରେ ବିଶ୍ୱନୀତି କଣ ହେବ ତାହା ବଡ ପ୍ରଶ୍ନବାଚୀ । ଗୋଟିଏ ସରକାରଙ୍କର ଆଭିମୁଖ୍ୟକୁ ପରଖିବା ଲାଗି ଗ୍ରରି ପାଞ୍ଚ ମାସ ସମୟ ଆବଶ୍ୟକ । କାରଣ ଆମେରିକାର ଆଭ୍ୟନ୍ତରୀଣ ସ୍ଥିତି ସୁଧୁରିବାପରେ ବାସ୍ତବ ଲକ୍ଷ୍ୟ ସ୍ପଷ୍ଟ ହେବ । କାଲିଫର୍ଣ୍ଣିଆର ୩୦୯୦୨୮୪, ନିଉୟର୍କର ୧୨୮୦୦୬୮, ଟେକସାସ୍‌ର ୨୧୮୭୦୨୨ ସଂକ୍ରମିତ ସଂଖ୍ୟା ପ୍ରଶାସନର ଚିନ୍ତାକୁ ବଢାଇଛି । ଜନସଂଖ୍ୟା ଦୃଷ୍ଟିରୁ ପ୍ରତି ୧ଲକ୍ଷରେ ଆରିଜୋନାରେ ୯୮, ସାଉଥ୍ କାଲିଫର୍ଣ୍ଣିଆରେ ୯୬, କାଲିଫର୍ଣ୍ଣିଆରେ ୮୪, ନିଉୟର୍କରେ ୭୪ ଲୋକ କୋରୋନାରେ ସଂକ୍ରମିତ ହୋଇଛନ୍ତି । ଦେଶର ୧୮୦୦ ଶିକ୍ଷାନୁଷ୍ଠାନରେ ୩୯୭୦୦ ଛାତ୍ରଛାତ୍ରୀ ଏବଂ କର୍ମଗ୍ରରୀ ସଂକ୍ରମିତ ହୋଇଛନ୍ତି । ସେମିତି ଦେଶର ଜେଲଗୁଡିକରେ ସବୁଠୁ ଅଧିକ ମାମଲା ଦୃଷ୍ଟିକୁ ଆସିଛି । କାଲିଫର୍ଣ୍ଣିଆର ଫ୍ରେସନୋ କାଉଣ୍ଟି ଜେଲରେ ୩୯୮୫, ହଷ୍ଟନର ହାରିସ କାଉଣ୍ଟି ଜେଲରେ ୩୮୦୫, କାଲିଫର୍ଣ୍ଣିଆର ଏଭେନାଲ ଷ୍ଟେଟ ଜେଲରେ ୩୫୯୯, କାଲିଫର୍ଣ୍ଣିଆର କେର୍କୋରାନ ଜେଲରେ ୩୫୬୦ ବନ୍ଦୀ ସଂକ୍ରମିତ ହୋଇଛନ୍ତି । ଏଥିରୁ ୧୩୦,୦୦୦ କେବଳ ଡାକ୍ତରଖାନାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ କୋରୋନାର ନିୟନ୍ତ୍ରଣ ହେଉଛି ବାଇଡେନଙ୍କ ପାଇଁ ବଡ ବିଷୟ ।


(କ୍ରମଶଃ)



ଭାରତୀୟ ସମ୍ବାଦ ସେବା (ଭାସ)

ଭୁବନେଶ୍ୱର-୭୫୧୦୦୩





## ଦୁହିତା ଦୁଇ କୂଳକୁ ହିତା ...

**ଅମରନାଥ ବାରିକ୍**



ନିଜ ରକତକୁ ପର କରି ପୁଣି
ପରକୁ କରେ ନିଜର
ପିତା ମାତା ନିଜ ଅଗଣାକୁ ଛାଡ଼ି
ଝିଅ ଯାଏ ଶାଶୁଘର ।

ଥାଏ କାହା କନ୍ୟା ହୁଏ କାହା ବୋହୂ
ନାରୀ ରୂପେ ନାରାୟଣୀ
ପର ପୁରୁଷକୁ ସ୍ୱାମୀ ରୂପ ଦିଏ
ଥାଏ ସେ କାହା ଭଉଣୀ ।

ଭଗିନୀରୁ ଭାର୍ଯ୍ୟା ଭାର୍ଯ୍ୟାରୁ ଜନନୀ
ଜନନୀରୁ ହୋଇ ଶାଶୁ
ଜନ୍ମ କୂଳ ଛାଡି ଅନ୍ୟ କୂଳ ରଖି
ତୁଳସୀ ରୂପରେ ବାସୁ ।

ଜଗତେ କୁହନ୍ତି ନାରୀ ଯେ ଦୁହିତା
ଦୁଇ କୂଳ ପାଇଁ ହିତା
ରଚେ ଇତିହାସ ସଂସାର କାହାଣୀ
ଜୀବନର ମହାନତା ।

ସମର୍ପି ଦେହର ଲଜ୍ୟା ଭୂଷଣକୁ
ପତି ଦେବତାଙ୍କ ପାଖେ
ଭ୍ୱ ସମୁଦ୍ରର ଅତୁଟ ବନ୍ଧନ
ନିଜ ହାତେ ନିଜେ ଯୋଖେ ।

ରକ୍ତାକ୍ତ ଶରୀର ଦରଦ କୁ ସହି
ତଥାପି ଦିଏ ସେ ହସି
ମୃତ୍ୟୁ ସଙ୍ଗେ ଲଢ଼ି ସନ୍ତାନ ପ୍ରସବି
ବାଣ୍ଟିଥାଏ କେତେ ଖୁସି ।


+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫


## ଆହାତ ସ୍ୱପ୍ନ ...

**ଶରତ କୁମାର ଦାସ**

ଫଗୁଣ ଏଠି ଶ୍ରାବଣ ହୁଏ
ଆଖିରେ ନିଆଁ ଜଳେ,
ରାତିର ସ୍ୱପ୍ନ ଭାଙ୍ଗେ ସକାଳେ
ରିକ୍ତ ହୃଦୟ ତଳେ ।

ପାଉଁଶ ତଳେ ଗୁମୁରୀ କାନ୍ଦେ
ସୁନେଲି ସ୍ୱପ୍ନ କେତେ,
ଛଳନା ଜାଲେ ବିଶ୍ୱାସ ବନ୍ଧା
ମିଛ ସମ୍ପର୍କ ଯେତେ ।

ତୃଷିତ ମନ ଆହାତ ଇଚ୍ଛା
ଭ୍ରମେ ସାଗର କୂଳେ,
ତମିସ୍ରା ଘେରା ନୀଳ ଆକାଶ
ଅଶାନ୍ତ ଅଶ୍ରୁ ଢାଳେ ।

ସ୍ନିଗ୍ଧ ସୁବାସ ମୁଗ୍ଧ ଚେତନା
ବିଳାପ କରେ ନିତି,
ବେଳାଭୂଇଁର ବାଲୁକା ରାଶି
ଗାଏ ବିରହ ଗୀତି ।

ମରୁ ଉଦ୍ୟାନ ଆକାଶେ ଚାହେଁ
ପ୍ରଖର ତାତି ଝରେ,
ଶୋଭା ଆଧାର ସବୁଜ ଧରା
ଭିଜେ ଲୋତକ ଧାରେ ।

ମେଘ ମହ୍ଲାର ଭଗ୍ନ ରାଗିଣୀ
ହୃଦକୁ ଛୁଏଁ ନାହିଁ,
ମଧୁମାଳତୀ ଝାଉଁଳି ପଡେ
ଝୁରଇ ନୀଳକଇଁ ।

ସବୁଜ ବଣ ପାହାଡ ଲତା
ଖୋଜେ ରଜତ ଜ୍ୟୋତ୍ସ୍ନା,
ସ୍ନେହ ପ୍ରୀତିର ବର୍ଣ୍ଣ ବୈଭବ
ହଜାଏ ମଧୁ ବାସ୍ନା ।

ପ୍ରଭାତୀ ତାରା ଦିଏନି ଧରା
ଲୁଚେ ବାଦଲ କୋଳେ,
ସ୍ନିଗ୍ଧ ସମୀର ଦୂରେଇ ଯାଏ
ରୌଦ୍ର ତାଣ୍ଡବ ତୋଳେ ।


+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧









## ଅଗ୍ନି..

**ପ୍ରକାଶ କୁମାର ଚାନ୍ଦ**

ମଶାଣିରେ ପରା ଜଳିଲେ ତ ଜୁଇ
ବେଦିରେ ଜଳିଲେ ହୋମ
ଧୂପରେ ଲାଗିଲେ ଭକ୍ତିର ସଯୋଂଗ
ହୃଦୟେ ଜଳିଲେ ପ୍ରେମ ।

କେବେ ଜଳେ ସିଏ ଶୀତ ସକାଳରେ
ଜନମେ ଏନ୍ତୁଡି ଶାଳେ
ବତୀଘରେ ପରା ଜଳୁଥିଲେ ଦେଖି
ନାବିକ ଫେରଇ କୂଳେ
ଏମିତିକା ଚିଜ ଏଇ ଦୁନିଆରେ
କେହି ନୁହେଁ ତାର ସମ ।

ମଶାଣିରେ ପରା ଜଳିଲେ ତ ଜୁଇ
ବେଦିରେ ଜଳିଲେ ହୋମ ।

କେବେ ଜଳି ପୁଣି ଚୁଲିର କୋଳରେ
ଜାଳକୁ ପାଉଁଶ କରେ
ଠାକୁରଙ୍କ ଆଗେ ଆଳତୀ ନାମରେ
ଦୁଃଖ ଚିନ୍ତା ସବୁ ହରେ
ଜଳୁଛି ଜଳିବ ଜାଳୁଛି ଜାଳିବ
ଜଳିବାଟା ତାର ଧର୍ମ
ମଶାଣିରେ ପରା ଜଳିଲେ ତ ଜୁଇ
ବେଦିରେ ଜଳିଲେ ହୋମ ।


+ ଜୟପୁର ଶାସନ ପିପିଲି ପୁରୀ
ମୋ.୯୮୫୩୩୫୪୯୩୮

## ଇତିହାସର ଉଗ୍ର ଉପହାସ !



କିଛି ନକଲି ମାଓବାଦୀ ହତ୍ୟା, ଡକାୟତି, ଲୁଣ୍ଠନ, ପୋଡାଜଳା, ବନ୍ଦ କାର୍ଯ୍ୟରେ ଲିପ୍ତ ରହି ବେଶ୍ ହାତ ଚିକ୍କଣ କରୁଥିବାର ଦେଖାଯାଉଛି । ମିଛ ମାଓବାଦୀ, ମିଛ ମାମଲରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କର ସୀମାହୀନ ମତଲବ ରହିଛି । ଏଇସବୁ ତଥାକଥିତ ନେତୃମଣ୍ଡଳୀ ନାଗରିକ ସମାଜପାଇଁ ଶତ୍ରୁମଣ୍ଡଳୀ ପାଲଟିଯାଇଛନ୍ତି । ମାଓବାଦୀମାନେ କ୍ଷମତା ଦଖଲ ପାଇଁ ପ୍ରାଣବଳୀ ଦେଉଛନ୍ତି । ସରକାରମାନେ କ୍ଷମତାରକ୍ଷା ପାଇଁ ସେନା, ପୁଲିସ, ସାଧାରଣ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି ।


ମାୟାଧର ନାୟକ

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


ମାଓବାଦ ସମସ୍ୟା ନୁହେଁ । ସଂକଟ ବି ନୁହେଁ । ଏହାର ସର୍ବକାଳୀନ ସମାଧାନ ବି ସମ୍ଭବ । ଯେକୌଣସି ସରକାର ମାଓବାଦ ସମସ୍ୟାକୁ ଆଇନ କାନୁନର ଗଣ୍ଡି ଭିତରେ ଆକଳନ କରି 'ଯେସାକୁ ତେସା' ନୀତି ଅବଲମ୍ବନ କଲେ ସଫଳ ହେବା ସମ୍ଭବ ନୁହେଁ । ମାଓବାଦ ଏକ ଅର୍ଥନୈତିକ ସାମାଜିକ ସମସ୍ୟା - ଏହାକୁ ରାଜନୈତିକ ସଂଗ୍ରାମ ମଧ୍ୟରେ ସମାଧାନର ରାସ୍ତା ବାହାର କରିବାକୁ ହେବ ।

ମାଓ ସେତୁଂଙ୍କ ମାର୍କ୍ସବାଦୀ ଆଦର୍ଶରେ ୧୯୬୭ ମସିହାରେ ପଶ୍ଚିମବଙ୍ଗଳାର ନକସଲବାଡି ଗାଁରୁ ଚାରୁ ମଜୁମ୍ଦାର ଯେଉଁ ମଂଜି ପୋତିଥିଲେ, ଦୀର୍ଘ ୫୪ ବର୍ଷ ଧରି ସେ ମଂଜିରୁ ଗଛ ଫୁଲଫଳ ବିସ୍ତାରିତ ହୋଇ ସାରା ଦେଶରେ କାୟାବିସ୍ତାର କରିବାକୁ ଲାଗିଛି । ସେତେବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ନକସଲପନ୍ଥୀଙ୍କୁ ବନ୍ଧୁକମୁନରେ ନିର୍ମମ ଭାବେ ଦମନ କରି ସଫଳ ହୋଇ ପାରିନଥିଲେ । ଆଜି ମଧ୍ୟ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟ ସରକାର ସେଇ ଏକା ପଦ୍ଧତିରେ କାର୍ଯ୍ୟ କରୁଛନ୍ତି । ଏହା ହିଁ ଇତିହାସର ଉଗ୍ର ଉପହାସ !

ମାଓବାଦୀମାନେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି । ଗରିଲା ରଣକୌଶଳରେ ପାରଙ୍ଗମ । ଏପରିକି ରକେଟ୍ ମାଡ ଦେବା ଯୋଜନାରେ ଅଛନ୍ତି । ଏଥିପାଇଁ ପ୍ରଚୁର ଅର୍ଥ ଓ ଜ୍ଞାନକୌଶଳ ଦେଶବିଦେଶରୁ ଆଣିବାକୁ ମଧ୍ୟ ହୁଏତ ପଛେଇ ନଥିବେ । ଶ୍ରୀଲଙ୍କାରେ ପ୍ରଭାକରନ୍‌କୁ ସିନା ଶାସକ ମାରିଦେଲେ, ହେଲେ ତାଙ୍କ ବ୍ୟାଘ୍ରବାହିନୀ ଏବେବି ସୁଯୋଗ ଅପେକ୍ଷାରେ । ଏଠି ଭାରତରେ ମାଓବାଦୀମାନଙ୍କର ବହୁ ନେତା ଅଛନ୍ତି, ଜଣେ ଦିଜଣ ନେତା କିମ୍ବା ଶହଶହ ମାଓବାଦୀଙ୍କୁ ସରକାର ହତ୍ୟା କଲେ ଲୋପ ପାଇଯିବନାହିଁ ।

ମନେହେଉଛି, ମାଓବାଦୀକୁ ମୁଖାଟି ପରି ଯେପରି ଗଢାଯାଉଛି । କିଛି ସାଂଘାତିକ ଅଶୁଭଶକ୍ତି ମାଓବାଦୀ ନାଁରେ କୋକୁଆଭୟ ସୃଷ୍ଟି ନକଲେ କେନ୍ଦ୍ରରୁ ହଜାର ହଜାର କୋଟି ଟଙ୍କା ସାହାଯ୍ୟ ଆସିବ ନାହିଁ । ଜନତାକୁ ଭୁଆଁ ବୁଲାଉଥିବା କିଛି ନେତାଙ୍କର ଏ ଅଘଟଣ ସହିତ ସଂପୃକ୍ତିକୁ କ'ଣ ପୂରାପୂରି ଏଡାଇ ଦେଇହେବ ? ଖବରକାଗଜ ଫର୍ଦରେ କେବେକେବେ ଏ ବାବଦରେ ପ୍ରକାଶ ପାଇଥିବା ଅତୀତର ତଥ୍ୟାବଳୀ ଏ ସନ୍ଦେହ ଆଣିବା ସ୍ୱାଭାବିକ ।

କିଛି ନକଲି ମାଓବାଦୀ ହତ୍ୟା, ଡକାୟତି, ଲୁଣ୍ଠନ, ପୋଡାଜଳା, ବନ୍ଦ କାର୍ଯ୍ୟରେ ଲିପ୍ତ ରହି ବେଶ୍ ହାତ ଚିକ୍କଣ କରୁଥିବାର ଦେଖାଯାଉଛି । ମିଛ ମାଓବାଦୀ, ମିଛ ମାମଲରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କର ସୀମାହୀନ ମତଲବ ରହିଛି । ଏଇସବୁ ତଥାକଥିତ ନେତୃମଣ୍ଡଳୀ ନାଗରିକ ସମାଜପାଇଁ ଶତ୍ରୁମଣ୍ଡଳୀ ପାଲଟିଯାଇଛନ୍ତି । ମାଓବାଦୀମାନେ କ୍ଷମତା ଦଖଲ ପାଇଁ ପ୍ରାଣବଳୀ ଦେଉଛନ୍ତି । ସରକାରମାନେ କ୍ଷମତାରକ୍ଷା ପାଇଁ ସେନା, ପୁଲିସ, ସାଧାରଣ ଲୋକଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି ।

ନକ୍ସଲବାଦର ଉତରଣ ଭାବରେ ମାଓବାଦର ନିର୍ଦ୍ଦିଷ୍ଟ ନୀତି, ଆଦର୍ଶ, ଲକ୍ଷ୍ୟ ରହିଛି । ଭାରତର ପୁଂଜିବାଦ ଶାସନକୁ ମୂଳପୋଛ କରି ଅସଲ ମାଓବାଦୀମାନେ ସମାଜବାଦ ପ୍ରତିଷ୍ଠା କରିବା ରାସ୍ତାରେ ଆଗେଇଛନ୍ତି । ଯେଉଁମାନେ ସମାଜବାଦ ପ୍ରତିଷ୍ଠାପାଇଁ କାର୍ଯ୍ୟ କରିଆସୁଛନ୍ତି, ସେମାନେ କେହି କମ୍ୟୁନିଷ୍ଟ ନୁହନ୍ତି ବୋଲି ଏମାନଙ୍କର ବଦ୍ଧ ଧାରଣା । କିଏ ଅସଲି କିଏ ନକଲି କିଏ ଠିକ୍ କି ଭୁଲ କେବଳ ଇତିହାସ ହିଁ କହିବ ।

ବନ୍ଧୁକମୂନରେ କ୍ଷମତା ହାସଲ ଓ କ୍ଷମତା ଭୋଗ କରିବା ତତ୍ତ୍ୱ ବଦଳିବାରେ ଲାଗିଛି । ସମୟ ଥିଲା - ରୁଷ-ଚୀନରେ ବନ୍ଧୁକମୂନରେ କ୍ଷମତା ହାସଲ, ଲିବ୍ୟାରେ ଏକଛତ୍ରବାଦୀ ଶାସକଙ୍କ ପତନ ଏବଂ ଆମେରିକାର ଗଣତନ୍ତ୍ରରୂପୀ ସ୍ୱରତନ୍ତ୍ର ମଧ୍ୟ ତିଷ୍ଠିବା କଷ୍ଟକର ହୋଇପଡିଛି । ଏକମାତ୍ର ଜନଗଣଙ୍କ ବିନା ସହଯୋଗରେ କେହି ବି କ୍ଷମତା ହାସଲ କରିପାରିବେ ନାହିଁ - ଏହା ବିଭିନ୍ନ କ୍ଷେତ୍ରରେ ପ୍ରମାଣିତ ହେବାରେ ଲାଗିଛି ।

ଆମ ରାଜ୍ୟରେ ଖଣି, ପାଣି, ଜମି, ଜଙ୍ଗଲ, ଡାଲି, କୋଇଲା, ନରେଗା, ଆଉ କେତେ କେତେ ଦୁର୍ନୀତି ଅତ୍ୟାଧୁନିକ । ଏଇ ରାଜକୋଷ ଲୁଟେରାମାନଙ୍କ ଚେର ପାତାଳ ପର୍ଯ୍ୟନ୍ତ ଲମ୍ବିଛି । ଯାହାଫଳରେ ଧନୀ ଓଡିଶାର ଲୋକେ ଗରିବ ହୋଇ ଉକ୍ଟ ଦାରିଦ୍ର୍ୟ, ବେକାରୀ, ଅନାହାର ଆଜି ଜନବିରୋଧୀ କାର୍ଯ୍ୟକୁ ଆଧାରକରି ମାଓବାଦୀ ବିଭିନ୍ନ ଉପାୟରେ ସ୍ୱର ଉତୋଳନ କରୁଛନ୍ତି ।

ମାଓବାଦର ମୂଳକାରଣ ସଂପର୍କରେ ବ୍ୟାପକ ସମୀକ୍ଷା କରାନଯାଇ ମାଓବାଦୀ ଦମନପାଇଁ ୯ଟି ରାଜ୍ୟରେ ହଜାର ହଜାର କୋଟି ଟଙ୍କା ରାଜକୋଷରୁ ବରବାଦ ହେଲାଣି । ପ୍ରତିଦିନ କେଉଁଠି ନା କେଉଁଠି ମାଓବାଦୀ ହମଲାରେ ବିଶେଷ କରି ସେନା-ମାଓବାଦୀ ଯୁଦ୍ଧରେ ଉଭୟପକ୍ଷରୁ ମୃତ୍ୟୁବରଣ କରିବା ସଂଗେସଂଗେ ବହୁ ଧନ ସଂପତି ମଧ୍ୟ ନଷ୍ଟ ହେଉଛି । ଏ ସବୁ ସମ୍ବାଦ ଗଣମାଧ୍ୟମରେ ଦୃଶ୍ୟମାନ ହେଲାବେଳେ ମନେହେଉଛି - ଗଛର ମୂଳ ନ ଉପାଡି ଡାଳପତ୍ର ଛିଡାଇଦେଲେ ପୁଣି ଗଛ କଅଁଳି ଶାଖାପ୍ରଶାଖା ମେଲାଇବା ଅସମ୍ଭବ ନୁହେଁ ।

କିଏ ଏଇ ବିଷବୃକ୍ଷ ? ମାଓବାଦୀମାନେ କହୁଛନ୍ତି -ଏଇ ପଚା ପୂତିଗନ୍ଧମୟ ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟାଚାରୀ, ଲାଭଖୋର ପୁଂଜିବାଦୀ ସମାଜ ବ୍ୟବସ୍ଥାର ରକ୍ଷକମାନଙ୍କ ମୂଳଉତ୍ପାଟନ । କ୍ଷମତାଧାରୀମାନେ କହୁଛନ୍ତି ମାଓବାଦ ଦେଶର ବଡ ସମସ୍ୟା । ମାଓ୍ୱାଦୀମାନେ ରାଜନୈତିକ ଚିନ୍ତା ପ୍ରକଟ କରୁଥିଲାବେଳେ କ୍ଷମତାଧାରୀମାନେ ରାଜନୈତିକ ଭାବେ ମାଓବାଦ ସମସ୍ୟା ସମାଧାନ କରିବାକୁ ଏଡେଇଯାଇ ଆଇନ ଶୃଙ୍ଖଳାର ଆଳ ଦେଖାଇ ଦମନନୀତି ଅବଲମ୍ବନ କରୁଛନ୍ତି, ଯାହାଫଳରେ ସମସ୍ୟା ଦିନକୁ ଦିନ ଜଟିଳ ଆକାର ଧାରଣ କରୁଛି । ବିଶେଷଭାବେ ପଶ୍ଚିମବଂଗ, ଓଡିଶା, ଆନ୍ଧ୍ର, ଛତିଶଗଡ, ଝାଡଖଣ୍ଡ, ବିହାର, ମହାରାଷ୍ଟ୍ର ପ୍ରମୁଖ ରାଜ୍ୟରେ ମାଓବାଦୀ ସଂଗଠନ ବୃଦ୍ଧି ପାଇବାରେ ଲାଗିଛି । ପଶ୍ଚିମବଂଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବେ ହରଡଘଣାରେ । ପ୍ରଥମେ ମାଓବାଦୀମାନଙ୍କୁ ପରୋକ୍ଷ ସମର୍ଥନ କରି ଗାଦିନସୀନ ହେବାପରେ ପ୍ରତ୍ୟକ୍ଷ ଭାବେ ମାଓବାଦୀଙ୍କୁ ଦମନ କରିବପାଇଁ କେନ୍ଦ୍ରର ସାହାଯ୍ୟ ଲୋଡୁଛନ୍ତି । ମମତା ଏବେ ବାଘପିଠିରେ । ଯିଏ ବାଘ ପିଠିରେ ବସିବ - ସେ ବାଘକୁ ମାରିବ କିମ୍ବା ବାଘ ତାକୁ ଖାଇବ । ଅନ୍ୟାନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅବସ୍ଥା ଊଣାଅଧିକେ ମଧ୍ୟ ମମତାଙ୍କ ଭଳି । ଏମାନେ କେହି ମାଓବାଦର ଅର୍ଥନୈତିକ, ସାମାଜିକ ସମସ୍ୟାକୁ ରାଜନୈତିକଭାବେ ସମାଧାନ କରିବାକୁ ଆଦୌ ପାରଙ୍ଗମ ନୁହଁନ୍ତି ।

କେନ୍ଦ୍ର ଓ ରାଜ୍ୟ ସରକାରମାନେ ମାଓବାଦୀଙ୍କୁ ଆତଙ୍କବାଦୀ-ଦେଶଦ୍ରୋହୀ ବୋଲି ପ୍ରଚାର କରାଇ ସୈନ୍ୟବାହିନୀକୁ ଦମନ କରିବା କାର୍ଯ୍ୟରେ ଲଗେଇ ଦେଇଛନ୍ତି । ଯାଡେ ଅଧିକାଂଶ ଦେଶଦ୍ରୋହୀ ଫୁଲମାଳ ପିନ୍ଧି ଦେଶପ୍ରେମର ଭାଷଣ ଦେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଭିତରେ ଦେଶଦ୍ରୋହୀଙ୍କ ସଂଖ୍ୟା ୯୦ ଭାଗ । ଦେଶର ରାଜକୋଷକୁ ଏମାନେ ରାତିଦିନ ଲୁଣ୍ଠନ କରି ଚାଲିଛନ୍ତି । ଏହି ଭୟଙ୍କର ଦେଶଦ୍ରୋହୀ କାର୍ଯ୍ୟକଳାପରେ ସମସ୍ତେ କାନ୍ଦୁଛନ୍ତି, ହେଲେ ପ୍ରତିକାରର ଉପାୟ ପାଉ ନାହାଁନ୍ତି । ଆମେ ସବୁ ଚାହିଁ ଚାହିଁ ଜଳକା ପାଲଟି ଗଲେଣି ।

ସରକାର ପାହାଡ ଉପରକୁ ଟେକା ଫିଙ୍ଗୁଛନ୍ତି - ସେ ପଥର ହୋଇ ଫେରିଆସି ଶାସନକଳ ଉପରେ ପ୍ରଚଣ୍ଡ ଆଘାତ ଦେଇ ଘାଏଲ କରି ପକାଉଛି । ବାସ୍ତବରେ ଦେଶଦ୍ରୋହୀ କେଉଁମାନେ - ମାଓବାଦୀ ନା ରାଜକୋଷ ଲୁଟେରାମାନେ - ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା, ଅନୁସନ୍ଧାନ, ପରୀକ୍ଷା, ନିରୀକ୍ଷା, ନିର୍ଦ୍ଦିଷ୍ଟ ନିର୍ଣ୍ଣୟ, ସତ୍ୟ, ବୈଜ୍ଞାନିକ ସିଦ୍ଧାନ୍ତ ଆବଶ୍ୟକ ।

ଭାରତବର୍ଷର ବିପ୍ଲବର ଇତିହାସରେ ମାଓବାଦୀ ଆନ୍ଦୋଳନ ଗୋଟାଏ 'କୁହୁଳା ନିଆଁର ନାଁ'- ଯାହା ଆଜି ବି ଛପି ରହିଛି ପାଉଁଶ ତଳେ । ପୁଣି କେବେକେବେ ସେଇ ପାଉଁଶ ତଳର ନିଆଁ ତା'ର ଝୁଲର ଜିହ୍ୱା ବିସ୍ତାର କରି ଆତଙ୍କର ଝଲକ ସୃଷ୍ଟି କରି ଚାଲିଛି ଆମର ସୁପରିଚିତ ସାମାଜିକ ବେଷ୍ଟନୀ ମଧ୍ୟରେ । ଏ ନିଆଁର ନିର୍ବାପନ ସେତେଦିନ ଯାଏ ଅସମ୍ଭବ, ଯେତେଦିନ ଯାଏ ଆମର ଏ ଶୋଷିତ, ବିକୃତ ବିକଳାଙ୍ଗ, ଆତ୍ମବିଭକ୍ତ, ବିଖଣ୍ଡିତ ଓ ଭୋଗବାଦୀ ସମାଜବ୍ୟବସ୍ଥା କାଏମ ରହିଛି ।

## ଶୁଦ୍ଧ ହଳଦୀର ପ୍ୟାକ୍ ତ୍ୱଚାରେ ଚମକ ଆଣେ

ରୋଗପ୍ରତିରୋଧକ ବଢ଼ାଇବାରେ ସହାୟକ ହଳଦୀ ଆମ କେଶ ଓ ତ୍ୱଚାକୁ ମଧ୍ୟ ପୋଷଣ ଯୋଗାଏ । ପ୍ରାଚୀନ ସମୟରୁ ଭାରତୀୟ ମହିଳାମାନେ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ହଳଦୀ ବ୍ୟବହାର କରୁଛନ୍ତି । ଆଜିପର୍ଯ୍ୟନ୍ତ ହଳଦୀର ଆଦର କମିନାହିଁ, ବିଉଟିସିଆନ୍ ଶେହନାଜ୍ ହୁସୈନ୍‌ଙ୍କ ମତରେ ପ୍ରତିଦିନ ବେସନ-ହଳଦୀ-ଦହି ପ୍ୟାକ୍ ଲଗାଇବା ତ୍ୱଚାପାଇଁ ଭଲ ।



- ଶୁଷ୍କ ତ୍ୱଚା କିମ୍ବା ତୈଳୀୟ ତ୍ୱଚାରେ ହଳଦୀ ପ୍ୟାକ୍ ଭଲଭାବେ ପ୍ରଭାବ ଦେଖାଏ । ୧ ବଡ଼ ଚାମଚ ଦହି, ଚିମୁଟାଏ ହଳଦୀ, ଅଧ ଚାମଚ ବେସନ, ଫାଳେ ଲେମ୍ବୁ ରସକୁ ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାଇବେ । ୧୫ ମିନିଟ୍ ପରେ ତ୍ୱଚାକୁ ଭଲରେ ମାଲିସ୍ କରି ଧୋଇବେ । ଦାଗ, ବ୍ରଣ ଦୂର କରିବା ସହ ତ୍ୱଚାରେ ଏଇ ପ୍ୟାକ୍ ଚମକ ଆଣେ ।
- ଅଲିଭ ତେଲ ଅଧ ଚାମଚରେ ଚିମୁଟାଏ ହଳଦୀ ମିଶାଇ ମିହଁରେ ଲଗାଇବେ । ଶୁଖିବା ପରେ ହାତ ଓଦା କରି ମୁହଁକୁ ମାଲିସ୍ କରନ୍ତୁ । ଏଇ ପ୍ୟାକ୍ ସପ୍ତାହକୁ ଥରେ ଲଗାଇବେ । ରଙ୍ଗ ସଫା କରିବା ପାଇଁ ଏକ ପ୍ୟାକ୍ ଲଗାନ୍ତୁ ।
- ହଳଦୀ ଅଧ ଚାମଚ, କଞ୍ଚା କ୍ଷୀର ୨ ଚାମଚ, ମୁଲତାନି ମାଟି ମିଶାଇ ତ୍ୱଚାରେ ଲଗାଇବାର ୧୦ ମିନିଟ୍ ପରେ ଧୋଇନେବେ । ସନ୍-ଟ୍ୟାନ୍ ଦୂର କରିବାରେ ଏହି ପ୍ୟାକ୍ କାମ କରେ ।

## କମ୍ ସମୟରେ ବେଶୀ କାମ ହେବ

ଗୃହିଣୀ ହୋଇଥାନ୍ତୁ ବା କର୍ମଜୀବୀ, ମହିଳାମାନଙ୍କୁ ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ ନେବାକୁ ହୋଇଥାଏ । ସକାଳୁ ଏଥିପାଇଁ ଖୁବ ତରବର ହୋଇ କାମ କରିବାକୁ ପଡ଼େ । ଏପରିକି କେତେକ ଜଟିଳ କାମ ବହୁତ ସମୟ ନେଇଯାଏ । ତେଣୁ ଏମିତି ଉପାୟ ସମ୍ପର୍କରେ ଜାଣନ୍ତୁ- ଯାହା ଖୁବ କମ ସମୟରେ ଅଧିକ କାମ କରିଦେଇପାରିବ ଏବଂ ବିଶ୍ରାମ ନେବାକୁ କିଛି ସମୟ ପାଇପାରିବେ ।

ଘରେ ଥିବା ଟମାଟୋ ନରମ ହୋଇଯାଇଥିଲେ ଏହାକୁ ଥଣ୍ଡା ପାଣିରେ ପକାଇ ସେଥିରେ ଚାମଚେ ଲୁଣ ମିଶାଇ ଦିଅନ୍ତୁ । ଟମାଟୋ ସତେଜ ହୋଇଯିବ ।

ରସୁଣରୁ ଚୋପା ଛଡ଼ାଇବାକୁ ଥିଲେ ପ୍ରଥମେ ଏହାର ପାଖୁଡ଼ା ଅଲଗା କରି ସେଥିରେ ଅଳ୍ପ ରିଫାଇନ ତେଲ ଲଗାଇ କିଛି ସମୟ ଖରାରେ ରଖିଦିଅନ୍ତୁ । ଚୋପା ସହଜରେ ଛାଡ଼ିଯିବ ।

ଅଦା ଅଧିକ ଦିନ ସତେଜ ରଖିବା ଲାଗି ଏହାକୁ କୁଣ୍ଡରେ ବାଲି ଭିତରେ ପୋତି ରଖନ୍ତୁ । ଡାଲି, ପରିବା, ଚାଉଳ ଧୋଇବା ପରେ ଏହାର ପାଣି ଫିଙ୍ଗନ୍ତୁ ନାହିଁ । ଏହି ପାଣି ଗଛରେ ଦେଇପାରିବେ । ଡାଲି ଶିଝାଉଥିବା ସମୟରେ କେଇ ଟୋପା ଘିଅ କିମ୍ବା ତେଲ ଏଥିରେ ମିଶାଇ ଦିଅନ୍ତୁ । କମ ସମୟରେ ଶିଝିଯିବ ଏବଂ କୁକରରୁ ବାହାରି ଆସିବ ନାହିଁ ।

## ରେସ୍ତୋରାଁରେ ଗ୍ରାହକ ମାଛ ଧରନ୍ତି !



ଜାପାନୀ ଲୋକ ମାଛ ବ୍ୟଞ୍ଜନ ପ୍ରିୟ, ସେମାନଙ୍କ ସୁସ୍ଥ ଜୀବନଶୈଳୀର ଏହା ଅନ୍ୟତମ ରହସ୍ୟ ବୋଲି ବିଶେଷଜ୍ଞଙ୍କ ମତ । ଜାପାନର ଛୋଟରୁ ବଡ଼ ଫୁଡ୍ ମାର୍ଟରେ ସତେଜ ମାଛର ପସରା ଦେଖିବାକୁ ମିଳେ । ମାଛରେ ସେଠା ରେସ୍ତୋରାଁରେ ଶତାଧିକ ବ୍ୟଞ୍ଜନ ମେନୁରେ ଥାଏ । କେବଳ ମେନୁ ଓ ସ୍ୱାଦରେ ନୁହେଁ, ବରଂ ବ୍ୟବସାୟିକ ବୁଦ୍ଧିରେ ମଧ୍ୟ ସେମାନେ ଗ୍ରାହକଙ୍କୁ ଆକୃଷ୍ଟ କରିଥାନ୍ତି । ସେଠା ରାଜଧାନୀ ଟୋକିଓରେ ଏକ ବଡ଼ ରେସ୍ତୋରାଁ 'ଜାଓ ଫିସିଙ୍ଗ୍ ରେସ୍ତୋରାଁ'ଦୈନିକ ଏଇ ରେସ୍ତୋରାଁରେ ଶହଶହ ଗ୍ରାହକଙ୍କ ଭିଡ଼ ଲାଗେ । ଖାଦ୍ୟ ତ ଏଠାକାର ବେଶ୍ ସୁଆଦିଆ, ଗ୍ରାହକ ଭିଡ଼ ଲଗାଇବାର କାରଣ ହେଲା ସେମାନେ ନିଜେ ମାଛ ଧରନ୍ତି । ଏକ ଭିନ୍ନ ଡିଜାଇନ୍‌ରେ ତିଆରି ଏଇ ରେସ୍ତୋରାଁରେ ଗ୍ରାହକ ବସିବା ସ୍ଥାନ ପାଖରେ ଲମ୍ବା ସାମୁଦ୍ରିକ ଜୀବନ ଏଥିରେ ଚଳପ୍ରଚଳ କରୁଥାନ୍ତି । ଗ୍ରାହକ ନିଜ ମନ ମୁତାବକ ମାଛକୁ ବାଛି ଫିସିଙ୍ଗ୍ ରଡ୍‌ରେ ଧରନ୍ତି । ପରେ ରେସ୍ତୋରାଁର ସେଫିଙ୍କ ପାଖକୁ ନେଇ ମାଛ ରନ୍ଧା ମଧ୍ୟ ଦେଖନ୍ତି । ଏଭଳି ସୁବିଧା ପାଇଲେ ଗ୍ରାହକଙ୍କ ଭିଡ଼ ବଢ଼ିବା ସ୍ୱାଭାବିକ । ୨୦୧୬ରେ ରେସ୍ତୋରାଁ ଆରମ୍ଭ ହୋଇଥିଲା, କେବଳ ମାଛ ଧରା ସହ ସଜ ମାଛ ରନ୍ଧା ଖାଇବାକୁ ଏଠି ଗ୍ରାହକଙ୍କୁ ଭିଡ଼ ଲାଗେ । ଦେଶ ବିଦେଶରୁ ପର୍ଯ୍ୟଟକ ମଧ୍ୟ ଏଇ ବିଚିତ୍ର ଅନୁଭୂତିର ମଜାନେବା ପାଇଁ ଆସୁଥିବାର ରେସ୍ତୋରାଁ ମାଲିକ କହିଛନ୍ତି । ଜାପାନରେ ଏହିଭଳି ସୁବିଧା ଦେଉଥିବା ଏହା ଏକମାତ୍ର ରେସ୍ତୋରାଁ । ଅଧିକ ଖର୍ଚ୍ଚ ହେଉଥିବାରୁ ମାଲିକମାନେ ଏସବୁ ଡିଜାଇନ୍ କରିବାକୁ ପସନ୍ଦ କରିନଥାନ୍ତି ।

## ପଞ୍ଚସଖାଙ୍କ ଧ୍ୟାନର ସ୍ଥଳୀ ଧ୍ୟାନକୁଦ

ଓଡ଼ିଶାର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ । ଆମ ଓଡ଼ିଶା ଜଗନ୍ନାଥ ସଂସ୍କୃତିକୁ ନେଇ ସାରା ବିଶ୍ୱରେ ପରିଚିତ । ଓଡ଼ିଶାର ପ୍ରାୟ ଅନେକ ସ୍ଥାନରେ ରହିଛି ଜଗନ୍ନାଥଙ୍କ ମନ୍ଦିର । ସେଥି ମଧ୍ୟରୁ ଧ୍ୟାନକୁଦ ଜଗନ୍ନାଥ ମନ୍ଦିର ଅନ୍ୟତମ । ଏହି ମନ୍ଦିରର ଅନେକ ବିଶେଷତ୍ୱ ରହିଛି । କୁହାଯାଏ ପଞ୍ଚସଖା ଏଠାରେ ଧ୍ୟାନ କରୁଥିଲେ । ଭାରତରେ ଯେତେ ସବୁ ରାଜ୍ୟ ରହିଛି ସେଥି ମଧ୍ୟରୁ ମନ୍ଦିର ପାଇଁ ଓଡ଼ିଶା ବେଶ୍ ପରିଚିତ । ଓଡ଼ିଶାରେ ଶହ ଶହ ମନ୍ଦିର ରହିଛି । ଜଗତସିଂହପୁର ଜିଲ୍ଲା ମଧ୍ୟ କେତେକ ପ୍ରସିଦ୍ଧ ମନ୍ଦିର ପାଇଁ ବେଶ୍ ପରିଚୟ ସୃଷ୍ଟି କରିପାରିଛି । ଜିଲ୍ଲାରେ ରହିଛି ମା' ଶାରଳାଙ୍କ ମନ୍ଦିର ଯାହା ପ୍ରାଚୀନ ଯୁଗରୁ ରହିଛି । ବାବା ଗୋରେଖ ନାଥଙ୍କ ମନ୍ଦିର ମଧ୍ୟ ରହିଛି । ଏହି ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି । ଏଠାରେ ବିଶ୍ୱାସ ଅଛିକି ଏଠାକୁ ଆସିଲେ ସମସ୍ତଙ୍କ ମାନସିକ ପୂରଣ ହୋଇଥାଏ । ସେହିପରି ଜିଲ୍ଲାର ବିରିଡ଼ି ବ୍ଲକ୍‌ରେ ଅଷ୍ଟଶମ୍ଭୁ ମନ୍ଦିର ନିକଟରେ ରହିଛି ଧ୍ୟାନକୁଦ ମନ୍ଦିର । ଦେବୀ ନଦୀ ପଠାରେ ଏହି ମନ୍ଦିରକୁ ସ୍ଥାପନ କରାଯାଇଛି । ଏଠାରେ ପୂଜା ପାଆନ୍ତି ପ୍ରଭୁ ଜଗନ୍ନାଥଙ୍କ ସହିତ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା । ଜଗନ୍ନାଥଙ୍କ ଏକ ପ୍ରସିଦ୍ଧ ମନ୍ଦିର ଭିତରେ ଅନ୍ୟତମ । ଏହି ମନ୍ଦିରର ଏପରି ନାମକରଣ ହେବାରେ ବିଶେଷତ୍ୱ ରହିଛି । କୁହାଯାଏ ଯେ ଏଠାରେ ପଞ୍ଚସଖା ମାନେ ଧ୍ୟାନ କରୁଥିଲେ । ତେଣୁ ଧ୍ୟାନ ଶବ୍ଦକୁ ଆଧାର କରି ଧ୍ୟାନକୁଦ ରଖାଯାଇଛି । ଏହି ମନ୍ଦିରର ଡାହାଣ ପାର୍ଶ୍ୱରେ ରହିଛି ମା' ଲକ୍ଷ୍ମୀଙ୍କ ମନ୍ଦିର ଏବଂ ବାମ ପାର୍ଶ୍ୱରେ ରହିଛି ବିମଳା ଦେବୀଙ୍କ ମନ୍ଦିର । ମନ୍ଦିରଟି ଦେଖିବାକୁ ଠିକ୍ ରଥ ସଦୃଶ । ପ୍ରତିଦିନ ଏଠାକୁ ଶହ ଶହ ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି । ମନ୍ଦିରର ରଥଯାତ୍ରା, ଦୁର୍ଗାପୂଜା, ପଞ୍ଚସଖା ମେଳା ବିଶ୍ୱଶାନ୍ତି ଯଜ୍ଞ, ଅଁଳା ନବମୀ, ମାଘ ସପ୍ତମୀ ଆଦି ପର୍ବ ପର୍ବାଣୀ ପାଳନ କରାଯାଏ । ଏଠାକାର ଆଉ ଏକ ବିଶେଷତ୍ୱ ରହିଛି ଯେଯ ବଳରାମ ଦାସ, ଅତିବଡ଼ି ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଏବଂ ଯଶୋବନ୍ତ ଦାସ ଏଠାରେ ଧ୍ୟାନ କରୁଥିଲେ । ଏମାନଙ୍କୁ ପଞ୍ଚସଖା ବୋଲି ଜଣାଯାଏ । ପଞ୍ଚଦଶ- ଷୋଡ଼ଶ ଶତାବ୍ଦୀରେ ଏହି ପାଞ୍ଚଜଣ ଓଡ଼ିଆ କବି ଥିଲେ ଏବଂ ଶହେ ବର୍ଷରୁ ଅଧିକ ସମୟ ପାଇଁ ଲେଖିଥିଲେ । ଏମାନେ ଉତ୍କଳୀୟ ବୈଷ୍ଣବ ଚିନ୍ତାଧାରାକୁ ଅନୁସରଣ କରୁଥିଲେ । ଏହି ମନ୍ଦିର ପରିସରରେ ଏହି ପଞ୍ଚସଖାଙ୍କର ଧ୍ୟାନ କରୁଥିବାର ଏକ ପୀଠ ରହିଛି । ଏତଦ୍ ବ୍ୟତୀତ ଏଠାରେ ଜଗନ୍ନାଥ ଦାସଙ୍କ ପଦ୍ମ କଳ୍ପ ଗ୍ରନ୍ଥ, ଯଶୋବନ୍ତ ଦାସଙ୍କ ଷଷ୍ଠୀ ମେଳା ଗ୍ରନ୍ଥ ଓ ଅନନ୍ତଙ୍କ ସିଦ୍ଧ କଳାଗ୍ରନ୍ଥ ଏବଂ ପଞ୍ଚସଖାଙ୍କ ମିଳିତ ଆଦି ତାଳପତ୍ର ପୋଥି ଏଠାରେ ରହିଛି । ଏହି ପୀଠକୁ ଅରକ୍ଷିତ ଦାସଜୀ ମହାରାଜ ୧୯୮୨ ମସିହାରେ ଆସିଥିଲେ ଏବଂ ୧୯୮୫ ମସିହାଠାରୁ ଏଠାରେ ପଞ୍ଚସଖା ମେଳାର ଆରମ୍ଭ କରିଥିଲେ । ସେହିଦିନଠାରୁ ହିଁ ବାବା ଧ୍ୟାନକୁଦର ପ୍ରଚାର ପ୍ରସାର କରିଥିଲେ । ଏବେ ଏହି ପୀଠ ବାବାଙ୍କ ଜନ୍ମଭୂମି, ସାଧନା ଓ ସିଦ୍ଧିଭୂମିରେ ପରିଣତ ହୋଇଛି । ଏହି ମନ୍ଦିର ଅଷ୍ଟଶମ୍ଭୁ ଶିବ ମନ୍ଦିର ଠାରୁ ୧ କିଲୋମିଟର ଦୂରରେ ଅବସ୍ଥିତ । ଯାହାକି କଟକଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଜଗତସିଂହପୁର ଯିବା ବାଟରେ ହାଜିପୁର ଛକଠୁ ଟିକେ ଦୂରରେ ପଡ଼ିବ ।









# ବିଇଓ ବୈଦ୍ୟନାଥ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୧।୨ (ନି.ପ୍ର): ଖୋର୍ଦ୍ଧା ବ୍ଲକ୍ ଓ ପୌରାଂଚଳ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀ ବୈଦ୍ୟନାଥ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଧନା ଦିଆଯାଇଛି । ଏହି ଉପଲକ୍ଷେ ସାମନ୍ତରାପୁର ସରକାରୀ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଭୁପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଜିତୁ ମିତ୍ର ଯୋଗଦେଇ ଶ୍ରୀ ସାହୁଙ୍କ ପ୍ରଶାସନିକ ପରିଚାଳନା ବ୍ୟବସ୍ଥିତ ତଥା ଶୃଙ୍ଖଳିତ ଥିଲା ବୋଲି ମତ ଦେଇଥିଲେ । ଅନ୍ୟମାନଂକ ମଧ୍ୟରେ ରାଜ୍ୟ ୟୁଜିମିଇ ସ୍କୁଲ ଶିକ୍ଷକ ସଂଘର ସାଧାରଣ ସଂପାଦକ ରବି ଶତପଥୀ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ନେତା ଶ୍ୟାମସୁନ୍ଦର ତ୍ରିପାଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ଚରଣ ପ୍ରଧାନ, ଶିକ୍ଷକ ନେତା ହୃଷୀକେଶ ମିଶ୍ର, ସାମ୍ବାଦିକ ଶୁଭ୍ରାଂଶୁ ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଶ୍ରୀ ସାହୁଙ୍କୁ ନିଷ୍ଠା ଓ ସାଧୁତା ସଂପର୍କରେ ଆଲୋକପାତ କରିଥିଲେ । ଏଲିମେଂଟାରୀ ଶିକ୍ଷକ ସଂଘର ସାଧାରଣ ସଂପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ସାହୁଙ୍କ ଉଦ୍ଦେଶ୍ୟରେ ବିନତି ମିଶ୍ର ଓ ବାସନ୍ତୀ ଦେଈଙ୍କ ରଚିତ ଦୁଇଟି ବିଦାୟକାଳୀନ କବିତା ଗାଇଥିଲେ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ବେହେରା । ଶିକ୍ଷକମାନଂକ ମଧ୍ୟରୁ ଅଗାଧୁ ସେଠୀ, ନମିତା ରାୟ ସାମନ୍ତ, କୈଳାସ ଚନ୍ଦ୍ର ରାଉତ, ମୃତ୍ୟୁଂଜୟ ମହାପାତ୍ର, କ୍ଷଣପ୍ରଭା ସାହୁ, ତିଳୋତମା ମହାପାତ୍ର ପ୍ରମୁଖ ଶ୍ରୀ ସାହୁଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ ।

# ବଜେଟ୍‌ରେ ଓଡ଼ିଶାକୁ ଉପେକ୍ଷା କରାଯାଇଛି : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧।୨ (ନି.ପ୍ର): କେନ୍ଦ୍ର ଅର୍ଥମନ୍ତ୍ରୀ ଆଜି ସଂସଦରେ ୨୦୨୧-୨୨ଆର୍ଥିକ ବର୍ଷ ପାଇଁ ଯେଉଁ ବଜେଟ୍ ଆଗତ କରିଛନ୍ତି, ତାହା ଭାରତ ବର୍ଷକୁ ବିକ୍ରି କରିବା ପାଇଁ ଆଉ ଏକ ଦସ୍ତାବିଜ୍ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ନିଜର ବଜେଟ୍ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ପେଟ୍ରୋଲ୍ ଉପରେ ଅତିରିକ୍ତ ସେସ୍ ବସିବା ଫଳରେ ଏହାର ଦାମ୍ ଆହୁରି ଆକାଶଛୁଆଁ ହେବ । ଯାହାର ପ୍ରରୋକ୍ଷ ପ୍ରଭାବ ବଜାର ଦର ଉପରେ ପଡ଼ିବ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆହୁରି ମହଙ୍ଗା ହେବ । ଏହା ଫଳରେ ବଜେଟ୍‌ରେ ନିଅଂଟ ପରିମାଣ ବଢ଼ିବ, ଯାହାକି ମୁଦ୍ରାସ୍ଫିତି ଯାହା ବଜେଟ୍‌ରେ ୬.୮ ଅଛି, ତାହା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଦେଖାଦେବ । ସେହିଭଳି ସରକାର କେନ୍ଦ୍ର ସରକାର ନିର୍ବାଚନ ହେବାକୁ ଥିବା ରାଜ୍ୟ ତାମିଲ୍‌ନାଡୁ, ପଶ୍ଚିମବଙ୍ଗ, କେରଳ ଓ ଆସାମକୁ ସ୍ୱତନ୍ତ୍ର ପ୍ୟାକେଜ୍ ବଜେଟ୍‌ରେ ଘୋଷଣା କରିଥିବା ବେଳେ ଓଡ଼ିଶାର ଦୀର୍ଘ ଦିନର ଦାବି 'ଫୋକସ୍ ଷ୍ଟେଟ୍ ଷ୍ଟାଟସ୍'କୁ ଅଣଦେଖା କରିଚାଲିଛନ୍ତି । ପୂର୍ବତଟ କରିଡର ଯାହା ଖଡ଼ଗପୁର-ବିଜୟୱାଡା ପର୍ଯ୍ୟନ୍ତ ଯିବ ତାହା ଦ୍ୱାରା ଓଡ଼ିଶା ନାମକୁ ମାତ୍ର ଉପକୃତ ହେବ ଏବଂ ପାରାଦ୍ୱୀପରେ ଏକ ମାଛଧରା ବନ୍ଦର ହେଲେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଫୋକସ୍ ଦିଆଯାଥିଲାବେଳେ ଓଡ଼ିଶାରେ ଦ୍ୱିତୀୟ ଏ.ଆଇ.ଆଇ.ଏମ୍.ଏସ୍. ପ୍ରତିଷ୍ଠା ଦାବିକୁ କେନ୍ଦ୍ର ସରକାର ଅଣଦେଖା କରିଚାଲିଛନ୍ତି । ନିଯୁକ୍ତି ପାଇଁ ଏହି ବଜେଟ୍‌ରେ ସେଭଳି କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇନାହିଁ । ଫଳରେ ବେକାରୀ ସମସ୍ୟା ସମାଧାନ କ୍ଷେତ୍ରରେ ବଜେଟ୍ ବିଫଳ ହୋଇଛି । ମୋବାଇଲ୍ ଓ ଚାର୍ଜର ଉପରେ ଅତିରିକ୍ତ ଶୁଳ୍କ ବସିଥିବାରୁ ଏହା 'ଡିଜିଟାଲ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ବ୍ୟାହତ କରିବ । ଚାଷୀଙ୍କର ଆୟକୁ ଦେଢ଼ଗୁଣା କରିବାର ଫମ୍ପା ପ୍ରତିଶ୍ରୁତିଟିଏ ଏହି ବଜେଟ୍ ଜରିଆରେ ରଖିବାର ଯେଉଁ ଉଦ୍ୟମ କରିଛନ୍ତି, ତାହା କେବେହେଲେ ଚାଷୀମାନଙ୍କର ସମୃଦ୍ଧିରେ ସହାୟକ ହେବନାହିଁ ବୋଲି ମତ ପ୍ରକାଶ କରିଛନ୍ତି । ସର୍ବୋପରି ଦେଖିବାକୁ ଗଲେ ଭାରତ ବର୍ଷକୁ ବିକ୍ରି କରିବା ପାଇଁ ଏହି ବଜେଟ୍ ଦ୍ୱାର ଉନ୍ମୁକ୍ତ କରିଛି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଏହି ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

## ବଡଚଣାରେ ୧୮ ହଜାରରୁ ଊର୍ଦ୍ଧ୍ୱ ଶିଶୁ ପୋଲିଓ ନେଲେ

ଧର୍ମଶାଳା,୧।୨ (ନି.ପ୍ର): ଯାଜପୁର ଜିଲା ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ପ୍ରଥମ ପର୍ଯ୍ୟାୟ ପୋଲିଓ ଟିକା ପ୍ରଦାନ କରାଯାଇଛି । କରୋନା କଟକଣା ଯୋଗୁ ଦିର୍ଘ ୯ମାସ ର ବ୍ୟବଧାନ ପରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆଜି ୧୦୫ଟି ବୁଥ୍‌ରେ ଟିକାକରଣ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୮୮୨୩ ଜଣ ଶିଶୁଙ୍କୁ ପୋଲିଓ ଦେବା ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ତନ୍ମଧରୁ ୧୮୨୮୫ଜଣ ଶିଶୁଙ୍କୁ ଏହି ଟିକା ପ୍ରଦାନ କରାଯାଇଥିଲା ।

# ବନ୍ଦର ଚିକିତ୍ସାଳୟ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ




ପାରାଦୀପ ,୧।୨ (ନି.ପ୍ର): ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇ ଆସୁଅଛି । ସଂପ୍ରତି କରୋନା ସଂକ୍ରମଣ ଓ ଏହାର ପ୍ରତୀକାତ୍ମକ ନିତୀ ନିୟମ ଯୋଗୁଁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଶିଥିଳତା ଆସିଥିବା ବେଳେ, ବନ୍ଦର ଚିକିତ୍ସାଳୟ ବିଭାଗ ନିୟମିତ ଅନ୍ତରରେ ସମସ୍ତ କୋଭିଡି-୧୯ ନିୟମ ପାଳନ କରି ଏହି କାର୍ଯ୍ୟକ୍ରମ କରି ଆସୁଅଛି । ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ,କ ସଫେଇ କାର୍ଯ୍ୟକ୍ରମ ରବିବାର ଦିନ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚିକିତ୍ସାଳୟର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଚିକିତ୍ସାଳୟର ଆଭ୍ୟନ୍ତରିଣ ଓ ବାହାର ସ୍ଥାନକୁ ପରିଷ୍କାର କରିଥିଲେ । ସୂଚନା ଥାଉକି, ମୁଖ୍ୟ ଚିକିତ୍ସାଧିକାରୀ ଡା.ପଣ୍ଡାଙ୍କ ଅନ୍ତରିକ ଉଦ୍ୟମ ଯୋଗୁଁ ଚିକିତ୍ସା ସମେତ ଚିକିତ୍ସାଳୟର ସ୍ୱଚ୍ଛତା କ୍ଷେତ୍ରରେ ବହୁ ଉନ୍ନତି ପରିଲକ୍ଷିତ ହୋଇଛି ।

# କନ୍ଧମାଳର ପ୍ରଥମ ପଦ୍ମଶ୍ରୀ, ଟାଡିସରୁ ବାଇଙ୍କୁ ଦ୍ୱିତୀୟ ଭୀମଭୋଇ ସମ୍ମାନ

କନ୍ଧମାଳ,୧।୨ (ନି.ପ୍ର): କୁଇ ଭାଷା ସାହିତ୍ୟ ଓ କୁଇ ସମାଜ ଯୁବ ପରିଷଦ ପକ୍ଷରୁ କନ୍ଧମାଳର ପ୍ରଥମ ପଦ୍ମଶ୍ରୀ ଟାଡିସରୁ ବାଇଙ୍କୁ ଦ୍ୱିତୀୟ ଭୀମଭୋଇ ସମ୍ମାନରେ ସମ୍ମାନରେ କରାଯାଇଛି । ରବିବାର କୁଇ ଭାଷା ସାହିତ୍ୟ ସମିତି ଓଡିଶା ଏବଂ କୁଇଭାଷା ଯୁବ ପରିଷଦ କନ୍ଧମାଳ ପକ୍ଷରୁ କନ୍ଧମାଳ ଜିଲ୍ଲାର ପ୍ରଥମ ପଦ୍ମଶ୍ରୀ (ଟାଡିସରୁ ବାଇ ବାବା) ପୂର୍ଣ୍ଣବାସୀ ଜାନୀଙ୍କୁ ସମ୍ମାନୀତ କରାଯିବା ଉଦେଶ୍ୟରେ କନ୍ଧମାଳ ଜିଲ୍ଲା ସାରଙ୍ଗଡ କାଣିବିଡିକାଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କନ୍ଧମାଳ ଜିଲ୍ଲାର ଗ୍ରାମୀଣ ବର୍ଣ୍ଣାଢ୍ୟ ପରିବେଶରେ କୁଇ ସମ୍ପ୍ରଦାୟର ନାଟ୍ୟ ଗୀତ ମାଧ୍ୟମରେ ତାଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଦୀପ କହଁର ସ୍ୱାଗତ ଭାଷଣ ଦେଇଥିବାବେଳେ କୁଇଭାଷା ସହିତ୍ୟ ସମିତିର ସମ୍ପାଦକ ଡା.ନିରଦ କହଁର ସଭାକୁ ପରିଚାଳନା କରିଥିଲେ । ଦୀନବନ୍ଧୁ କହଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପୂର୍ଣ୍ଣବାସୀ ଜାନୀଙ୍କୁ ଦ୍ୱିତୀୟ ବୀମଭୋଇ ସମ୍ମନରେ ସମ୍ମାନିତ କରାଯାଇଥିଲା ଏବଂ ମାଦିସ୍କନ୍ଦ ସମାଜ,କଳାହାଣ୍ଡି ତରଫରୁ ତାଙ୍କୁ ଉପଢୌକନ ପ୍ରଦାନ ସମେତ "କୁଇ କନ୍ଧ ଭୂମିପୁତ୍ରୀ" ପଦବୀରେ ବିଭୁଷିତ କରାଯାଇଥିଲା । । କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରୁ ଓ ପଡୋଶୀ ଜିଲ୍ଲା କଳାହାଣ୍ଡିରୁ ଟାଡିସରୁ ବାଇଙ୍କ ଶ୍ରଦ୍ଧାଳୁ ମାନେ ପହଂଚି ତାଙ୍କୁ ମୁଖରୁ ସ୍ୱତଃ ପ୍ରବୃତ ଭାବରେ ନିଃସୃତ ଭଜନ ସବୁ ଶୁଣି ଆଧ୍ୟାତ୍ମିକ ଅନୁଭୂତି ନେଇଥିଲେ । କଳାହାଣ୍ଡି ଜିଲ୍ଲାରୁ ମେଦିନିଜାନୀଙ୍କ ନେତୃତ୍ୱରେ ଆସିଥିବା ବୈଦ୍ୟାରାଜ ପବିତ୍ର ଶବର,ରୁକ ଶବର,ସୁରେଶ ଭୋଇ,ବିଦେଶୀ ପ୍ରଗଣିଆ,ଗଗନ ବିହାର ସା ଏବଂ ମାୟା ଛତ୍ରିଆ ପ୍ରମୁଖ ତାଙ୍କ ବିଷୟରେ ନିଜନିଜର ଭାବବିହ୍ୱଳ ବକ୍ତବ୍ୟ ରଖିଥିଲେ । ଏଥିରେ ଅନେକ କିନ୍ଦୁ କହଁର,ଭୀମସେନ ପ୍ରଧାନ,ବିସର୍ବା ପ୍ରଧାନ,ଲଙ୍କେଶ୍ୱର କହଁର,ମନୋରଞ୍ଜନ କହଁର,ବୁଦ୍ଧଦେବ କହଁର,ଗଣପତି ମଲ୍ଲିକ,ବିଶ୍ୱମ୍ଭର ପ୍ରଧାନ,ଶରତ ମଲ୍ଲିକ ଓ ମଙ୍ଗରାଜ ପ୍ରଧାନଙ୍କ ସମେତ ଅନେକ କୁଇ କବି ମାନେ ସେମାନଙ୍କର କବିତା ପାଠ କରିଥିଲେ । ଏହି ଅବସରରେ କୁଇ ସମାଜ ଯୁବ ପରିଷଦ କନ୍ଧମାଳ,ଓଡିଶାର କର୍ମକର୍ତା ଚୟନ କରାଯାଇଥିଲା ଏଥିରେ ସଭାପତି ଭାବରେ ଦେବାଶିଷ କହଁର,ସମ୍ପାଦକ ଭାବରେ ଅଚ୍ୟୁତ ଜାନୀ,କୋଷାଧ୍ୟକ୍ଷ ଭାବରେ ଗଗନ କହଁରଉପସଭାପତି ବାବରେ ୩ ଜଣ ଏବଂ ଯୁଗ୍ମ ସଦମ୍ପାଦକ ଭାବରେ ୩ଜଣଙ୍କୁ ଓ ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଚୟନ କରାଯାଇଥିଲା । ଶେଷରେ ଦେବାଶିଷ କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

# ନକଲି କାଗଜପତ୍ର ମାଧ୍ୟମରେ ଟେଣ୍ଡର ହାତେଇବା ଉଦ୍ୟମ ମହଙ୍ଗା ପଡିଲା :୨ ଠିକାଦାରଙ୍କ ନାମରେ ଥାନାରେ ଏତଲା

କେନ୍ଦୁଝର,୧।୨ (ନି.ପ୍ର): କେନ୍ଦୁଝରରେ ନକଲି କାଗଜପତ୍ର ଦାଖଲ କରି ଟେଣ୍ଡର ହାତେଇବା ପାଇଁ ହୋଇଥିବା ଉଦ୍ୟମ ଦୁଇ ଜଣ ଠିକାଦାରଙ୍କ ପାଇଁ ମହଙ୍ଗା ପଡିଛି । ସେମାନଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଛି । ଏହି ଘଟଣା ଜିଲ୍ଲାର ଗାମ୍ୟ ଉନ୍ନୟନ ବିଭାଗରେ ଘଟିଛି । ପ୍ରକାଶ ଥାଉକି ଯେ ଜିଲ୍ଲାର ଗାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଅନିୟମିତତା ସଂପର୍କରେ ଅନେକ ସମୟରେ ଅଭିଯୋଗମାନ ହେଉଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ତାହା ବିରୁଦ୍ଧରେ ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା କାରଣରୁ ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସମ୍ବାଦ ପତ୍ରର ଶିରୋନାମା ମଧ୍ୟ ପାଲଟିଥାଏ । ଯେଉଁଥି ପାଇଁ ଜିଲ୍ଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରାୟତଃ ବିବାଦ ଘେରରେ ରହିଆସିଥାଏ । ମାତ୍ର ଏବେ ଏକ ରାସ୍ତା କାମକୁ ନେଇ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗରେ ଦୁଇ ଜଣ ଠିକାଦାରଙ୍କ ବିରୁଦ୍ଧରେ ବିଭାଗ ପକ୍ଷରୁ ଥାନାରେ ମାମଲା ରୁଜୁ ହେବା ଘଟଣା ସଧାରଣଙ୍କ ପାଇଁ ରହସ୍ୟପୁର୍ଣ୍ଣ ହୋଇ ପଡିଥିବା ବେଳେ ବିଭାଗରେ ଚାଲିଥିବା ଅନିୟମିତତା ସଂପର୍କୟ ବିଭିନ୍ନ ସମୟରେ ହେଉଥିବା ଚର୍ଚ୍ଚ ର ସତ୍ୟତାକୁ ମଧ୍ୟ ପରୋକ୍ଷରେ ଏକ ପ୍ରକାର ପ୍ରତିପାଦିତ କରିଛି । ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିବା ଦୁଇ ଜଣ ସ୍ୱେସିଆଲ କ୍ଲାସ ଠିକାଦାର ଦାଖଲ କରିଥିବା ବାଲାନ୍ସ ସିଟ୍ ନକଲି ଥିବା ନେଇ ଅଭିଯୋଗ ହୋଇଥିଲା ।ଏବଂ ଏ ସଂପର୍କରେ ତନଖି କରାଯିବା ପରେ ବାସ୍ତବ କ୍ଷେତ୍ରରେ ତାହା ନକଲି ଥିବାର ପ୍ରମାଣ ମିଳିଥିଲା । ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସପରିଟେଣ୍ଡେଂଟ ଇଞ୍ଜିନିୟର ପି. କେ . ମିଶ୍ର ଜାଲିଆତି କରିଥିବା ଅଭିଯୋଗରେ ସଂପୃକ୍ତ ଠିକାଦାର ସୁରେନ୍ଦ୍ର ଭୂୟାଁ ଓ ଗଦାଧର ନାୟକ ନାମରେ ଟାଉନ ଥାନାରେ ଏତଲା ଦେଇଥିଲେ । ଏତଲା ପାଇବା ପରେ ଟାଉନ ଥାନା ପୋଲିସ ଥାନା କେଶ ନମ୍ବର ୪୫ ଓ ୪୬ ରେ ଦଫା ୪୬୮ ଓ ଙ୍ଗ ୪୨୦ ରେ ମାମଲା ରୁଜୁ କରି ତଦନ୍ତ ଆ ରମ୍ଭ କରିଛି ।

# ଦେଶକୁ ବିକିଦେବାର ବଜେଟ୍ : ସିପିଆଇ

ଭୁବନେଶ୍ୱର,୧।୨ (ନି.ପ୍ର): ସୋମବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ଉପସ୍ଥାପନ କରିଥିବା ୨୦୨୧-୨୨ ବଜେଟ୍ ଭାରତର ରାଷ୍ଟ୍ରୀୟ ସମ୍ପତି– ବ୍ୟାଙ୍କ, ବୀମା, ରେଳବାଇ, ବନ୍ଦର, ପ୍ରତିରକ୍ଷା ଓ ରାଷ୍ଟ୍ରାୟତ କମ୍ପାନୀକୁ ଦେଶୀ-ବିଦେଶୀ ପୁଞ୍ଜିପତିମାନଙ୍କୁ ବିକିଦେବାର ଦେଶ ବିରୋଧୀ ବଜେଟ୍ । ଏଥିରେ କୃଷି ଓ କୃଷକଙ୍କ ବିକାଶ ହେବ ନାହିଁ ବୋଲି ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । କରୋନା ସମୟରେ କାମ ବା ଚାକିରି ହରାଇଥିବା ୧୧ କୋଟି ଶ୍ରମିକ ଓ କର୍ମଚାରୀମାନଙ୍କ ମଧ୍ୟରୁ ୫୦ ଭାଗଙ୍କ ପୁନଃନିଯୁକ୍ତିର ସମ୍ଭାବନା ନାହିଁ । ଏହି ବଜେଟ୍ ଫଳରେ ପେଟ୍ରୋଲ, ଡିଜେଲ ଓ ଜାଳେଣୀ ଗ୍ୟାସ୍ ସହିତ ସବୁ ଜିନିଷର ଦାମ୍ ବୃଦ୍ଧି ପାଇ ଗରିବ ଓ ମଧ୍ୟବିତଙ୍କ ଜୀବନକୁ ଦୁର୍ବିସହ କରିଦେବ । ଏଣୁ ଏହା ଏକ କର୍ପୋରେଟ୍ ବଜେଟ୍ ।

## ମା' ବ୍ରାହ୍ମଣୀ ଦେବୀ ଯଜ୍ଞ ପ୍ରସ୍ତୁତି ବୈଠକ

ଧର୍ମଶାଳା,୧।୨ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ବନ୍ତଳା-ଡଗରପଡା ମଧ୍ୟବର୍ତୀରେ ବିରାଜମାନ କରିଥିବା ମା' ବ୍ରାହ୍ମଣୀ ଦେବୀ ପବିତ୍ର ମହାଯଜ୍ଞ ପାଇଁ ଆଜି ଅପରାହ୍ନରେ ମା'ଙ୍କ ପୀଠରେ କମିଟିର ସଂପାଦକ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମା'ଙ୍କ ପବିତ୍ର ମହାଯଜ୍ଞ କିପରି ଶାନ୍ତି ଶୃଙ୍ଖଳାରେ କରୋନା କଟକଣାକୁ ନେଇ ଅନୁଷ୍ଠିତ ହେବ ସେଥିପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ପ୍ରଥମେ ଗତ ବର୍ଷର ଆୟବ୍ୟୟ ପାଠକରିଥିଲେ ସଂପାଦକ ଶ୍ରୀ ବେହେରା ଏବଂ ପରେ ଚଳିତ ବର୍ଷ ଯଜ୍ଞ କିପରି ଅନୁଷ୍ଠିତ ହେବ ସେଥିନେଇ ଉପସ୍ଥିତ କର୍ମକ ।ଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା । ଫେବ୍ରୁୟାରୀ ୧୬ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖରେ ଏହି ଯଜ୍ଞ ଶେଷ ହେବ । ପ୍ରତିବର୍ଷ ପରି ଚଳିତ ବର୍ଷ ଯଜ୍ଞର ଶେଷ ଦିବସରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା ।

# ପୁଣି ଧରାପଡିଲା ସାରଦା ଖଣିର ଅନିୟମିତତା : ସୁଧୁରୁ ନାହିଁ ଲିଜଧାରୀ

କେନ୍ଦୁଝର,୧।୨ (ନି.ପ୍ର):ପ୍ରାୟତଃ କ୍ରମାଗତ ଭାବେ ସାରଦା ଖଣିର ବିବାଦ ଯେଭଳି ପଛ ଛାଡିବାର ନାମ ଧରୁନାହିଁ । ନିକଟରେ ବେଆଇନ ଖଣି ଖନନ ନେଇ ସାରଦା ଖଣିକୁ ୨ହଜାର ୫୬ କୋଟି ୩୮ଲକ୍ଷ ୪୩ ହଜାର ୫ଶହ ୬୭ ଟଙ୍କା ଜୋରିମାନା ଦେବାକୁ ଯୋଡା ଖଣି ବିଭାଗ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । କେନ୍ଦୁଝର ଜିଲ୍ଲା ତଥା ଯୋଡା ଖଣି କ୍ଷେତ୍ର ଅନ୍ତର୍ଗତ ଠାକୁରାଣୀ ଖଣିର ବି-ବ୍ଲକରେ ୯୪୭.୦୪୬ ହେକ୍ଟର ପରିମିତ ସାରଦା ମାଇନ୍ସ ପ୍ରାଃ ଲିଃ ଖଣିଟି ଅବସ୍ଥିତ । ଏହି ଖଣିରେ ବିନା ପରିବେଶ ମଞ୍ଜୁରୀରରେ ଅତିରିକ୍ତ ଖଣି ଖନନ କରାଯାଇଥିବା ନଜରକୁ ଆସିଛି । ଫେବୃଆରୀ ୨୦୨୦ ଏବଂ ମାର୍ଚ୍ଚ ୨୦୨୦ ମଧ୍ୟରେ ଏହି ବେଆଇନ ଖନନ କରାଯାଇଥିବା ଜଣା ପଡିଛି । ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏପରି ଖଣି ଖନନ ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବା ବେଳେ ଯୋଡା ଖଣି ଉପନିର୍ଦ୍ଦେଶକ ସଲିଲ କୁମାର ବେହେରା ଏହି କ୍ଷତିପୂରଣ ପ୍ରଦାନ ନିମନ୍ତେ ସାରଦା ଖଣିର ନିର୍ଦ୍ଦେଶକ ଅର୍ଜୁନ ସାରସ୍ୱତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବେଆଇନ ଖନନ ପାଇଁ ଗତ ଜୁନ ମାସ ୬ ତାରିଖରେ ଓ ଚଳିତ ବର୍ଷ ଜାନୁଆରୀ ମାସ ୭ ତାରିଖରେ ଖଣି ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା ଏବଂ ଏହାର ଶୁଣାଣୀ ୨୫ ତାରିଖକୁ ରଖାଯାଇଥିଲା । ବେଆଇନ ଖନନ ସମ୍ବନ୍ଧରେ ସାରଦା ଖଣି କର୍ତ୍ତୃପକ୍ଷ କୌଣସି ସନ୍ତୋଷ ଜନକ କୈଫିୟତ ଦେଇପାରିନଥିଲେ । ଫଳରେ ବିନା ଅନୁମୋଦନରେ ଏହି ଅତିରିକ୍ତ ଖନନକୁ ଏମ୍ ଏମ୍ ଡି ଆର ଆକ୍ଟ-୨୧ର ୫ ଅନୁସାରେ ଅବୈଧ ଘୋଷଣା କରି ଏହି ଜୋରିମାନା କରାଯାଇଥିବା ଖଣି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ, ବାରମ୍ବାର ଏହି ସାରଦା ଖଣିଟିରେ ଅନ୍ୟମିତତା ଲାଗିରହିଛି । ଏହି ଖଣିଟି ଅନ୍ୟମିତତା ନେଇ ଦୀର୍ଘ ୬ ବର୍ଷ ଧରି ବନ୍ଦ ରହିଥିଲା । ଷ୍ଟିଲ ମିଟିଂ ରିପୋର୍ଟ ର ତଥ୍ୟ ଅନୁଯାୟୀ ସାରଦା ଖଣିର ପରିବେଶ ମଞ୍ଜୁରୀ ଅକାମୀ ହୋଇପଡିଥିବା ଦର୍ଶାଯାଇ ଏହି ଖଣିଟିକୁ ତୁରନ୍ତ ବନ୍ଦ କରିବା ପାଇଁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏକ ପତ୍ର ଦିଆଯାଇଥିଲା । ଫଳରେ ରାଜ୍ୟ ସରକାର ଏହି ଖଣିଟିକୁ ତୁରନ୍ତ ବନ୍ଦ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଦର୍ଶାଯାଇଥିଲା ଯେ, ୨୦୦୪ ରେ ପରିବେଶ ମଞ୍ଜୁରୀ ନିମନ୍ତେ ସାରଦା ଖଣି କମ୍ପାନୀ ଆବେଦନ କରିଥିଲେ ଓ ୫ ବର୍ଷ ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ତେବେ ୨୦୧୭ ରେ କେତେକ ଖଣି ଅନିୟମିତତା ପଦାକୁ ଆସିବା ପରେ ଏହି ଖଣିଟି ମଧ୍ୟ ଏହାର ପର୍ଯ୍ୟାୟଭୁକ୍ତ ହୋଇ ଖଣିଟିକୁ ବନ୍ଦ କରି ଦିଆଯିବା ସହ ୯୩୩ କୋଟି ଟଙ୍କା ଜୋରିମାନା କରାଯାଇଥିଲା । ଏଥିପାଇଁ ଖଣିଟି ୬ ମାସ ପାଇଁ ବନ୍ଦ ରହିଥିବା ବେଳେ ଗତ ବର୍ଷ ଜାନୁଆରୀ ମାସରେ ଏହି ଜୋରିମାନ ଟଙ୍କା ପୈଠ କରିବା ସର୍ତରେ ଖଣିଟିକୁ ଚାଲୁ କରିବା ପାଇଁ ସୁପ୍ରିମ କୋର୍ଟ ଅନୁମତି ପ୍ରଦାନ କରିଥିଲେ । ଖଣି କମ୍ପାନୀ ଏହି ଅର୍ଥ ଜମା କରିବା ପରେ ଖଣି କାର୍ଯ୍ୟ ଆରମ୍ଭ କରିଥିଲେ । ତେବେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏହି ବନ୍ଦ ନୋଟିସ୍ ପାଇବା ପରେ ଏହାକୁ ଆହ୍ୱାନ କରି ଖଣି କମ୍ପାନୀ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବିଚାରକୁ ନେଇ ଏହି ଖଣିଟିକୁ ପରବର୍ତି ନିର୍ଦ୍ଦେଶନାମା ୨୧ ଅକ୍ଟୋବର ରେ ଆସିବା ପର୍ଯ୍ୟନ୍ତ ପୂର୍ବରୁ ଦିଆଯାଇଥିବା ସମସ୍ତ ନୋଟିସ୍ ଉପରେ ରହିତାଦେଶ ଜାରି କରିଥିଲେ । ଫଳରେ ଖଣିଟି ପୁନଃର୍ବାର କାର୍ଯ୍ୟକ୍ଷମ ହୋଇପାରିଥିଲା । ଅକ୍ଟୋବର ୨୧ ପରେ ରାଜ୍ୟ ସରକାର ଏବେ ସାରଦା ଖଣି ଉପରେ ୨ ଟି ଅନିୟମିତତା ଥିବା ଦର୍ଶାଇଛନ୍ତି । ସେଥି ମଧ୍ୟରୁ ଗୋଟିଏ ଷ୍ଟାକ ତିଆରିରେ ଅନିୟମିତତା । ଅନ୍ୟଟି ହେଉଛି ପରିବେଶ ମଞ୍ଜୁରୀ ଅନୁଯାୟୀ କମ୍ପାନୀ ତାର ଉତ୍ପାଦନକୁ ସଡକ ପଥରେ ପରିବହନ କରିନପାରିବାର ପ୍ରାବଧାନ ଥିବା ବେଳେ ଏହି ସର୍ତକୁ ଖିଲାପ କରି ୯ ମାସ ଧରି କମ୍ପାନୀ ତାର କାର୍ଯ୍ୟ ତୁଲାଇ ଆସୁଛି । ଷ୍ଟାକ ତିଆରିରେ ଅନିୟମିତତାରେ ଯୋଡା ଖଣି ବିଭାଗର ପ୍ରଚ୍ଛନ୍ନ ହାତ ଥିବା ସାଧାରଣରେ ଆଲୋଚନା ହେଉଥିବା ବେଳେ ଯୋଡା ଯୁଗ୍ମ ଖଣି ନିର୍ଦ୍ଦେଶକ ସଲିଲ ବେହେରା ଏହି ଅନ୍ୟମିତତା ନଜରକୁ ଆସିବା ପରେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ନେଇ ଜଣେ ଖଣି ଅଧିକାରୀ ଏବଂ ଜଣେ ଖଣି ନିରୀକ୍ଷକକୁ ନିଲମ୍ବନ କରିଥିଲେ । ଏହା ସହିତ ସାରଦା ଖଣିର ପରିବହନକୁ ବନ୍ଦ କରିଦିଆଯାଇଥିଲା । ତେବେ ଏହି ଅନିୟମିତତା ପାଇଁ ସାରଦା ଖଣି କର୍ତ୍ତୃପକ୍ଷଙ୍କୁ ୫ ଲକ୍ଷ ଟଙ୍କାର ଜୋରିମାନା କରାଯିବା ସହ ନଭେମ୍ବର ୫ ତାରିଖ ଦିନ ପୁନର୍ବାର ପରିବହନ ନିମନ୍ତେ ଅନୁମତି ପ୍ରଦାନ କରିଥିଲେ । ପରିଚାଳନାଗତ ତ୍ରୁଟି ଯୋଗୁଁ ଏହି ଖଣିଟିରେ ଅନେକ ଅନିୟମିତତା ରହିଥିବା ବେଳେ ବାରମ୍ବାର ଖଣିଟିକୁ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି ।

# ପୋଲିସ ହାଇସ୍କୁଲର ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କନ୍ଧମାଳ,୧।୨ (ନି.ପ୍ର): ଫୁଲବାଣୀ ମାଦିକୁନ୍ଦା ରିଜର୍ଭ ପୋଲିସ ପଡିଆଠାରେ ଥିବା ପୋଲିସ ହାଇସ୍କୁଲର ସହକାରୀ ଶିକ୍ଷକ ବିହାରୀ ରଞ୍ଜନ ପଟ୍ଟନାୟକଙ୍କ ଚାକିରିରୁ ଅବସରପରେ ତାଙ୍କୁ ଆନୁଷ୍ଠାନିକ ଭାବରେ ବିଦ୍ୟାଳୟ ପକ୍ଷରୁ ଅବସର କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟରେ ଆଜି ଏହି ସଂକ୍ରାନ୍ତରେ ଆଜି ଏକ ବିଦାୟ କାଳୀନ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିପିନ ବିହାରୀ ବେହେରା ଯୋଗ ଦେଇ ଶିକ୍ଷକ ମାନେ ସେମାନଙ୍କ କାର୍ଯ୍ୟକାଳ ଭିତରେ ଅଗଣିତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହିତ ସଂସ୍କାର ଏବଂ ସମାଜରେ ଚଳିବା ଭଳି ବିଭିନ୍ନ ପଦ୍ଧତି ବିଷୟରେ ଶିକ୍ଷା ଦେଇ ଥାଆନ୍ତି । ସେଥିରୁ କିଛି ଛାତ୍ର ଛାତ୍ରୀ ତାଙ୍କ ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ସେମାନଙ୍କର ଜୀବନକୁ ଗଠି ତୋଳିବା ସହିତ ଶିକ୍ଷକଙ୍କ ମନରେ ଏକ ଛାପ ଛାଡି ଯାଇଥାଆନ୍ତି । ଏହା ହିଁ ଶିକ୍ଷକଙ୍କର ପ୍ରକୃତ ପ୍ରାପ୍ୟ ହୋଇଥାଏ ବୋଲି କହିଥିଲେ । ଅବସରପ୍ରାପ୍ତ ଶିକ୍ଷକ ବିହାରୀ ରଞ୍ଜନ ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳର କିଛି ଅନୁଭୂତିକୁ ସମସ୍ତଙ୍କ ଆଗରେ ବ୍ୟକ୍ତ କରିବା ସହିତ ତାଙ୍କର ଏହି ବିଦ୍ୟାଳରେ କାର୍ଯ୍ୟକାଳର ସ୍ମୃତି ଆଜୀବନ ମନେ ରହିବ ବୋଲି କହିଥିଲେ । । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଶତପଥି ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତରୀୟ ଦେଇ ସମ୍ମାନୀତ କରିବା ସହିତ ତାଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ତାଙ୍କ ଅବସରପରେ ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଶୁନ୍ୟ ସ୍ଥାନକୁ ପୁରଣ କରିବାକୁ ପ୍ରଧାନ ଶିକ୍ଷକ ମୁଖ୍ୟ ଅତିଥିଙ୍କ ଜରିଆରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ତଥା ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ଭିନିତ ଅଗ୍ରୱାଲଙ୍କୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସମେତ ଶିକ୍ଷକ ଶିୟୀତ୍ରୀମାନେ ଯୋଗ ଦେଇଥିଲେ ।

# ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ଡିଏସ୍‌ପି ଭାବେ ପଦୋନ୍ନତି



ପାରାଦୀପ ,୧।୨ (ନି.ପ୍ର): ପାରାଦୀପ ଆଦର୍ଶ ଥାନା ଅଧିକାରୀ ରଜନୀ କାନ୍ତ ସାମଲଙ୍କୁ ଡିଏସ୍‌ପି ଭାବେ ପଦୋନ୍ନତି ମିଳିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ ଶ୍ରୀ ସାମଲଙ୍କ ନାମ ପ୍ରକାଶିତ ହେବା ଜାଣିବା ପରେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନ ଓ ସାମ୍ବାଦିକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପାରାଦୀପ ଥାନା ଆଦର୍ଶ ଥାନା ରୂପେ ଘୋଷଣା ହେବା ପରେ ଶ୍ରୀ ସାମଲ ପାରାଦୀପ ଆଦର୍ଶ ଥାନାର ପ୍ରଥମ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରି ପାରାଦୀପର ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ସଠିକ୍ ଭାବେ ପରିଚାଳନା କରି ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖି ପାରିଛନ୍ତି । ଗତ ବର୍ଷ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ପୋଲିସ୍ ମେଡାଲ ପାଇ ବେଶ୍ ପ୍ରଶଂସିତ ହୋଇଥିଲେ ଶ୍ରୀ ସାମଲ । ପାରାଦୀପ ପୂର୍ବରୁ ସେ ରେଙ୍ଗାଲୀ ଥାନାର ଇନ୍ସପେକ୍ଟର ଭାବେ କାର୍ଯ୍ୟ କରି ସଫଳତା ହାସଲ କରିଥିଲେ ।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୧।୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟସ୍ଥ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଚାନ୍ଦପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପାଢୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରସୁଲପୁର ବ୍ଲକ ମଣ୍ଡଳ ଶିକ୍ଷାଅଧିକାରୀ ଶାନ୍ତନୁ କୁମାର କର, ମୁଖ୍ୟବକ୍ତା ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଭିକାରୀ ଚରଣ କବି,ସମ୍ମାନୀତ ଅତିଥି ବନ୍ଧଡିହ କ୍ଲଷ୍ଟର ସିଆରସିସି ଦେବରାଜ ମିଶ୍ର,ରସୁଲପୁର ପ୍ରାଥମିକ ଶିକ୍ଷକ ସଂଗଠନର ସଭାପତି ବିଜୟ କୁମାର ଷଡଙ୍ଗୀ,ପୂର୍ବତନ ସିଆରସିସି ପ୍ରତାପରୁଦ୍ର ପଣ୍ଡା,ରସୁଲପୁର ଶିକ୍ଷକ ସଂଘ ସମ୍ପାଦକ ମହେନ୍ଦ୍ର କୁମାର ମଲ୍ଲିକ,ପ୍ରାକ୍ତନଶିକ୍ଷାବିତ ଆଲାଉଦ୍ଦିନ ଖାଁ,ଶ୍ୟାମସୁନ୍ଦର ପାଢୀ,କବି ବିଶ୍ୱନାଥ ପଣ୍ଡା,ସେକ କେତେରୁଦ୍ଦିନ,ସେକ ଜାବିର ଆଲ୍ଲୀ,ଅକ୍ତର ଅଲ୍ଲୀ,ଅମୂଲ୍ୟ ପାତ୍ର ଓ ସେକ ସହିଦ ଅଲ୍ଲୀ ପ୍ରମୁଖ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କ କର୍ମମୟ ଜୀବନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ହବିବ ମିଲ୍ଲତ ଇସଲାମିଆ ଟ୍ରଷ୍ଟ ସଂଗଠନ ଓ ଉଭୟ ବିଦ୍ୟାଳୟ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମାସିକ ପଣ୍ୟ କାରବାରରେ ପାରାଦ୍ୱୀପ ବନ୍ଦରର ସର୍ବକାଳୀନ ରେକର୍ଡ

ପାରାଦ୍ୱୀପ ,୦୧।୦୨ (ନି.ପ୍ର): ଦେଶର ଅର୍ଥନିତୀ କୋଡିଭ୍ ମହାମାରୀ ଯୋଗୁଁ ଘଡିସନ୍ଧି ମୁହୁର୍ତ୍ତ ମଧ ଦେଇ ଗତି କରୁଥିବାବେଳେ, ଚଳିତ ବର୍ଷର ପ୍ରଥମ ମାସ ପାରାଦ୍ୱୀପ ବନ୍ଦର ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି । ଜାନୁଆରୀ ମାସରେ ପାରାଦ୍ୱୀପ ବନ୍ଦର ସମୁଦାୟ ୧୧.୧୭ ନିୟୁତ ମେଟ୍ରିକ ଟନ୍ ପଣ୍ୟ କାରବାର ହାସଲ କରି ପାରାଦ୍ୱୀପ ବନ୍ଦର ଇତିହାସରେ ଏକ ସର୍ବକାଳୀନ କିର୍ତ୍ତୀମାନ ବା ରେକର୍ଡ ସୃଷ୍ଟି କରିଛି । ପୂର୍ବରୁ ୨୦୧୯ ମାର୍ଚ୍ଚ ମାସରେ ବନ୍ଦର ସର୍ବୋଚ୍ଚ ୧୦.୫୫ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରିଥିଲା । ସେହିପରି ଲୁହାପଥର ହ୍ୟାଣ୍ଡିଲିଂ ପ୍ଲାଣ୍ଟରେ ୱାଗନ ଟ୍ରିପଲିଂ କ୍ଷେତ୍ରରେ ମଧ ମାସିକ ସର୍ବକାଳୀନ ରେକର୍ଡ ସ୍ଥାପିତ ହୋଇଛି । ପୂର୍ବରୁ ୨୦୧୯ ଏପ୍ରିଲ୍ ମାସରେ ୧୬୭ ରେକ୍ ଟ୍ରିପଲିଂ ହୋଇଥିବାବେଳେ, ଚଳିତ ମାସରେ ଏହା ୧୭୪ ରେ ପହଞ୍ଚିଛି । ତେବେ ବନ୍ଦରର ଏହି ଐତିହାସିକ ସଫଳତା ନିମନ୍ତେ ବନ୍ଦର ଅଧକ୍ଷ ବିନୀତ କୁମାର ସମସ୍ତ ଅଧିକାରୀ ଓ କର୍ମଚାରୀ, ଯେଉଁମାନେ ସ୍ୱେଚ୍ଛାକୃତ ଭାବେ କଠିନ ପରିଶ୍ରମ କରିଛନ୍ତି ତଥା ସେମାନଙ୍କ ପରିବାରବର୍ଗଙ୍କୁ ସାଧୁବାଦ ଜଣାଇଛନ୍ତି ।

## ସଂସଦରେ ବିଜେଡି ମହିଳା ବିଲ୍ ପ୍ରସଙ୍ଗ ଉଠାଇବାରେ କୌଣସି ନୂତନତ୍ୱ ନାହିଁ : ନିରଞ୍ଜନ

ଭୁବନେଶ୍ୱର,୦୧।୦୨ (ନି.ପ୍ର): ବିଳମ୍ବରେ ହେଲେ ମଧ ବିଜେଡି ଦଳର ନିଦ ଭାଙ୍ଗିଛି ଓ ସଂସଦରେ ମହିଳା ବିଲ୍ ପ୍ରସଙ୍ଗ ଉଠାଇଛି । କିନ୍ତୁ ଏଥିରେ କିଛି ନୂତନତ୍ୱ ନାହିଁ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି । ସୋନିଆ ଗାନ୍ଧୀଙ୍କ ସମୟରୁ କଂଗ୍ରେସ ଦଳ ସଂସଦରେ ମହିଳା ସଂରକ୍ଷଣ ବିଲ୍‌କୁ ପାରିତ କରିଥିଲା, କିନ୍ତୁ ଗ୍ରହଣ କରାଗଲା ନାହିଁ । ଏଣୁ କଂଗ୍ରେସ ଦଳ ପ୍ରଥମେ ମହିଳା ସଂରକ୍ଷଣ କଥା ଉଠାଇଛି । କଂଗ୍ରେସ ଏକମାତ୍ର ଦଳ ଯିଏକି ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବାଚସ୍ପତି ଭଳି ଉଚ୍ଚ ଆସନରେ ମହିଳାଙ୍କୁ ଦାୟିତ୍ୱ ଦେଇଛନ୍ତି । ସେହଭଳି ଓଡିଶାରେ ମଧ କଂଗ୍ରେସ ମହିଳାଙ୍କୁ ପ୍ରାଧାନ୍ୟ ଦେଇ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଦେଇଛି । କେବଳ ପ୍ରଚାର ସର୍ବସ୍ୱ ନହୋଇ ବିଜେଡିର ଯଦି ପ୍ରକୃତରେ ଆନ୍ତରିକତା ଥାଏ ତେବେ ଏହି ବିଲ୍‌କୁ ପାରିତ କରିବାକୁ ଚେଷ୍ଟା କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ।

# ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ୪୫ତମ "ରେଜିଂ ଡେ" ପାଳନ



ପାରାଦ୍ୱୀପ,୦୧।୦୨ (ନି.ପ୍ର): ସୋମବାର ଦିନ ଭାରତୀୟ ତଟରକ୍ଷୀ ବାହିନୀ ଏହାର ୪୫ତମ "ରେଜିଂ ଡେ" ବା "ବୃଦ୍ଧି ଦିବସ" ପାଳନ କରିଛି । ଭାରତୀୟ ଅଞ୍ଚଳର ଉପକୂଳକୁ ସୁରକ୍ଷିତ ରଖିବା ପାଇଁ ୭ଗୋଟି ପୃଷ୍ଠଭୂମି ପ୍ଲାଟଫର୍ମରୁ ଆରମ୍ଭ କରି କୋଷ୍ଟଗାର୍ଡ ୧୫୬ଟି ଜାହଜ ଏବଂ ୬୨ଟି ବିମାନ ସହିତ ଏକ ଭରପୁର ଶକ୍ତିରେ ପରିଣତ ହୋଇଛି । ୨୦୨୫ ମସିହା ସୁଦ୍ଧା ୨୦୦ ଭୂପୃଷ୍ଠ ପ୍ଲାଟଫର୍ମ ଏବଂ ୮୦ ବିମାନର ଟାର୍ଗେଟେଡ୍ ଫୋର୍ସ ସ୍ତର ହାସଲ କରିବାର ଲକ୍ଷ୍ୟ ରଖିଛି । ବିଶ୍ୱର ଚତୁର୍ଥ ବୃହତ୍ତମ ତଟରକ୍ଷୀ ବାହିନୀ ଭାବେ, ଭାରତୀୟ ଉପକୂଳକୁ ସୁରକ୍ଷିତ ରଖିବା ଏବଂ ଭାରତର ସାମୁଦ୍ରିକ ଜୋନ ମଧରେ ନିୟମ ଲାଗୁ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କୋଭିଡ୍-୧୯ ପ୍ରତିବନ୍ଧକ ସତ୍ୱେ ପ୍ରାୟ ୫୦ଟି ଜାହାଜ ଏବଂ ୧୨ଟି ବିମାନ ନିୟୋଜିତ କରି ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳରେ ୨୪ଢ଼୭ ସଜାଗ ରହି ଆସିଛି । ଏଥି ମଧରେ ୧୫୦୦କୋଟି ଟଙ୍କା ମୂଲ୍ୟ ନିଷେଦ୍ଧାଦେଶ ଜବତ କରିଛି ଏବଂ ୧୦ରୁ ଅଧିକ ବିଦେଶୀ ମତ୍ସ୍ୟଜୀବି ଡଙ୍ଗା ସମେତ ୮୦ଜଣ ଦୃବୃତ୍ତଙ୍କୁ ଧରିଛି । ଏହି "ରେଜିଂ ଡେ" ପରିପ୍ରେକ୍ଷୀରେ ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷାମନ୍ତ୍ରୀ ଭାରତୀୟ ତଟରକ୍ଷୀ ବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି ବୋଲି ପାରାଦ୍ୱୀପ କୋଷ୍ଟଗାର୍ଡ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

# କୁଣ୍ଡପୁରରେ ବସୁଧା ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପିତ ଶୁଭ ଉଦ୍ଘାଟନ



ବସ୍ତା,୦୧।୦୨ (ନି.ପ୍ର): ଆଜି ବସ୍ତା ବ୍ଲକ୍ ଅଧୀନସ୍ଥ ବ୍ରାହ୍ମଣଦା ପଂଚାୟତ କୁଣ୍ଡପୁର ଗ୍ରାମରେ ୧କୋଟି ୩ଲକ୍ଷ ବ୍ୟୟ ଅଟକଳରେ ବସୁଧା ଯୋଜନା ମାଧମରେ ଗ୍ରାମ୍ୟ ପାନୀୟ ପାଇପ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା ବୁଗୁଡିଙ୍କ ତତ୍ୱାବଧାନରେ ମୁଖ୍ୟଅତିଥିଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଫିତା କାଟି ଉକ୍ତ ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ବିଜେଡି ରାଜ୍ୟସାଧାରଣ ସଂମ୍ପାଦକ ଶ୍ୟାମାପ୍ରସାଦ ବେହେରା ଯୋଗଦେବାସହିତ । ଉକ୍ତ ପ୍ରକଳ୍ପକୁ ୯ମାସ ମଧରେ ସମାପ୍ତ କରି କୁଣ୍ଡପୁର ଓ ହଳଦିଆପଡା ଗ୍ରାମର ଜଳା ଭାବକୁ ଦୂରକରି ୬ଶହରୁ ଉର୍ଦ୍ଧ୍ୱ ଘରକୁ ପାଇପ ଯୋଗେ ପାଣି ଯୋଗାଇବାକୁ ସକ୍ଷମ ହୋଇପାରିବ ବୋଲି ପି.ଡବ୍ଲ୍ୟୁ.ଇ ର କନିଷ୍ଠ ଯନ୍ତ୍ରୀ ବିନୋଦ ଦାସ ପ୍ରକାଶ କରିଥିଲେ । ଉକ୍ତ ଉଦ୍ଘାଟନ ଉତ୍ସବରେ ବରିଷ୍ଠ ବିଜେଡି ନେତା ମହାଦେବ ଦାସ, ବ୍ଲକ୍ ଅଧକ୍ଷ ଲକ୍ଷ୍ମୀଧର ଦାସ, ବିଜେଡି, ବ୍ଲକ୍ ସଭାପତି ଅନୀଲ କୁମାର ମହାନ୍ତି, ୧୪ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ବ୍ରାହ୍ମଣଦା ସରପଞ୍ଚ ପ୍ରତିନିଧି ସଞ୍ଜୟ ବୁଗୁଡି, ସମିତି ସଭ୍ୟ ରବୀନ୍ଦ୍ର ଦାସ, ବସ୍ତା ମିଡିଆ ସେଲ ସଂଯୋଜକ ବିରାଜ ସିଂଦେଓ ଦେବାଶିଷ କର ବ୍ରାହ୍ମଣଦା ପଞ୍ଚାୟତ ସଭାପତି ନିଗମାନନ୍ଦ ଗିରି ପରିଚାଳନା ଦାଇତ୍ୱ ବହନ କରିଥିବାବେଳେ, ହରିପଦ ବେହେରା ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମହାସମାରୋହରେ ଉଦ୍‌ଘାଟିତ

ବାସୁଦେବପୁର,୦୧।୦୨ (ନି.ପ୍ର): ବାସୁଦେବପୁର ବ୍ଲକର ବରଣ୍ଡୁଆ ତୋଟା ପଡିଆରେ ୩୫ ତମ ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଦିବସରେ ପ୍ରଥମ ଲିଗ ମ୍ୟାଚରେ ୱାଦାଆଡିଆ କ୍ରିକେଟ କ୍ଲବ ସୋର ଓ ଅଭଣା ମଧରେ ଖେଳ ଅନୁଷ୍ଠିତ ହୋଇଥିଲା । ୱାଦାଆଡିଆ ସୋର ଟିମ ନିର୍ଦ୍ଧାରିତ ୨୦ ଓଭରରେ ୧୬୧ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ଅଭଣା ଟିମ ୧୪୮ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ବିଜୟ ଲାଭ କରିଥିଲେ ୱାଦାଆଡିଆ ସୋର । ଜାନୁଆରୀ ୩୧ ତାରିଖରେ ପ୍ରଥମ ଲିଗ ମ୍ୟାଚ ଓ ଫେବୃଆରୀ ୧ ତାରିଖରେ ଦ୍ୱିତୀୟ ଲିଗ୍ ମ୍ୟାଚ ହୋଇଥିଲା । ଦ୍ୱିତୀୟ ଲିଗ୍ ମ୍ୟାଚରେ ଅଂଶଗ୍ରହଣ କରିଥିଲେ ୟୁନିକ କ୍ରିକେଟ ଟିମ ଭଦ୍ରକ ଓ ମର୍ଣ୍ଣିଷ୍ଟାର ବାଲେଶ୍ୱର । ପ୍ରଥମେ ବ୍ୟାଟିଂ କରି ୟୁନିକ କ୍ରିକେଟ ଟିମ ଭଦ୍ରକ ସମସ୍ତ ଉଇକେଟ ହରାଇ ୧୩୫ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ମର୍ଣ୍ଣିଷ୍ଟାର କ୍ରିକେଟ ଟିମ ବାଲେଶ୍ୱର ୧୫ ଓଭର ଖେଳି ୩ ଉଇକେଟରେ ୧୩୬ ରନ ସଂଗ୍ରହ କରିଥିଲେ ଓ ବିଜୟ ଲାଭ କରିଥିଲେ । ମର୍ଣ୍ଣିଷ୍ଟାର ଟିମର ଖେଳାଳୀ ଆଲୋକ ଥମାସ ସର୍ବାଧିକ ୪୨ ବଲ ଖେଳି ୭୨ ରନ କରିଥିଲେ । ଏହି ଖେଳକୁ ପରିଚାଳନା କରିଥିଲେ ଅମ୍ପାୟାର ଶରତ ଜେନାଓ ହେମନ୍ତ ମଲିକ । ସ୍କୋର ବୋର୍ଡରେ ସହଯୋଗ କରିଥିଲେ ସନାତନ ଜେନା, ନଗେନ୍ଦ୍ର ଶିଅଳ ଓ ଧାରାବିବରଣୀ ପ୍ରଦାନ କରିଥିଲେ ମନୋଜ ସାହୁ ଓ ସୁଦର୍ଶନ ଜେନା । ଉପଦେଷ୍ଟା ସନ୍ତୋଷ ବେହେରା, ମାଧବାନନ୍ଦ ମହାନ୍ତି, ସୌରଭ ବିଶ୍ୱାଳ, ସୌଭାଗ୍ୟ ବିଶ୍ୱାଳ, ମହେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ରଙ୍ଗାରାଗର ସଂପାଦକ କବି ପ୍ରଦୀପ୍ର କୁମାର ମହାନ୍ତି ଉଭୟ ଟିମର ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଖେଳରେ ବରଣ୍ଡୁଆ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଦସ୍ୟ ପଦ୍ମଲୋଚନ ଜେନା, ସୁବ୍ରତ ଜେନା, ସରୋଜ ଜେନା, ମନୋରଂଜନ ଦଳେଇ, ଗୟାଧର ଦଳେଇ, ଅରୁଣ ଦଳେଇ, ରାଜେନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା କାଲି ତୃତୀୟ ଲିଗ ମ୍ୟାଚ ରୂପଖଣ୍ଡ ବାଲେଶ୍ୱର ଓ ରେମୁଣା ମଧରେ ଅନୁଷ୍ଠିତ ହେବ ।

## ଷ୍ଟାମ୍ପର ଘୋର ଅଭାବ : ଜନସାଧାରଣ ଅସୁବିଧାର ସମ୍ମୁଖୀନ

ଜଳେଶ୍ୱର, ୧/୨ (ନିପ୍ର) : ଜଳେଶ୍ୱର ଅଂଚଳରେ ୧୦ଟଙ୍କାରରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଷ୍ଟାମ୍ପ ପେପରର ଘୋର ଅଭାବ ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଳେଶ୍ୱର ଓ ଭୋଗରାଇର ଜମି ରେଜିଷ୍ଟ୍ରେସନ, ଏଗ୍ରୀମେଣ୍ଟ, ଏଫିଡେଭିଟ୍, ଛାତ୍ରଛାତ୍ରୀଙ୍କ ଲାଗି ଷ୍ଟାଇପେଣ୍ଟ, ମେଧାବୃତ୍ତି ଲାଗି ଆବଶ୍ୟକ ହେଉଥିବା ଷ୍ଟାମ୍ପ ପେପର ମିଳୁନାହିଁ । ତେଣୁ ଜଳେଶ୍ୱର ତହସିଲ, ସବ୍‌ରେଜେଷ୍ଟ୍ରି ଅଫିସ୍, କୋର୍ଟରେ ଏପରି ଅସୁବିଧା ୬ମାସ ହେବ ଲାଗି ରହିଥିଲେ ମଧ୍ୟ ଗତ ୨ ମାସ ହେବ ଅଳ୍ପ ଷ୍ଟାମ୍ପ ପେପର ଆଣି ସମସ୍ତ ଭେଣ୍ଡର ମାନଙ୍କ ମଧ୍ୟରେ ବଣ୍ଟନ କରାଯାଉଛି । ଭୁବନେଶ୍ୱର ଟ୍ରେଜେରୀ ଅଫିସ୍‌ରୁ ଜିଲା ଟ୍ରେଜେରୀ ଅଫିସ୍‌କୁ ପର୍ଯ୍ୟନ୍ତ ପରିମାଣର ଆସିଥିଲେ ମଧ୍ୟ ଜଳେଶ୍ୱର ଟ୍ରେଜେରୀକୁ ଦିଆଯାଇନାହିଁ । ଷ୍ଟାମ୍ପ ପେପର ଅଧିକ ବିକ୍ରି ହେଲେ ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇବ । କିନ୍ତୁ ବର୍ତ୍ତମାନ ଷ୍ଟାମ୍ପ ପେପର ଅଭାବ ଯୋଗୁଁ ରାଜସ୍ୱ କ୍ଷତି ଘଟୁଛି । ଖୁବ୍‌ଶୀଘ୍ର ଜିଲା ଟ୍ରେଜେରୀ କାର୍ଯ୍ୟାଳୟ ଜଳେଶ୍ୱରକୁ ଆବଶ୍ୟକ ପରିମାଣର ଷ୍ଟାମ୍ପ ପେପର ଯୋଗାଇବା ଲାଗି ଭେଣ୍ଡର ଏସୋସିଏସନ୍ ପକ୍ଷରୁ ଦାବି କରାଯାଇଛି ।

# ବ୍ରହ୍ମକୁମାରୀ ଓମ୍ ନିବାସରେ ୪୫ତମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର,୦୧।୦୨ (ନି.ପ୍ର): ବ୍ରହ୍ମକୁମାରୀଜ୍, ଓମ୍ ନିବାସରେ ୪୫ ତମ ବାର୍ଷିକ ଉତ୍ସବ ପାଳନତା ୨୬.୦୧.୨୦୨୧ ରିଖ ମଙ୍ଗଳବାର ଓମ୍ ନିବାସ, ସି-୧୫, ବାୟାବାବା ମଠ ରୋଡ, ୟୁନିଟ୍ -୯, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅରବିନ୍ଦ ଢାଳି, ମାନ୍ୟବର ଜୟଦେବ ବିଧାୟକ, ମୁଖ୍ୟବକ୍ତା ଭାବେ ରାଜଯୋଗୀ ବ୍ରହ୍ମାକୁମାର ପ୍ରଭାକର ଭାଇ ଯୋଗଦେଇ ସଂସ୍ଥା ଦ୍ୱାରା ପ୍ରଦତ୍ତ ରାଜଯୋଗର ମହତ୍ତ୍ୱକୁ ପ୍ରତିବାଦିତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଶ୍ରୀଯୁକ୍ତ ଯୁଗଳ କିଶୋର ସାହୁ ଯୋଗଦେଇ ସଂସ୍ଥାର ବିଶ୍ୱବ୍ୟାପୀ ସେବା ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ସହରର ବିଭିନ୍ନ ପ୍ରାନ୍ତରରୁ ବ୍ରାହ୍ମକୁମାରୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏହି ବାର୍ଷିକ ଉତ୍ସବରେ ପ୍ରଥମେ ସ୍ୱାଗତ ଭାଷଣ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ତା' ପରେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଭିଡିଓ ପ୍ରଦର୍ଶନୀ ମାଧମରେ ବାର୍ଷିକ ରିପୋର୍ଟର ବିବରଣୀ ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ରାହ୍ମକୁମାରୀ ଆଦିଶକ୍ତି ଓ ଛୋଟ ଛୋଟ ଶିଶୁ କଳାକାରମାନେ ନିଜର ନୃତ୍ୟ ପରିବେଷଣ କରି ସମସ୍ତଙ୍କର ମନ ମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ବ୍ରାହ୍ମକୁମାରୀ ତ୍ରିପୁରା ଭଉଣୀ । ଏଥିରେ ସଭାପତିତ୍ୱ କରିଥିଲେ ମୁଖ୍ୟ ସେବାକେନ୍ଦ୍ର ସଂଚାଳିକା ବ୍ରାହ୍ମକୁମାରୀ ଗୀତା ଭଉଣୀ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବାରିପଦା,୦୧।୦୨ (ନି.ପ୍ର): ଆଗକୁ ଆସୁଥିବା ପୌର ଓ ପଂଚାୟତ ନିର୍ବାଚନ ପାଇଁ ବିଜେଡି, ବିଜେପି ନିଜନିଜର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେଇଥିବା ବେଳେ, କଂଗ୍ରେସ ମଧ୍ୟ ପଛରେ ରହିବାକୁ ଚାହୁଁନାହିଁ । କଂଗ୍ରେସର ଜିଲ୍ଲା ପର୍ଯ୍ୟବେକ୍ଷକ ସୁଦର୍ଶନ ଦାସ ବାରମ୍ବାର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପଂଚାୟତ ବ୍ଲକ ଅଂଚଳ ବୁଲିବୁଲି କର୍ମୀ ସମ୍ମିଳନୀରେ ଯୋଗଦେଇ କର୍ମୀ ମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଦେବା ସହିତ ନେତା ମାନଙ୍କ ଭିତରେ ଥିବା ମନୋମାଳିନ୍ୟ ଦୂରକରି କର୍ମୀ ଓ ନେତା ମାନଙ୍କୁ ଗୁରୁମନ୍ତ୍ର ଦେବାର କାର୍ଯ୍ୟ କିଛିଦିନ ହେଲା ଜାରୀ ରଖିଛନ୍ତି ଏବଂ ଦୀର୍ଘଦିନ ଧରି ଶୁପ୍ତପ୍ରାୟ ରହିଥିବା ଜିଲ୍ଲା କଂଗ୍ରେସ ସଂଗଠନ ଏବେ ଚଳଚଂଚଳ ହେଉଥିବାର ଦେଖାଯାଉଛି । ଆଜି ବାରିପଦା ରୋଟାରୀ କ୍ଲବ ସମ୍ମିଳନୀକକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ଜିଲ୍ଲା ପ୍ରଭାରୀ ଶ୍ରୀ ଦାସ ଯୋଗଦେଇ ବାରିପଦା ପୌରପରିଷଦରେ ସିନଟେକ୍ସ ପାଣିଟାଙ୍କି କିଣାରେ ୩ ଲକ୍ଷ, ଟ୍ରଲିରିକସା କିଣାରେ ୫ଲକ୍ଷ, ହୁଇଲ ଗାରବେଜ ଡଷ୍ଟବିନ କିଣାରେ ୧୨ ଲକ୍ଷ ଟଙ୍କାର ଦୂର୍ନିତି ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାଯାଇଥିବାର ଅଭିଯୋଗ କରିବା ସହିତ କରୋନା ସମୟରେ ନିଯୁକ୍ତି ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରୁ ଆସିଥିବା ଅର୍ଥକୁ ହରିଲୁଟ କରାଯାଇଥିବାର ଅଭିଯୋଗ ଆଣିଛନ୍ତି । ସେହିପରି ବାରିପଦା ସହରଦେଇ ଯାଇଥିବା ୨ଟି ନଦୀ ଜରାଳି ଓ ସରାଳିର ଜମୀକୁ ପ୍ରସାଶନିକ ଉଦାସୀନତା କାରଣରୁ ଲୋକେ ଜବରଦଖଲ କରିନେବା ଫଳରେ ଏବଂ ପୌରପରିଷଦ ନଦୀର ଦୁଇପଟରେ ଗାର୍ଡୱାଲ ନିର୍ମାଣ କରିଦେଉଥିବାରୁ ନଦୀ ଗୁଡିକ ଏବେ ଡ୍ରେନରେ ପରିଣତ ହୋଇସାରିଲାଣି । ଏଣୁ ତୁରନ୍ତ ଜବରଦଖଲ ଜମୀ ଉଦ୍ଧାର କରାଯାଇ ନଦୀର ଗତିପଥକୁ ପୂର୍ବବତ ମୁକ୍ତ କରାଯିବା, ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବୁଢାବଳଙ୍ଗ ନଦୀକୂଳରେ ଆଡିବନ୍ଧ ନିର୍ମାଣ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିଜେ ବାରମ୍ବାର ପ୍ରତିଶୃତି ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟ ନହେବା, ସୁବର୍ଣ୍ଣରେଖା ବୃହତ ଜଳସେଚନ ପ୍ରକଳ୍ପ ଦୀର୍ଘ ୩୦ ବର୍ଷଧରି ଜିଲ୍ଲାରେ ସମ୍ପୂର୍ଣ୍ଣ ନହେବା, ସରକାରୀ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଭିତରେ ଟୋକନ ପାଇ ମଧ୍ୟ ଚାଷୀ ଧାନ ବିକ୍ରୟ କରି ନପାରିବା ଭଳି ବହୁ ସମସ୍ୟା ବିଷୟନେଇ ରାଜ୍ୟ ସରକାର ତଥା ଶାସକ ବିଜେଡି ଦଳକୁ ସମାଲୋଚନା କରି ଆଗାମୀ ଦିନରେ କଂଗ୍ରେସ ଜିଲ୍ଲାରେ ଲୋକଙ୍କ ହକ ପାଇଁ ଆନ୍ଦୋଳନ କରିବ ବୋଲି କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କରୋନା ବେଳର....

ଭାରତ ପାଇଁ ୨୭.୧ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି, ଆତ୍ମନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନା ପାଇଁ ୬୪ ହଜାର ୧୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଭାରତୀୟ ରେଳ ବିଭାଗ ପାଇଁ ରେକର୍ଡ ପରିମାଣର ୧ ଲକ୍ଷ ୧୦ ହଜାର ୫୫ କୋଟି ଟଙ୍କା ଆବଣ୍ଟିତ କରାଯାଇଛି, ଗ୍ରାମାଞ୍ଚଳରେ ଭିତିଭୂମିର ବିକାଶ ପାଇଁ ୩୦ହଜାର କୋଟି ଟଙ୍କାରୁ ୪୦ ହଜାର କୋଟି ଟଙ୍କାକୁ ବଢାଇଛନ୍ତି ସରକାର, ନିର୍ବାଚନ ହେବାକୁ ଥିବା ୪ଟି ରାଜ୍ୟ ଉପରେ ଫୋକସ କରି ସଡକ ଭିତ୍ତିଭୂମି ପାଇଁ ୨ ଲକ୍ଷ ୨୭ ହଜାର କୋଟି ବ୍ୟୟବରାଦ କରାଯାଇଛି । ତାମିଲନାଡୁ, ଆସାମ, ପଶ୍ଚିମବଙ୍ଗ ଓ କେରଳ ପାଇଁ ଟଙ୍କାର ବର୍ଷା ହୋଇଛି ।

## ଚଳିତ ବଜେଟରୁ ସିଂହଭାଗ ....

ସୃଷ୍ଟି କରିବା ସହ ରୋଜଗାର ଓ ବିକାଶକୁ ଗୁରୁତ୍ୱ ଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ଭାରତବର୍ଷରେ ସଫଳତାର ସହ ୮ କୋଟି ମହିଳାଙ୍କୁ ଉଜ୍ଜଳା ଯୋଜନାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯିବା ପରେ ପୁଣି ଥରେ ଏହାକୁ ଅଧିକ ୧ କୋଟି ମହିଳାଙ୍କୁ ଯୋଗାଇ ଦେବା ପାଇଁ ବଜେଟରେ ବ୍ୟବସ୍ଥା ହେବା ନେଇ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି । ଆତ୍ମନିର୍ଭର ଭାରତ ସ୍ୱାସ୍ଥ୍ୟ ଯୋଜନା ସହ ପିଇବା ପାଣି, ସହରାଂଚଳରେ ଘର ନିର୍ମାଣ ଓ ପୋଷଣ ଅଭିଯାନ ନାଗରିକଙ୍କ ସ୍ୱାସ୍ଥ୍ୟ ସହ ଜଡିତ । ବଜେଟ୍‌ରେ ଅର୍ଥମନ୍ତ୍ରୀ ଏହାକୁ ବିଶେଷ ମହତ୍ତ୍ୱ ଦେଇଛନ୍ତି । ଓଡିଶାରେ ପୋଷଣ ଅଭିଯାନରେ ଆମ ରାଜ୍ୟର ୧୦ଟି ଆକାଂକ୍ଷୀ ଜିଲ୍ଲା ପ୍ରାଥମିକତା ପାଇବ । ଅପରପକ୍ଷରେ ବଜେଟରେ ଢାଂଚାଗତ କ୍ଷେତ୍ର ତଥା ସଡକପଥ, ରେଳପଥ, ଅର୍ଥନୈତିକ କୋରିଡର ତଥା ମାନବ ସମ୍ବଳର ବିକାଶ ପାଇଁ ପ୍ରାଧାନ୍ୟ ଦିଆଯାଇଛି । ଚଳିତବର୍ଷର ବଜେଟ ଅପାର ସମ୍ଭାବନାର ରାଜ୍ୟ ଓଡିଶାର ଇସ୍ପାତ୍, ଖଣି କ୍ଷେତ୍ର ତଥା ମାନବପୁଞ୍ଜିର ଅନେକ ସମ୍ଭାବନା ଆଣିଛି । ଏହି ପରିପ୍ରେକ୍ଷୀରେ ଆଗାମୀ ୩ ବର୍ଷରେ ଦେଶରେ ହେବାକୁ ଥିବା ୭ଟି ଟେକ୍ସଟାଇଲ ପାର୍କରେ ଓଡିଶାକୁ ପ୍ରାଧାନ୍ୟ ମିଳିବ । ସେହିପରି ଓଡିଶାର ଭଦ୍ରକରେ ଆଇଓସିଏଲ ଦ୍ୱାରା ସୂତାର କାରଖାନା ପ୍ରତିଷ୍ଠା କରାଯାଉଛି । ଏହି ଦୃଷ୍ଟିରୁ ଓଡିଶାରେ ଦେଶର ଓ ବିଶ୍ୱର ଆବଶ୍ୟକତାକୁ ଦେଖି ଟେକ୍ସଟାଇଲ କ୍ଲଷ୍ଟର ନିର୍ମାଣ ହୋଇପାରିବ । ଏହା ଦ୍ୱାରା ଏହି କ୍ଷେତ୍ରରେ କାମ କରୁଥିବା ଓଡିଆମାନେ ଲାଭ ପାଇବେ ଏବଂ ଓଡିଶା ପାଇଁ ଅନେକ ସମ୍ଭାବନା ତିଆରି ହେବ । ମତ୍ସ୍ୟ ବ୍ୟବସାୟରେ ଅଗ୍ରଣୀ ରାଜ୍ୟ ଓଡିଶାର ପାରାଦୀପ ଠାରେ ବୃହତ ସମନ୍ୱିତ ମତ୍ସ୍ୟ ବନ୍ଦର ପ୍ରତିଷ୍ଠାର ଯୋଜନା ରଖାଯାଇଛି । ଏହିସବୁ ଯୋଜନାର ଲାଭ ଓଡିଶା ରାଜ୍ୟ ପାଇବ । ଶିକ୍ଷା କ୍ଷେତ୍ରରେ ଦେଖିବାକୁ ଗଲେ ଜନଜାତି ସଂପ୍ରଦାୟର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଷ୍ଠା ହୋଇଥିବା ଏକଲବ୍ୟ ବିଦ୍ୟାଳୟ ପାଇଁ ଚଳିତବର୍ଷ ୨୦ କୋଟିରୁ ବଢି ୩୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଏଥିରୁ ଲାଭମଧ୍ୟ ଓଡିଶା ପାଇବ । ସେହିପରି ନୂଆ ଜାତୀୟ ଶିକ୍ଷା ନୀତି ଜରିଆରେ ପିଲାଙ୍କୁ ପାଠପଢା ସହ ରୋଜଗାରଭିତିକ ଧନ୍ଦାମୂଳକ ଶିକ୍ଷା ପାଇଁ ନୂଆ ମଡେଲ ଆରମ୍ଭ କରାଯାଉଛି । ଏଥିରେ ୧୫ ହଜାର ସ୍କୁଲକୁ ଅଗ୍ରାଧିକାର ଦିଆଯିବ । ଏନଜିଓ ସହଭାଗୀତାରେ ୧୦୦ ସୈନିକ ସ୍କୁଲ ନିର୍ମାଣ କରାଯିବ । ଏହି ସବୁ ଦ୍ୱାରା ଓଡିଶା ଭଳି ରାଜ୍ୟକୁ ସୁଯୋଗ ମିଳିବ । ଏହି ବର୍ଷର ଆତ୍ମନିର୍ଭର ବଜେଟ୍ ଅର୍ଥନୀତିର ପୁନଃଉଦ୍ଧାର କରି ଏହାର ଅଭିବୃଦ୍ଧି କରିବ ଏବଂ ସମାଜର ସବୁ ଶ୍ରେଣୀ ଯଥା ଚାଷୀ, ଯୁବକ, ମହିଳା, ଶିଶୁ, ବରିଷ୍ଠ, ଶ୍ରମିକଙ୍କୁ ପ୍ରାଥମିକତା ଦେଇ ଦେଶ ପ୍ରଥମର ସଂକଳ୍ପକୁ ସୁଦୃଢ କରିବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ କରୋନା ଉପରାନ୍ତେ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ପ୍ରାଥମିକତା ଦିଆଯାଇଛି । କରୋନା ଟୀକାକରଣ ପାଇଁ ୩୫ ହଜାର କୋଟି ଟଙ୍କା ଆବଂଟନ କରାଯାଇଛି । ସାମଗ୍ରିକ ବଜେଟ ଦେଶ ଅର୍ଥନୀତିରେ ନୂଆ ସଂଚାର ଆଣିବ । କରଦାତା, ବରିଷ୍ଠ ନାଗରିକ କ୍ଷୁଦ୍ର ବ୍ୟବସାୟୀଙ୍କୁ ଟିକସରେ ରିହାତି ଦିଆଯାଇଛି । କରୋନା ଉପାରନ୍ତେ ୫ଟି ମିନି ବଜେଟ୍ ଉପସ୍ଥାପିତ କରାଯାଇଥିଲା, ଯାହା ୨୭.୧ କୋଟି ଅର୍ଥାତ୍ ଜିଡିପିର ୧୩ ପ୍ରତିଶତ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

## ୮ରୁ ଆରମ୍ଭ ହେବ ନବମ ....

ଶ୍ରେଣୀର ପିଲାଙ୍କ ପାଇଁ ଏକ ୟୁନିଟ ଟେଷ୍ଟ ହେବ ଏବଂ ବାର୍ଷିକ ପରୀକ୍ଷା ୨୦୨୧ ଏପ୍ରିଲ ଶେଷ ସପ୍ତାହରେ ହେବ । ମାତ୍ର ପୂର୍ବ ସୂଚୀ ଅନୁସାରେ ୧୦ମ ଏବଂ ୧୨ଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଶନିବାର ଓ ରବିବାର ଜାରି ରହିବ । ତେବେ ୧୦ମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ ହେବ । ପ୍ରଧାନଶିକ୍ଷକ ଓ ଅଧକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ସିଫ୍ଟରେ ଆସୁଥିବା ଶିକ୍ଷକମାନେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କୁ ପଢ଼ାଇବା ପରେ ଅପରାହ୍ନ ୧ଟା ୩୦ରେ ଘରକୁ ଫେରିଯିବେ । କିନ୍ତୁ ଦ୍ୱିତୀୟ ସିଫ୍ଟରେ ସ୍କୁଲ ଆସୁଥିବା ଶିକ୍ଷକମାନେ ୪ଟା ପର୍ଯ୍ୟନ୍ତ ସ୍କୁଲରେ ରହିବେ । ତେବେ ପାଠପଢା ସମୟରେ ପିଲାମାନଙ୍କୁ କୋଭିଡ୍ ଗାଇଡଲାଇନ୍ ପାଳନ କରିବାକୁ ପଡ଼ିବ । ଶ୍ରେଣୀଗୃହରେ ପିଲାମାନେ ସାମାଜିକ ଦୂରତା ପାଳନ କରି ବସିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ୧୮ରୁ ବିଧାନସଭା....

୧୯ ଓ ୨୦ ତାରିଖ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା କରାଯିବ । ୨୨ ତାରିଖରେ ବଜେଟ ଉପସ୍ଥାପନ କରିବେ ରାଜ୍ୟ ଅର୍ଥମନ୍ତ୍ରୀ । ୨୩ ତାରିଖ ଓ ୨୪ ତାରିଖ ଯଥାକ୍ରମେ ସରକାରୀ ଓ ବେସରକାରୀ କାର୍ଯ୍ୟଦିବସ ରହିଥିବା ବେଳେ ୨୫,୨୬ ଓ ୨୭ ତାରିଖ ବଜେଟ୍ ଉପରେ ଆଲୋଚନା କରାଯିବ । ମାର୍ଚ୍ଚ ୧ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଗୃହର ବୈଠକ ବସିବ ନାହିଁ । ମାର୍ଚ୍ଚ ୧୨ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ । ୧୨ ତାରିଖରେ ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ କରାଯିବ । ମାର୍ଚ୍ଚ ୧୩ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବ । ୩୧ ତାରିଖରେ ବିନିୟୋଗ ବିଲ୍ ଉପସ୍ଥାପିତ ହେବ । ସେହିପରି ଏପ୍ରିଲ ୩, ୬ ଓ ୮ ତାରିଖ ସରକାରୀ ଦିବସ ରହିଥିବା ବେଳେ ୫, ୭ ଓ ୯ ତାରିଖ ବେସରକାରୀ ଦିବସ ରହିଛି । ଏହା ମଧ୍ୟରେ ଫେବୃଆରୀ ୨୧, ୨୮,ମାର୍ଚ୍ଚ ୧୪, ୨୧, ୨୮ ଏବଂ ଏପ୍ରିଲ୍ ୪ ତାରିଖ ରବିବାର ପାଇଁ , ମାର୍ଚ୍ ୨୯ ତାରିଖ ହୋଲି , ଏପ୍ରିଲ ୧ ଓ ୨ ତାରିଖ ଯଥାକ୍ରମେ ଉତ୍କଳ ,ଦିବସ ଓ ଗୁଡ୍ ଫ୍ରାଇଡେ ପାଇଁ ଗୃହର ବୈଠକ ବସିବ ନାହିଁ । ସେହିପରି ମାର୍ଚ୍ଚ ୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଗୃହ ବନ୍ଦ ରହିବ ।

## ବଜେଟ୍ ଉପରେ ....

କେନ୍ଦ୍ରୀୟ ଟିକସରେ ଅଂଶ ପ୍ରାୟ ୧୦,୮୪୦ କୋଟି ହ୍ରାସ ପାଇଛି ଓ ଏହା ଫଳରେ ଓଡିଶା ପ୍ରଭାବିତ ହେବ ଏବଂ ୧୫ତମ ଅର୍ଥ ଆୟୋଗର ସୁପାରିସ ଅନୁଯାୟୀ ଭୂସମାନ୍ତର ଅଂଶ ୪.୬୨୯ ପ୍ରତିଶତରୁ ୪.୫୨୮ ପ୍ରତିଶତକୁ ହ୍ରାସ ପାଇବ । ଏହା ରାଜ୍ୟ ଉପରେ ଗୁରୁତର ପ୍ରଭାବ ପକାଇବ । ପେଟ୍ରୋଲ ଏବଂ ଡିଜେଲରେ ସେସ୍ ପ୍ରବର୍ତନ ଦ୍ୱାରା ରାଜସ୍ୱର କେନ୍ଦ୍ରୀକରଣ କେନ୍ଦ୍ର ରାଜ୍ୟ ଆର୍ଥିକ ସନ୍ତୁଳନକୁ ଦୁର୍ବଳ କରିବ । ତେବେ ବଜେଟକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବଜେଟରେ କେତେକ ସକରାତ୍ମକ ଦିଗ ରହିଛି । ସେଗୁଡ଼ିକ ହେଲା, ଅଭିବୃଦ୍ଧିକୁ ଗତିଶୀଳ କରିବା ପାଇଁ ଆର୍ଥିକ ନିଅଣ୍ଟକୁ ସମ୍ପ୍ରସାରଣ କରିବାକୁ ସାହାସିକ ନିଷ୍ପତି ନିଆଯାଇଛି । 'ଆତ୍ମନିର୍ଭରଶୀଳ ଭାରତ' ପାଇଁ ଏକ ମଧମ ଓ ଦୀର୍ଘକାଳୀନ ଦୃଷ୍ଟିଭଙ୍ଗୀ ରହିଛି । ଏହାସହିତ ଅଭିବୃଦ୍ଧି ପାଇଁ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦିଆଯାଇଛି । ବିକାଶମୂଳକ ଆର୍ଥିକ ପ୍ରତିଷ୍ଠାନର ପୁନଃପ୍ରଚଳନ, କୋଭିଡ୍ ଟୀକା ପାଇଁ ଅର୍ଥ ଆବଂଟନ, ଶିଳ୍ପ ଓ ନିର୍ଦ୍ଦିଷ୍ଟ କ୍ଷେତ୍ରଭିତିକରେ ହସ୍ତକ୍ଷେପ ପ୍ରସ୍ତାବ ସହ ସମାନୁପାତିକ ଆବଂଟନର ଆଶା କରାଯାଉଛି । ଓଡିଶା ଅନୁସରଣ କରୁଥିବା ଡିଜିଟାଲ୍ ବଜେଟ୍ ଭଳି କେନ୍ଦ୍ର ବଜେଟ୍ ଡିଜିଟାଲ୍ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ବଜେଟରେ ମହିଳା ସଶକ୍ତିକରଣ ଉପରେ ଧ୍ୟାନ ଦିଆଯାଇଥଇବାରୁ ମୁଁ ଆନନ୍ଦିତ । ୨୦୨୧-୨୨ରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡିଶାର ମମତା ଯୋଜନା ଗ୍ରହଣ କରାଯିବା ପରେ ଆମ ରାଜ୍ୟର ଫ୍ଲାଗସିପ୍ ମହିଳା ସଶକ୍ତିକରଣ ପଦକ୍ଷେପ ମିଶନ୍ ଶକ୍ତି ଦେଶ ପାଇଁ ବେଂଚମାର୍କ ପାଲଟିଛି । ମମତା ଏବଂ ମିଶନ ଶକ୍ତି ପରେ ମହିଳା ସଶକ୍ତିକରଣ ଦିଗରେ ପରବର୍ତୀ ଯୁକ୍ତିଯୁକ୍ତ ପଦକ୍ଷେପ ଲୋକସଭା ତଥା ରାଜ୍ୟସଭାରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିବାସହ ଆମେ ଏଥିପାଇଁ ସଂଗ୍ରାମ ଜାରି ରଖିବୁ ବୋଲି କହିଛନ୍ତି ।

## ୫ ଯାଏଁ ଶୀତରେ ଥରିବ ....

ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ସମ୍ବଲପୁର, ଅନୁଗୁଳ ଏବଂ ବରଗଡ଼ ଜିଲ୍ଲାର ଗୋଟିଏ ରୁ ଦୁଇଟି ସ୍ଥାନରେ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଅପରପକ୍ଷରେ ଏହି ସମୟ ମଧ୍ୟରେ ମାଲକାନଗିରି , କୋରାପୁଟ, ଗଜପତି, ରାୟଗଡ଼ା, ଗଞ୍ଜାମ, ଏବଂ କନ୍ଧମାଳ ଆଦି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି । ୨ ତାରିଖ ସକାଳୁ ୩ ତାରିଖ ସକାଳ ମଧ୍ୟରେ ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର,ମୟୁରଭଂଜ, ଦେବଗଡ, ବଲାଙ୍ଗୀର ଓ କନ୍ଧମାଳ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଓ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ବରଗଡ, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡା, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଓଡ଼ିଶାର ଏସବୁ ଜିଲ୍ଲାଗୁଡ଼ିକର ତାପମାତ୍ରା ଆଗାମୀ ୪ ଦିନ ପାଇଁ ସ୍ୱାଭାବିକ ତାପମାତ୍ରା ଠାରୁ ୩ ରୁ ୫ ଡିଗ୍ରୀ ସେଲିଅସ୍ କମ୍ ରହିବାର ସମ୍ଭାବନା ରହିଛି ଏବଂ ପରବର୍ତୀ ସମୟରେ ଏହା ୨ ରୁ ୩ ଡ଼ିଗ୍ରୀ ଯାଏଁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ।

## କଟକର ଘରୋଇ ....

ଏହା ଉପରେ କିଚେନ, ଟ୍ରେନିଂ ସେଣ୍ଟର ଥିବା ବେଳେ ସେଠାରୁ ନିଆଁ ବ୍ୟାପିଥିବା ଅନୁମାନ କରାଯାଉଛି । ସମସ୍ତଙ୍କ ସହଯୋଗରେ ରୋଗୀଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିବାରୁ କେହି ଏଥିରେ ଆହତ ହୋଇ ନାହାନ୍ତି । ତେଣୁ ଯେକୌଣସି ନର୍ସିଂହୋମକୁ ଲାଇସେନ୍ସ ଦେବା ପୂର୍ବରୁ ପୁଙ୍ଖାନୁପୁଙ୍ଖ ଭାବେ ସମସ୍ତ ଭିତିଭୂମିର ତଦନ୍ତ କରିବା ଆବଶ୍ୟକ । ସୂଚନାଯୋଗ୍ୟ, ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ ଭାବେ ତଦାରଖ କରାଯାଉ ନ ଥିବାରୁ ବାରମ୍ବାର ଏପରି ଅଘଟଣ ଘଟୁଥିବା ଅଭିଯୋଗ ହେଉଛି । କରୋନା ସମୟରେ ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲରେ ନିଆଁ ଲାଗିଥିବା ବେଳେ ବହୁ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ଏହାପରେ ଘଟଣାର ତଦନ୍ତ କରି ହସ୍ପିଟାଲକୁ କ୍ଲିନ୍ ଚିଟ ଦିଆଯାଇଥିଲା ।

# ଶିକ୍ଷ ବିଭାଗରେ ୫-ଟି ଓ ମୋ ସରକାର କାର୍ଯ୍ୟକାରିତାର ସମୀକ୍ଷା

ଭୁବନେଶ୍ୱର,୦୧।୦୨ (ନି.ପ୍ର): ରାଜ୍ୟରେ ଶିକ୍ଷ ପ୍ରତିଷ୍ଠା ପ୍ରକ୍ରିୟାକୁ ସୁଗମ କରିବା ସ୍ଥଳେ କୌଣସି ଅଧିକାରୀ ଏଥିରେ ଅଡୁଆ ସ୍ଥିତି ସୃଷ୍ଟି କରନ୍ତି ତେବେ ସଂପୃକ୍ତ ଅଧିକାରୀ ଏଥି ପାଇଁ ଦଣ୍ଡିତ ହେବେ ବୋଲି ଶିକ୍ଷ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ସୋମବାର ବିଭାଗର ୫-'ଟି' ଓ 'ମୋ ସରକାର' କାର୍ଯ୍ୟକାରିତା ଉପରେ ସମୀକ୍ଷାବେଳେ ପ୍ରକାଶ କରିଛନ୍ତି । ରାଜ୍ୟ ସରକାରଙ୍କ ମୋ ସରକାରର ଉଦ୍ଦେଶ୍ୟ ହିଁ ଲୋକଙ୍କୁ ସହଯୋଗ କରିବା । ତେଣୁ ଏଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ସେ ତାଗିଦ୍ କରିଥିଲେ । ଏହି ସମୀକ୍ଷାରେ ଶିକ୍ଷ ବିଭାଗରେ ମେକ୍ ଇନ୍ ଓଡ଼ିଶା ଅଧୀନରେ ୨୦୧୬ ମସିହାରୁ ୨୦୧୮ ଯାଏଁ ହୋଇଥିବା ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ୨୦୧୬ରେ ୬୧ଟି ପ୍ରକଳ୍ପ ବିଭାଗର ହସ୍ତଗତ ହୋଇଥିବାବେଳେ ନୀତିଗତ ଭାବେ ୫୦ଟିକୁ ମଂଜୁରୀ ପ୍ରଦାନ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ୨୯ଟି ଶିକ୍ଷ ସଂସ୍ଥାର ନିର୍ମାଣ କାର୍ଯ୍ୟ ଚାଲିଛି । ୬ଟି ଶିକ୍ଷାନୁଷ୍ଠାନ ତାଙ୍କ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି ବୋଲି ଜଣାପଡ଼ିଛି । ସେହିପରି ୨୦୧୮ ମସିହା ପାଇଁ ହସ୍ତଗତ ୧୧୨ ପ୍ରକଳ୍ପ ମଧ୍ୟରୁ ୧୦୦ଟିକୁ ମଂଜୁରୀ ପ୍ରଦାନ ସରିଛି । ଏଗୁଡ଼ିକ ମଧ୍ୟରୁ ୭୯ଟି ଇଡ୍‌କୋଙ୍କ ପ୍ରଦତ ଜମି ଗ୍ରହଣ କରିଛନ୍ତି । ୫୮ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି ଏବଂ ୫ଟି କାର୍ଯ୍ୟାରମ୍ଭ କରିସାରିଛି । ଯେଉଁ ଆବେଦନକାରୀ ସଂସ୍ଥାଗୁଡ଼ିକ ପରବର୍ତୀ କାର୍ଯ୍ୟକ୍ରମ ଭାବେ କୌଣସି ଯୋଗସୂତ୍ର ରକ୍ଷା କରୁନାହାନ୍ତି ସେଗୁଡ଼ିକୁ ବାଦ୍ ଦେବାକୁ ତାଲିକାଭୁକ୍ତ କରାଯାଉଛି । ପର୍ଯ୍ୟଟନ କ୍ଷେତ୍ରରେ କେତେକ ସଂସ୍ଥା ଆଦୌ ଆଗ୍ରହ ପ୍ରକାଶ କରୁନଥିବା ସମୀକ୍ଷାରୁ ଜଣାପଡ଼ିଛି । ତେବେ ପୋଷାକ ପ୍ରସ୍ତୁତି ଓ ଟେକ୍ସଟାଇଲ୍, ଏରୋସ୍ପେସ୍, ପେଟ୍ରୋକେମିକାଲ, ଖାଦ୍ୟ ପ୍ରକ୍ରିୟାକରଣ, ମେଟାଲ୍, ଲଜିଷ୍ଟିକ୍ ପରି କ୍ଷେତ୍ର ପାଇଁ ଆବେଦନ କରିଥିବା ସଂସ୍ଥାଗୁଡ଼ିକ ସହ ଇଫିକଲ ଯୋଗସୂତ୍ର ରକ୍ଷା କରି କିପରି ସେସବୁ ପ୍ରକଳ୍ପ ଅଗ୍ରଗତି କରିପାରିବ ସେଥିପାଇଁ ଉଦ୍ୟମ କରିବାକୁ କୁହାଯାଇଛି। କେତେକ ସଂସ୍ଥା ରାଜ୍ୟର ବିଭିନ୍ନ ଶିକ୍ଷପାର୍କ ସ୍ଥାନ ପରିଦର୍ଶନ କରିସାରିବା ପରେ ବି ତାଙ୍କର ଚୂଡ଼ାନ୍ତ ନିଷ୍ପତି ଜଣାଇନାହାନ୍ତି ।

# ଧାମନଗର- ଫଳପୁର ରାସ୍ତା ମରାମତି କାର୍ଯ୍ୟକୁ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ

ଧାମନଗର,୦୧।୦୨ (ନି.ପ୍ର): ଧାମନଗର- ଫଳପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ଆରଡ଼ି ରାସ୍ତାର ରକ୍ଷଣା ବେକ୍ଷଣ ପାଇଁ ଅର୍ଥ ମଞ୍ଜୁର ପରଠାରୁ ଦୁଇ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଓ ବାଦ ବିବାଦ ଜାରିରହିଛି। ଗତ କିଛିଦିନ ତଳେ ନିମ୍ନମାନର କାର୍ଯ୍ୟକୁ ନେଇ ଗଣମାଧ୍ୟମରେ ପ୍ରଚାର ପ୍ରସାର ପରେ ସ୍ଥାନୀୟ ବିଧାୟକ ତଥା ବିରୋଧିଦଳ ଉପନେତା ବିଷ୍ଣୁ ସେଠୀ ରାସ୍ତା ପରିଦର୍ଶନରେ ଆସିଥିଲେ। ରାସ୍ତାରୁ ଫଡା ଫଡ଼ା ହୋଇ ଉଠୁଥିବା ପିଚୁ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଠିକ୍ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ତା'ର କିଛିଦିନ ପରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ ଏହି ରାସ୍ତା ପରିଦର୍ଶନରେ ଆସି ଏହା ଠିକ୍ ଠାକ୍ ଚାଲିଛି ବୋଲି ସର୍ବ ସାଧାରଣରେ ମତ ରଖିଥିଲେ। ତେବେ ଯଦି ରାସ୍ତା ଭଲ ଥିଲା ସରକାରୀ ଦଳର ନିର୍ବାଚିତ ଜନପ୍ରତିନିଧି ମାନେ ସେଠାକୁ କ'ଣ ପାଇଁ ଯାଇଥିଲେ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ଦୋବଲ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଶ୍ନ କରିଥିଲେ। ୧୮ ଲକ୍ଷ ଟଙ୍କାରୁ କମ୍‌ରେ ଟେଣ୍ଡର ନେଇ କାର୍ଯ୍ୟ କରୁଥିବା ବିଜେଡ଼ି ସମର୍ଥିତ ପୂର୍ବତନ ସରପଞ୍ଚ ପ୍ରାର୍ଥି ତଥା ବରିଷ୍ଠ ଦଳିୟ ନେତାଙ୍କୁ ଜନ ଅସନ୍ତୋଷରୁ ରକ୍ଷା କରିବାପାଇଁ ସାଂସଦଙ୍କର ଏହି ପରିଦର୍ଶନ ଥିଲାବୋଲି ବିଜେପି ନେତା ଅଶୋକ ପୁହାଣ ଆରୋପ କରିବା ସହ ସାଂସଦଙ୍କ ଏପରି ମନ୍ତବ୍ୟକୁ ଘୋର ନିନ୍ଦା କରିଥିଲେ। ବିଜେପି ଫଳକ ରାଜନୀତି କିମ୍ବା ହୀନ ରାଜନୀତି କରେନାହିଁ ବୋଲି ସେମାନେ କହିବା ସହିତ ମାତ୍ର କୋଟିଏ ଟଙ୍କାର ରାସ୍ତା ମରାମତି କାର୍ଯ୍ୟକୁ ନେଇ ବିଜେଡିର ନେତାମାନେ ହୀନ ରାଜନୀତି କରୁଛନ୍ତିବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପିନେତାମାନେ ଦୋଷାରୋପ କରିଥିଲେ। ଧାମନଗର- ଫଳପୁର ରାସ୍ତାର ଜିରୋ ପଏଣ୍ଟ ଧାମନଗର ବଡ଼ବଜାର ଠାରୁ ପ୍ରାୟ ଏକ କିଲୋମିଟର ରାସ୍ତାର ଜବରଦଖଲ ଉଚ୍ଛେଦ କରାଯିବା ସହିତ ମରାମତି କାର୍ଯ୍ୟ କରାଯାଉ ବୋଲି ବିଜେପି ଭଦ୍ରକ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରେ ଦାବି କରିଛିବୋଲି ପ୍ରକାଶ କରିଥିଲେ।




# ରୋଟାରୀ କ୍ଲବର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ

ଜଳେଶ୍ୱର,୦୧।୦୨ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାମପଂଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଆପୋଲ କ୍ଲିନିକ୍ ସହାୟତାରେ ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ଓ ଇନରହୁଇନଲ କ୍ଲବ ଅଫ ସୁବର୍ଣ୍ଣରେଖା , ରାଇବଣିଆ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୧୪୧ଜଣ ରୋଗୀ ଚିକିତ୍ସିତ ହୋଇଥିବା ଜଣାଯାଇଛି । ଏଥିରେ ଆପୋଲ ହସ୍‌ପିଟାଲର ମୁଖ୍ୟ ଅଭିଷେକ ନନ୍ଦୀ, ଡ. ସଂଗ୍ରାମ ସାହୁ, ଡ. ସୁପ୍ରିୟା ଦାସ, ଡ. ଲକ୍ଷ୍ମୀଧର ଜେନା, ଜଗବଂଧୁ ବାରିକ, ଶ୍ରୀରାମ ରାଉ. ସକୁନ୍ତଳା ଦିନ୍ଦା ପ୍ରମୁଖ ଯୋଗ ଦେଇଥିବା ବେଳେ ଜଳେଶ୍ୱର ଥାନା ଆଇ.ଆଇ.ସି ମାନସ କୁମାର ଦେଓ ଏହାକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ସରପଂଚ ବବିତା ରାଉତ, ସମାଜସେବୀ ବ୍ରଜଗୋପାଳ ରାଉତ, ଗୌରଚନ୍ଦ୍ର ଘୋଷାଲ, ଶିକ୍ଷକ ସରୋଜ ପାଣିଗ୍ରାହୀ, ସଂଗଠନର ସଭାପତି ଡ. ଅଜିତ୍ କୁମାର ମହାନ୍ତି, ସଂପାଦକ ସୁନୀଲ କୁମାର ନାୟକ, ଡ. ଲଳିତ ରଂଜନ ସେନାପତି, କୁଂଜବିହାରୀ ପ୍ରଧାନ, ନୀଳକଣ୍ଠ ଖଣ୍ଡା, ସୁକୁମାର ରଣା, ଶ୍ୟାମଚରଣ ଦାସ, ସୁଧିର କୁମାର କର, ଅଶ୍ୱିନୀ କୁମାର ପାଠୀ, ପ୍ରାଣକୃଷ୍ଣ ଗିରି, ଆରତୀ ଦାସ, ମଧୁଛନ୍ଦା ମହାନ୍ତି ଙ୍କ ସହିତ ନଳିନୀ ଖଣ୍ଡା, ଅଂଜନା କର, ସାଧନା ପ୍ରଧାନ, ବୀଣାପାଣି ପ୍ରଧାନ, ଆନନ୍ଦିତା ଦାସ ପ୍ରମୁଖ ସହାୟତା କରିଥିଲେ । ଲକ୍ଷ୍ମଣନାଥ ୟୁଥ ଏସୋସିଏସନ୍ ପକ୍ଷରୁ ସମ୍ପାଦକ ପାର୍ଥ ଘୋଷାଲ, ସୁବ୍ରତ ଘୋଷାଲ, ସୁବ୍ରତ ପାଲ, ଚନ୍ଦନ କୁମାର ଭଂଜ, ଅଂଗନୱାଡି କର୍ମୀ କନ୍ୟାକୁମାରୀ ମିଶ୍ର, ସୁସ୍ମିତା ସାହୁ, ଆଶାକର୍ମୀ ଜ୍ୟୋସ୍ନା ପ୍ରଧାନ, ଛବିରାଣୀ ମିଶ୍ର, ପୁଷ୍ପାଞ୍ଜଳି ଟୁଡୁ ପ୍ରମୁଖ ସହାୟତା କରିଥିଲେ ।




## ପୂର୍ବତନ ଅତିରିକ୍ତ ଜିଲ୍ଲାପାଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୦୧।୦୨ (ନି.ପ୍ର): ପୁରୁଣାବଜାର ସଦାବର୍ତ୍ତ ମଠ ପରିସରରେ ମଠର ଟ୍ରଷ୍ଟି ତଥା ଭଦ୍ରକର ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଟ୍ରଷ୍ଟର ସଦସ୍ୟ, ସମାଜସେବୀ ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନିତ କରାଯାଇଛି। ଶ୍ରୀଯୁକ୍ତ ମିଶ୍ରଙ୍କ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଯୁଗ୍ମ ଶାସନ ସଚିବ ଭାବେ ବଦଳି ହୋଇଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲାରୁ ବିଦାୟ ନେବାକୁ ହୋଇଛି। ଏଥି ନିମନ୍ତେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଦାବର୍ତ୍ତ ମଠ ସଂସ୍କୃତ ଟୋଲ୍‌ର ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ସୂର୍ଯ୍ୟକାନ୍ତ ପାଢୀ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ମିଶ୍ର ସଦାବର୍ତ୍ତ ମଠର ଟ୍ରଷ୍ଟି ଭାବେ ଦାୟିତ୍ୱ ନେବା ପରଠାରୁ ମଠ ପ୍ରତି ତାଙ୍କର ଆନ୍ତରିକତା ଓ ନିଷ୍ଠା ଯୋଗ ମଠର ବହୁବିଧ ଉନ୍ନତି ସାଧନ ହୋଇ ପାରିଛି। ସେଥିଲାଗି ସେ ସଦାସର୍ବଦା ସ୍ମରଣୀୟ ଓ ପ୍ରଶଂସାର ପାତ୍ର। ତାଙ୍କ ସମୟରେ ମଠ ଜମିର ପୁନରୁଦ୍ଧାର ହେବା ସହି ବିଭିନ୍ନ ପର୍ବପର୍ବାଣୀ ପାଳନ ସୁଚାରୁ ଭାବେ ହୋଇଛି। ଶ୍ରୀଯୁକ୍ତ ମିଶ୍ର ଜଣେ ଅମାୟିକ ବ୍ୟକ୍ତିତ୍ୱ, ମିଷ୍ଟଭାଷୀ, ଦରଦୀ ମଣିଷ। ତାଙ୍କ ବଦଳି ଭଦ୍ରକବାସୀଙ୍କୁ ମାନସିକ ଆଘାତ ଦେଇଛି ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

# ଥଇଥାନ ପାଇଁ ଜିଲ୍ଲାପାଳଙ୍କଠାରେ ଉଚ୍ଛେଦ ପରିବାରଙ୍କ ଗୁହାରି



ବାଲେଶ୍ୱର,୦୧।୦୨ (ନି.ପ୍ର): ପ୍ରତିରକ୍ଷା ବିଭାଗ ରାସ୍ତା ନିର୍ମାଣ ପାଇଁ ସରକାରୀ ଜମିରୁ ଉଚ୍ଛେଦ ହେଉଥିବା ୨୦ ପରିବାର ଥଇଥାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ପରେ ଏବେ ଜିଲ୍ଲାପାଳଙ୍କଠାରେ ଗୁହାରୀ କରିଛନ୍ତି। କୁରୁଡ଼ା ପଞ୍ଚାୟତର ତାମୂଳିଆ ଫାଟକ ନିକଟ ମେଘଡମ୍ବରୁ ଓ ସରସ୍ୱତୀପୁର ମୌଜାର ସରକାରୀ ଜମିରେ ଦୀର୍ଘ ୪୦ ବର୍ଷ ଧରି ଏହି ପରିବାର ବସବାସ କରିଆସୁଥିଲେ। ଏମିତିକି ଏହି ପରିବାରଙ୍କ ମଧ୍ୟରୁ ଅନେକଙ୍କଚ ବିଗତ ଦିନରେ ସରକାରଙ୍କ ଆବାସ ଯୋଜନାରେ ଗୃହ ମଧ୍ୟ ମିଳିଛି। ଚାନ୍ଦିପୁରରୁ ଜାତୀୟ ରାଜପଥ ଛୁଇଁବାକୁ ଯାଉଥିବା ପ୍ରତିରକ୍ଷା ବିଭାଗର ନିର୍ମାଣଧୀନ ନୂଆ ରାସ୍ତା ପାଇଁ ସେମାନଙ୍କୁ ଏବେ ବେଘର କରାଯାଉଥିବା ଏହି ପରିବାରମାନେ କହିଛନ୍ତି। ରେମୁଣା ତହସିଲଦାରଙ୍କ ପକ୍ଷରୁ ସେମାନଙ୍କ ଉପରେ ଜାରି ହୋଇଥିବା ନୋଟିସରେ ଘର ଖାଲିକରି ଜାଗା ଛାଡ଼ିଦେବାକୁ କୁହାଯାଇଛି। ଏମିତିକି ଗତ ୨୯ ତାରିଖରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ପୁଲିସ ଫୋର୍ସ ସହ ଉଚ୍ଛେଦ ପାଇଁ ଆସିଥିଲା। ପୁଣି ୨ ତାରିଖରେ ଜବରଦସ୍ତ ଉଚ୍ଛେଦ ପାଇଁ ତହସିଲଦାର ଚେତାବନୀ ଦେଇଛନ୍ତି। ଏନେଇ ଏହି ପରିବାରମାନେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଅବଗତ କରିଥିଲେ। ଉଚ୍ଛେଦ ପରିବାରଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ସହ ଥଇଥାନ ବ୍ୟବସ୍ଥା କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଜିଲ୍ଲାପାଳଙ୍କୁ ରେଫର କରିଥିଲେ। ସେହିକ୍ରମରେ ୨୦ପରିବାର ଆଜି ଜିଲ୍ଲାପା କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ ସହ ସେମାନଙ୍କୁ ଥଇଥାନ ପାଇଁ ଗୁହାରୀ କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।

## ସି.ଏସ୍.ସିର ବ୍ଲକସ୍ତରୀୟ ତାଲିମ ଶିବିର

ଜଳେଶ୍ୱର, ୧/୨ (ନିପ୍ର) : ସରକାରଙ୍କ ଇ-ଗଭର୍ଣ୍ଣଂ ବାବଦରେ ଜଳେଶ୍ୱର ବ୍ଲକରେ ଥିବା ୧୦୦ରୁ ଉର୍ଦ୍ଧ୍ୱ ଜନସେବାକେନ୍ଦ୍ର ମାନଙ୍କର ପରିଚାଳକ/ପରିଚାଳିକା ମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ସ୍ଥିତ ସତ୍ୟନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ସିଏସିର ରାଜ୍ୟ ପ୍ରବନ୍ଧକ ଶୁଭେନ୍ଦୁ ପାଣ୍ଡିଆନ ଏବଂ ଜିଲା ପ୍ରବନ୍ଧକ ଅରୁପ କୁମାର ମହାପାତ୍ର ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ । ଜନସାଧାରଣ କିପରି ସହଜରେ ସମସ୍ତ ସରକାରୀ ସୁବିଧା ଜନସେବାକେନ୍ଦ୍ର ମାଧ୍ୟମରେ ପାଇପାରିବେ ସେ ସଂପର୍କରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ ।

# ଭଦ୍ରକ ଜିଲ୍ଲା ମଧୁ ବୈଶ୍ୟ (ଗୁଡ଼ିଆ) ସମାଜର ୭ମ ବୈଠକ

ଭଦ୍ରକ,୦୧।୦୨ (ନି.ପ୍ର): ଭଦ୍ରକ ପୁରୁଣାବଜାର ଗଣେଶ ମଣ୍ଡପଠାରେ ଭଦ୍ରକ ଜିଲ୍ଲା ମଧୁ ବୈଶ୍ୟ (ଗୁଡ଼ିଆ) ସମାଜର ୭ମ ବୈଠକ ଜିଲ୍ଲା ସଭାପତି ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୁଡ଼ିଆ ସମାଜର ଉତ୍ଥାନ କିପରି ହେବ ଓ ସଂଗଠନ କିପରି ଜିଲ୍ଲାସ୍ତରରେ ସମସ୍ତ ପଂଚାୟତକୁ ବିସ୍ତାର କରିବ ସେ ବିଷୟରେ ସମସ୍ତ ସଭ୍ୟ ଯତ୍ନବାନ ହେବାକୁ ସଂକଳ୍ପ କରିଥିଲେ। ଉକ୍ତ ସମାବେଶ ରାଜ୍ୟ ସଂଗଠନ, ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ସଂପାଦକ କୈଳାସ ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ସଂଗଠନ ଘରେ ଘରେ କିପରି ପହଞ୍ଚିବ ସେ ଦିଗରେ ସମସ୍ତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ସମାଜ ପକ୍ଷରୁ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର ହୋଇଥିଲା। ସମସ୍ତ ସଭ୍ୟମାନେ ମାସିକ ସଭ୍ୟ ଚାନ୍ଦାଦେଇ ଅନୁଷ୍ଠାନର ଆର୍ଥିକ ସ୍ୱଚ୍ଛଳ କରିବା ଦିଗରେ ଆଲୋଚନା କରିଥିଲେ। ଏହି ବୈଠକରେ ସଂଘର ଉପସଭାପତି ମନୋରଂଜନ ସାହୁ, ନରେନ୍ଦ୍ର ସାହୁ, ବାବୁରାମ ସାହୁ, ସହସଂପାଦକ ବୃନ୍ଦାବନ ସାହୁ, କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ସାହୁ, ଅନନ୍ତ ସାହୁ, ପୂର୍ବତନ ସଭାପତି କାର୍ତ୍ତିକ ସାହୁଙ୍କ ସମେତ ଅନ୍ୟୁନ ୧୫୦ ଜଣରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସଭା

ଖଇରା,୧।୦୨: (ନିପ୍ର)ଖଇରା ବ୍ଲକ ଗୋଳିହା ସ୍ଥିତ ଚଣ୍ଡିମାତା ଉଚ୍ଚବିଦ୍ୟାପିଠ ଗୋଳିହାରେ ବିଦ୍ୟାଳୟର କାର୍ଯ୍ୟରତ ସଂସ୍କୃତ ଶିକ୍ଷକ କୃପାସିନ୍ଧୁ ମହାନ୍ତିଙ୍କର ସରକାରୀ କାର୍ଯ୍ୟର ଶେଷ ଦିବସରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଶୁକ୍ଳ ସଭାପତିତ୍ୱ କରିଥିଲେ। ଜିଲ୍ଲା ଓସ୍ତା କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ସମ୍ମାନୀତ ଅତିଥି ଭାବେ ଓସ୍ତା ଖଇରା ମଣ୍ଡଳର ସମ୍ପାଦକ ସଦାନନ ପାଣିଗ୍ରାହି, ଯୁଗ୍ମ ସମ୍ପାଦକ ବିର୍ଷ୍ଣୁପ୍ରସାଦ ମିଶ୍ର, ପ୍ରାକ୍ତନ ସଭାପତି ମହେନ୍ଦ୍ର ପ୍ରସାଦ କବି, ନିର୍ମଳ ରାଉତ,ନରସିଂହ ଚରଣ ଦ୍ୱିବେଦୀ, ଗୋଳିହା ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟଙ୍କ ସମେତ ବିଦ୍ୟାଳୟର ପରିଚାଳା କମିଟିର ସଦସ୍ୟ ସଦସ୍ୟା ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମନେ ଯୋଗଦେଇ ଅବସର କାଳୀନ ଶିକ୍ଷକଙ୍କର ଛାତ୍ରବତ୍ସଳତା ଓ ସମୟାନୁବର୍ତ୍ତିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବସର ଗ୍ରହଣ କରୁଥିବା ଶିକ୍ଷକଙ୍କୁ ମାନପତ୍ର ଓ ଉପଢୋକନ ପ୍ରଦାନ କରିଯାଇଥିଲା । ସଭା ପରିଚାଳନାରେ ଶିକ୍ଷକ ମାନସ ଲେଙ୍କା , ଦୂର୍ଯ୍ୟଧନ ନାୟକଙ୍କ ସମେତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



# ଅଲ ଓଡିଶା ବ୍ୟାଙ୍କ ମିତ୍ର ସଂଘର ଜିଲ୍ଲାସ୍ତରୀୟ ବୈଠକ

ବାରିପଦା,୦୧।୦୨ (ନି.ପ୍ର): ବାରିପଦା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାଗୃହ ପରିସରରେ ଅଲ ଓଡିଶା ବ୍ୟାଙ୍କ ମିତ୍ର ସଂଘ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କ ମିତ୍ର ମାନେ ନିଜ ନିଜର ସମସ୍ୟାକୁ ଉପସ୍ଥାପନ କରିଥିଲେ । ଦୀର୍ଘଦିନ ଧରି ବହୁ ବ୍ୟାଙ୍କମିତ୍ର ନିଜର ପ୍ରାପ୍ୟ ପାଇନଥିବା ବେଳେ ଅନେକ ବ୍ୟାଙ୍କମିତ୍ର ସେମାନଙ୍କର ସମ୍ପୂର୍ଣ୍ଣ ଦରମା ନପାଇ ଅଧା ଦରମା ପାଉଥିବା, ସରକାରଙ୍କ ତରଫରୁ ଦିଆଯାଉଥିବା ଏଫଟିଏ ଏବଂ ମୋବାଇଲ ଆଲାଉନ୍ସ ଅଧିକାଂଶ ବ୍ୟାଙ୍କମିତ୍ର ୨୦୧୯ ମସିହା ଠାରୁ ପାଉନଥିବା ଅଭିଯୋଗ ଆଣିଥିଲେ । ତେବେ ଆଜିର ବୈଠକରେ ପରିଚୟ ପତ୍ର ପ୍ରଦାନ,ଡ୍ରେସକୋର୍ଡ଼ ପ୍ରଦାନ, ଦରମା ଟଙ୍କା ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବା, ବସିବା ପାଇଁ ନିର୍ଦ୍ଦିଷ୍ଟ ଚୌକି ରଖାଯିବା, ଦରମା ବୃଦ୍ଧି କରାଯିବା ଆଦି ପାଂଚ ଦଫା ଦାବି ନେଇ ସରକାରଙ୍କୁ ଜଣେଇବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଜିଲ୍ଲାର ସ୍ଥାୟୀ ସଭାପତି ଯାଜ୍ଞସେନୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଶୋଭା ପରିଚାଳନା ହୋଇଥିବା ବେଳେ ଅଲ ଓଡିଶା ବ୍ୟାଙ୍କମିତ୍ର ସଂଘର କାଯ୍ୟକାରୀ ସଭାପତି ରଞ୍ଜନ କୁମାର ନାୟକ ଏହି ବୈଠକରେ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦିକା ଇତିଶ୍ରୀ ଦାସ, ଉପ-ସଭାପତି ରୀତାରାଣୀ ବେହେରା, କୋଷାଧ୍ୟକ୍ଷ ଅରୁଣା ବେହେରା, ଲୀଳାବତୀ ମହାନ୍ତ, ଦିବ୍ୟଜ୍ୟୋତି ମହାନ୍ତ , ରୀନା ମହାନ୍ତ, ତଥା ନଅ ଗୋଟି ବ୍ଲକର ବ୍ୟାଙ୍କମିତ୍ର ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



# ଦରଡାରେ ମଦ ବିରୋଧୀ ଆନ୍ଦୋଳନ ତେଜିଲା: ଏଗ୍ରେସିଭ୍ ମୋଡରେ ଅଞ୍ଚଳବାସୀ

ରୂପସା,୦୧।୦୨ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ ଦରଡା ପଂଚାୟତରେ ଠିପି ଖୋଲା ମଦ ଦୋକାନ ଖୋଲିବାକୁ କେନ୍ଦ୍ର କରି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଆଜି ଦରଡା ଗ୍ରାମର ଅଧିବାସୀ ଜିଲ୍ଲାପାଳ ଓ ଅବକାରୀ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏହାପରେ ସଂଧାରେ ଦରଡା ଗ୍ରାମ ପଂଚାୟତର ଜନସାଧାରଣଙ୍କ ତରଫରୁ ସ୍ଥାନୀୟ ମନ୍ଦିର ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳମତ ଉର୍ଦ୍ଧ୍ୱରେ ରହି ଉକ୍ତ ମଦ ଦୋକାନକୁ ତୀବ୍ର ବିରୋଧ କରାଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀ ଉକ୍ତ ସମ୍ମିଳନୀରେ ପ୍ରକାଶ କରି କହିଥିଲେ ଯେ, ଏଠାରେ ସ୍କୁଲ, କଲେଜ, ମନ୍ଦିର, ମସଜିଦ ଥିଲାବେଳେ କାହା ଇଙ୍ଗିତରେ କେଉଁ ସ୍ୱାର୍ଥରେ ମଦ ଦୋକାନ ଖୋଲାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମଦ ଦୋକାନ ଖୋଲାଗଲେ ଜନସାଧାରଣଙ୍କ ତରଫରୁ ଜୋରଦାର୍ ଆନ୍ଦୋଳନ କରାଯିବାକୁ ଚରମ ଚେତାବନୀ ଦିଆଯାଇଛି। ଉକ୍ତ ବୈଠକରେ ଗ୍ରାମବାସୀଙ୍କ ତରଫରୁ ପ୍ରଦୀପ ବିଶ୍ୱାଳ , ଫର୍ଣ୍ଣାଲ ବିଶ୍ୱାଳ, ରବୀନ୍ଦ୍ର ଚାନ୍ଦ, ଶମ୍ଭୁନାଥ ସେଠୀ,ସରୋଜ ମହାପାତ୍ର, ଜୟନ୍ତ ମହାପାତ୍ର, ଦିଲ୍ଲୀପ ମହାପାତ୍ର, ଶମ୍ଭୁନାଥ ବିଶ୍ୱାଳ, ଗଦାଧର ବିଶ୍ୱାଳ,ସଂଜୟ ସାମଲ, ସୁଜିତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ୧ କେଜି ଭାଂଗ ଜବତ୍

ଜଳେଶ୍ୱର, ୧/୨ (ନିପ୍ର) : ନିଶାକାରବାର ଭୂସ୍ୱର୍ଗ ପାଲଟିଥିବା ଜଳେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ନିଶାଦ୍ରବ୍ୟ ଚୋରାଚାଲାଣ କରାଯାଉଥିବା ଜଣାଯାଇଛି । ଘରେ ଭାଂଗ ରଖିଥିବା ବିଶେଷ ସୂତ୍ରରୁ ଖବର ପାଇ ଜଳେଶ୍ୱର ଥାନା ଆଇଆଇସି ମାନସ କୁମାର ଦେଓ ସଦଳବଳେ ଜଳେଶ୍ୱର ମ୍ୟୁନିସିପାଲଟିର ରାଜପୁର ଅଂଚଳରେ ଥିବା ସେକ୍ ଆଜାରୁଦ୍ଦିନଙ୍କ ଘର ଉପରେ ଅତର୍କିତ ଚଢାଉ କରିଥିଲେ । ଚଢାଉ ସମୟରେ ତା ଘରେ ୧ କେଜିରୁ ଉର୍ଦ୍ଧ୍ୱ ଭାଂଗ ଜବତ୍ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଥିବା ଜଳେଶ୍ୱର ଥାନା ସୂତ୍ରରୁ ପ୍ରକାଶ ।

# ମା ବୁଢୀ ଜାଗୁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଆରସି କ୍ଲବ ରଫାୟତପୁର ଚମ୍ପିୟାନ

ଖଇରା,୧।୦୨: (ନିପ୍ର) ଖଇରା ବ୍ଲକ ମାଖନପୁର ପଞ୍ଚାୟତ ମା ବୁଢୀ ଜାଗୁଳାଇ କ୍ରିକେଟ କ୍ଲବ ଦ୍ୱାରା ଏକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହି ଟୁର୍ଣ୍ଣାମେ ରେ ଆଠଟିଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲକୁ ଆରସି କ୍ଲବ ରଫାୟତପୁର ଓ ଡେଞ୍ଚର ଇଲେଭେନ ଛତରା ଉନ୍ନୀତ ହୋଇଥିବାବେଳେ ରଫାୟତପୁର ପ୍ରଥମେ ଟସଜିତି ବ୍ୟାଟିଙ୍ଗ ପାଇଁ ନିଷ୍ପତି ଗ୍ରହଣ କରିଥିଲା ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୩୨ରନ ସଂଗ୍ରହ କରିଥିଲା ଜବାବରେ ଡେଞ୍ଚର ଇଲେଭେନ ଛତରା ୧୦ଓଭରରେ ସମସ୍ତ ୱିକେଟ ହରାଇ ୧୦୨ ରନକରି ପରାଜୟର ସାମ୍ନା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ରଫାୟତପୁର ଚମ୍ପିୟାନ ହୋଇଥିଲା। ଫାଇନାଲ ମ୍ୟାଚରେ ରଫାୟତପୁରର ସୁଜିତ କୁମାର ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ହୋଇଥିବାବେଳେ ରଫାୟତପୁରର ବେଷ୍ଟ ବୋଲର ମଳୟ । ଏହି ଟୁର୍ଣ୍ଣାମେଣ୍ଟରେ ମାଖନପୁର ପଞ୍ଚାୟତର ସମିତିସଭ୍ୟା ଉଦଘାଟନୀ ଦିବସରେ ଜୟନ୍ତି ପାଣି ଯୋଗଦେଇଥିବାବେଳେ ରନର୍ସଫ ଦଳକୁ ୩୫୦୦ଟଙ୍କା ଓ ଚାମ୍ପିୟାନ ଦଳକୁ ୪୫୦୦ଟଙ୍କାର ଅର୍ଥରାଶି ପୁରସ୍କାର ହିସାବରେ ପ୍ରଦାନ କରିଥିଲେ । ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର କର୍ମକର୍ତ୍ତା ରଞ୍ଜନ କୁମାର ପାଣି ,ଦୁର୍ଯ୍ୟଧନ ବେହେରା, କମଳଲୋଚନ ବେହେରା, ସୁବ୍ରତ ବେହେରା, ନାରାୟଣ ପ୍ରସାଦ ବେହେରା, ଅର୍ଜୁନ କୁମାର ରାଉଳ, କୀର୍ତ୍ତୀବିଜୟ ବେହେରା, ଦିବ୍ୟଜ୍ୟୋତି ବେହେରା,ଶରତ କୁମାର ଶିଅଳ, ସତ୍ୟବ୍ରତ ପଣ୍ଡା, ଦୁଃଶାସନ ବେହେରା, ଉମେଶ ବେହେରା, ରମେଶ ବେହେରା ସହଯୋଗ କରିଥିବାବେଳେ ଅମ୍ପିୟାର ମକୁନ୍ଦ କୁମାର ଗିରି, ମନୋରଞ୍ଜନ ସାହୁ ଖେଳକୁ ପରିଚାଳନା କରିଥିଲେ ।



WORKS DEPARTMENT
OFFICE OF THE EXECUTIVE ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-E.E.-35/2020-21

1. Number of works - 1 (Onen) number of work
2. Approximate estimated cost: - 10.23 Lakh
3. Period of Completion: - 4 (Four) Calendar months
4. Date & Time of availability of bid documents in the portal :- Dt. 02.02.2021 to 09.02.2021
5. Last Date / Time of receipt of bid in the portal :- Dt. 09.02.2021 up to 4.00 PM
6. Date of Opening of bid :- Dt. 10.02.2021 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Executive Engineer
Mayurbhanj (R&B) division

I & PR : 34025/11/0017/2021

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo